


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୧୯ ● ୧୭ ଡିସେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-319 ● 17th December 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡ଼ିଭାଇସ ନୀତି-୨୦୨୫ର ଶୁଭାରମ୍ଭ

# ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶା ଫାର୍ମା କ୍ଷେତ୍ରରେ ନୂତନ ଶିଖର ଛୁଇଁବ

**ଭୁବନେଶ୍ୱର, ୧୬।୧୨**
**ନ୍ୟୁଜ୍ ବ୍ୟୁରୋ**

ଗୁଣାତ୍ମକ ଔଷଧ ଉତ୍ପାଦନ ଏବଂ ଚିକିତ୍ସା ପାଇଁ ଉନ୍ନତ ମାନର ଡ଼ିଭାଇସ ପ୍ରସ୍ତୁତ କରି ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଫାର୍ମା କେନ୍ଦ୍ର ଭାବରେ ଉଭା ହେବା ପାଇଁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ହୋଟେଲ ତାଜ ଭିଭାନ୍ତା ଠାରେ ଆୟୋଜିତ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫କୁ ସମ୍ବୋଧନ କରି କହିଛନ୍ତି।

ସୂଚନା ଯୋଗ୍ୟଯେ ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମୁଦାୟ ୬,୨୬୩ କୋଟି ଟଙ୍କାର ୪୫ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ରାଜ୍ୟରେ ସମୁଦାୟ ୩୮,୪୦୬ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେଥି ମଧ୍ୟରୁ ଫାର୍ମାସ୍ୟୁଟିକାଲସ ପାଇଁ ୩୨ଟି



ବୁଝାମଣାପତ୍ର, ମେଡିକାଲ ଉପକରଣ ପାଇଁ ୧୨ଟି ବୁଝାମଣାପତ୍ର ଏବଂ ଏକ ଲ୍ୟାଣ୍ଡମାର୍କ ଶିଳ୍ପ ପାର୍କ ପ୍ରସ୍ତାବ ପାଇଁ ଆଉ ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ, ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡ଼ିଭାଇସ ନୀତି ୨୦୨୫ ର ଶୁଭାରମ୍ଭ କରିବା ସହିତ ଖୋର୍ଦ୍ଧା ଠାରେ ଗୋଟିଏ ଉତ୍ସର୍ଗୀକୃତ ଫାର୍ମା ପାର୍କ ତଥା ଏକ ମେଡିକାଲ ଡ଼ିଭାଇସେସ୍ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାକୁ ନିବେଶକ ମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ କରିବାକୁ ସରକାର ସମସ୍ତ ପ୍ରକାର ଆବଶ୍ୟକତାକୁ ପୂରଣ କରୁଛନ୍ତି। ଏଥିସହିତ *(ପୃଷ୍ଠା ୭ରେ)*

## ଡିଜିପିଙ୍କ ସମୀକ୍ଷା ବୈଠକ

# ନୂଆବର୍ଷରୁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ

**ଭୁବନେଶ୍ୱର, ୧୬।୧୨**
**ନ୍ୟୁଜ୍ ବ୍ୟୁରୋ**

ଇଂରାଜୀ ନବ ବର୍ଷ ୨୦୨୬ ଉପଲକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଲକ୍ଷାଧିକ ଭକ୍ତଙ୍କ ପୁରୀକୁ ଆସିବାର ସମ୍ଭାବନା ରହିଛି । ଭକ୍ତଙ୍କ ସୁରକ୍ଷା, ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ, ମନ୍ଦିର ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥାର ସୁସମନ୍ୱୟ ଓ ସୁପରିଚାଳନା ଉପରେ ମଙ୍ଗଳବାର ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଭୁବନେଶ୍ୱର ସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସହର ମଧ୍ୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମନ୍ଦିର ପରିସର ମଧ୍ୟରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ଼ ସୁନିୟନ୍ତ୍ରଣ, ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥାର ସୁପରିଚାଳନା, ସମୁଦ୍ର କୂଳରେ ପାଟ୍ରୋଲିଂ,



ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କରେ ସିସିଟିଭି ସ୍ଥାପନ, ହୋଟେଲ ଓ ଲଜ ଗୁଡିକରେ କଡା କଡ଼ି ଚେକିଂ ଭଳି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏଥି ସହ ବରିଷ୍ଠ ଅଧିକାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବା, ଭକ୍ତମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ ଏବଂ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ମୁକାବିଲା କରିବାକୁ ସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

ନବବର୍ଷ ପାଳନ ଅବସରରେ ପୁରୀରେ ସୁରକ୍ଷିତ, ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ ପୁଲିସ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ପୁରୀ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ବୈଠକରେ ନିର୍ଦ୍ଦେଶକ (ଗୁଇନ୍ଦା) ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ନକ୍ସଲ ବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା, *(ପୃଷ୍ଠା ୭ରେ)*

## ଧଉଳି ଘଟଣାରେ ସରକାର ଉଚିତ ପଦକ୍ଷେପ ନେବେ : ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ୧୬।୧୨**
**ନ୍ୟୁଜ୍ ବ୍ୟୁରୋ**

ଧଉଳି ଗଣଦୁଷ୍କର୍ମ ମାମଲା ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ସରକାର କୌଣସି ବି ଅପରାଧକୁ ଗୁରୁତର ସହ ବିଚାର କରି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବିଶେଷ କରି ମହିଳା ସଂକ୍ରାନ୍ତୀୟ ଅପରାଧ ଉପରେ କାର୍ଯ୍ୟାନୁଷ୍ଠନ ନେଇଛନ୍ତି ସରକାର। ସବୁ ମାମଲାରେ ଯଥାର୍ଥ ପଦକ୍ଷେପ ନେବା ସହ ଗିରଫଦାରୀ ହୋଇଛି। ଧଉଳି ଘଟଣାରେ ବି ସରକାର ଉଚିତ ପଦକ୍ଷେପ ନେବେ। ସରକାର ଫାଷ୍ଟ ଟ୍ରାକ ମହିଳା କୋର୍ଟ ବାବଦରେ ଚିନ୍ତା କରୁଛନ୍ତି। ମହିଳାଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ସେ କହିଛନ୍ତି।

## ଚାଷ, ସ୍ୱାସ୍ଥ୍ୟ ଓ ଡିଜିଟାଲ ସମାବେଶରେ ଭାରତର ଅନୁଭବର ଲାଭ ଉଠାଇପାରିବ ଜୋର୍ଡାନ

**ନୂଆଦିଲ୍ଲୀ, ୧୬।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର 'ଭାରତ–ଜୋର୍ଡାନ ବିଜିନେସ୍ ମିଟ୍'କୁ ସମ୍ବୋଧନ କରି କୃଷି, ସ୍ୱାସ୍ଥ୍ୟ ଓ ଡିଜିଟାଲ ସମାବେଶ କ୍ଷେତ୍ରରେ ସହଯୋଗ ପ୍ରସ୍ତାବ ରଖିଛନ୍ତି। ସେ କହିଛନ୍ତି ଯେ ଐତିହାସିକ ବିଶ୍ୱାସ ଓ ଭବିଷ୍ୟତ ଆର୍ଥିକ ସୁଯୋଗ ଦୁଇ ଦେଶକୁ ପରସ୍ପର ସହ ଯୋଡ଼ି ରଖିଛି।

ମଙ୍ଗଳବାର ଭାରତ–ଜୋର୍ଡାନ ବ୍ୟବସାୟ ମଞ୍ଚରେ ପ୍ରଧାନମନ୍ତ୍ରୀ ଜୋର୍ଡାନର ରାଜା କିଙ୍ଗ ଅବ୍ଦୁଲ୍ଲା ଦ୍ୱିତୀୟ ଓ ତାଙ୍କର ଯୁବରାଜ ଆଲ୍–ହୁସେନ *(ପୃଷ୍ଠା ୭ରେ)*



## ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ଲାଭାଂଶ ପ୍ରଦାନ

**ଭୁବନେଶ୍ୱର, ୧୬।୧୨**
**ନ୍ୟୁଜ୍ ବ୍ୟୁରୋ**

ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ମଙ୍ଗଳବାର ଓଡ଼ିଶା ରାଜ୍ୟ ସରକାରଙ୍କୁ ଲାଭାଂଶ (ଡିଭିଡେଣ୍ଡ୍) ଅର୍ଥ ପ୍ରଦାନ କରାଯାଇଛି । ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ୮୧,୫୯,୮୪୫/– ଟଙ୍କା ଲାଭାଂଶ ପ୍ରଦାନ କରାଯାଇଛି । ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ଲାଭାଂଶ ରାଶି ପ୍ରଦାନ କରିଛନ୍ତି ।

୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ନିଗମର ମୋଟ ଲାଭ ହେଉଛି ୫,୪୩,୯୮,୯୬୫/– ଟଙ୍କା । ଏହି ବର୍ଷ ପାଇଁ ମୋଟ ଲାଭର ୩୦% ହିସାବରେ ଡିଭିଡେଣ୍ଡ୍ ରାଶି ହେଉଛି ୧,୬୩,୧୯,୬୯୦/ ଟଙ୍କା । ଏହି ଡିଭିଡେଣ୍ଟ ରାଶିକୁ ଉଭୟ ଅଂଶୀଦାର ଯଥା ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଭଣ୍ଡାରଣ ନିଗମଙ୍କୁ ସମ ପରିମାଣରେ ଅର୍ଥାତ ପ୍ରତିଟି ଅଂଶୀଦାରଙ୍କୁ ୮୧,୫୯,୮୪୫/– ଟଙ୍କା ପ୍ରଦାନ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ, ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ପଣ୍ୟାଗାର ନିଗମର ସଚିବ ରଞ୍ଜିତା ସାହୁ, ବିତ୍ତ ପରାମର୍ଶଦାତା ସ୍ମିତାଞ୍ଜଳି ସ୍ୱାଇଁ, ମୁଖ୍ୟ ସାଧାରଣ ପରିଚାଳକ ତୃପ୍ତି କଲ୍ୟାଣ ସେଠୀ, ଯୁଗ୍ମ ସଚିବ ସଂଗ୍ରାମ ରାଉତ, ଜେଆରସିଏସ ଲିଙ୍ଗରାଜ ନାୟକ, ବରିଷ୍ଠ ଅଧୀକ୍ଷକ ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ସୁଧାରିତ କ୍ରୟ ପ୍ରଣାଳୀ ଓ ସଂରକ୍ଷଣ ବ୍ୟବସ୍ଥାରୁ ଓଡ଼ିଶାର କୃଷକ ଆୟ ଧିରେ ଧିରେ ବୃଦ୍ଧି।
- ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ନୂତନ ବିଦ୍ୟୁତ ଯାନ ଚାର୍ଜିଂ କେନ୍ଦ୍ର ସ୍ଥାପନ ଯୋଜନା।
- ଗ୍ରାମୀଣ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନେ ସଫଳ ବ୍ୟବସାୟରେ ଅଗ୍ରଗତି।
- ମୟୂରଭଞ୍ଜ ଜଙ୍ଗଲରେ ସନ୍ଦେହଜନକ ବିସ୍ଫୋରଣ ହେତୁ ଗୋଟିଏ ହାତୀ ଗୁରୁତର ଭାବେ ଆହତ।
- ସରକାରୀ ସ୍କୁଲ୍‌ରେ ଶିକ୍ଷାର ଗୁଣମାନ ଓ ଛାତ୍ରଛାତ୍ରୀ ଉପସ୍ଥିତିରେ ଉଲ୍ଲେଖନୀୟ ସୁଧାର।
- ଗ୍ରାମୀଣ ସଡ଼କ ସଂଯୋଗ ବିସ୍ତାରରେ ରାଜ୍ୟ ସରକାରଙ୍କ ତ୍ୱରାନ୍ୱିତ କାର୍ଯ୍ୟ।

## ଯମୁନା ଏକ୍ସପ୍ରେସୱେରେ ଦୁର୍ଘଟଣା ପାଇଁ ପ୍ରଧାନମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ କ୍ଷତିପୂରଣ ଘୋଷଣା

**ନୂଆଦିଲ୍ଲୀ, ୧୬।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଉତ୍ତର ପ୍ରଦେଶର ମଥୁରାରେ ଯମୁନା ଏକ୍ସପ୍ରେସୱେରେ ଘଟିଥିବା ଭୟଙ୍କର ସଡ଼କ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ୬ ଜଣ ପ୍ରାଣ ହରାଇଛନ୍ତି ଏବଂ ୨୫ରୁ ଅଧିକ ଆହତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ପୀଡିତଙ୍କ ପାଇଁ କ୍ଷତିପୂରଣ ଘୋଷଣା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି ଯେ, ଯମୁନା ଏକ୍ସପ୍ରେସୱେ ଦୁର୍ଘଟଣାରେ ପ୍ରାଣହାନି ଗଭୀର ଦୁଃଖଦ ଘଟଣା। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି। ସେ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ସେ ଘୋଷଣା କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ ପାଣ୍ଠି (ପିଏମଏନଆରଏଫ)ରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ। ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ।

ଉଲ୍ଲେଖନୀୟ ଯେ, ମଙ୍ଗଳବାର ପ୍ରତ୍ୟୁଷରେ ମଥୁରା ଜିଲ୍ଲାରେ ଦିଲ୍ଲୀ–ଆଗ୍ରା ଯମୁନା ଏକ୍ସପ୍ରେସୱେରେ *(ପୃଷ୍ଠା ୭ରେ)*

## ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ବିରୋଧରେ ୧୩୪ଟି ମାମଲା ରୁଜୁ

**ଭୁବନେଶ୍ୱର, ୧୬।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଚୋରା ବାଲି, ମୋରମ, ମାଙ୍କଡା ପଥର ମାଫିଆ ତଥା ବେଆଇନ ଗୋ–ଚାଲାଣକାରୀଙ୍କ ବିରୋଧରେ ଓଡିଶା ପୋଲିସ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି କ୍ରମରେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଓ ଗୋ ଚାଲାଣ ଉପରେ ରୋକ ଲଗାଇବା ପାଇଁ କିଛି ଦିନ ଧରି ପୋଲିସ ତରଫରୁ 'ଅପରେସନ୍ ଧରପଗଡ' ଅଭିଯାନ କରାଯାଇଥିଲା । ରାଜ୍ୟ ତମାମ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଇଛି।

ଅଦ୍ୟାବଧି ସାରା ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ବିରୋଧରେ ୧୩୪ ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୬୩ ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଇଛି । ଏହା ସହ ୧୪ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ୯୨ରୁ ଅଧିକ ଲୋକଙ୍କୁ ନୋଟିସ ଦିଆଯାଇଛି । ମୟୂରଭଞ୍ଜ ଜିଲ୍ଲା ପୋଲିସ ୩୯ ଟି ମାମଲା ରୁଜୁ କରି ୪୫ ଟି ଯାନ, ବାଲେଶ୍ୱର ୩୨ ଟି ମାମଲା କରି ୬୭ ଟି ଯାନ, ଭଦ୍ରକ ଜିଲ୍ଲା ୧୮ ଟି ମାମଲା ସହ ୧୮ ଟି ଯାନ ଏବଂ ଗଞ୍ଜାମ ଜିଲ୍ଲା ୩୩ ଟି ମାମଲା ରୁଜୁ କରି ୩୩ ଟି ଯାନ ଜବତ କରିଛି । ସେହିପରି ବେଆଇନ ଗୋ–ଚାଲାଣ ଅଭିଯୋଗରେ ପୋଲିସ ୨୩ ଟି ମାମଲା ରୁଜୁ କରିବା ସହ ୩୧ ଜଣଙ୍କୁ ଗିରଫ କରିଛି ।

ରାଜ୍ୟରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିବା, ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବା, ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ, ଗୋ–ଚାଲାଣ ବିରୋଧରେ ପଦକ୍ଷେପ ନେବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ସେହି ଅନୁଯାୟୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲ୍ଲାର ଏସପି 'ଅପରେସନ୍ ଧରପଗଡ' ଅଭିଯାନରେ ସାମିଲ ହୋଇଥିଲେ ।

## ୨୦ କୋଟିର ଠକେଇ : ବନ୍ଧାହେଲେ ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ ଦମ୍ପତି

**ଭୁବନେଶ୍ୱର, ୧୬।୧୨**
**ନ୍ୟୁଜ୍ ବ୍ୟୁରୋ**

କ୍ରାଇମବ୍ରାଞ୍ଚର ଆର୍ଥିକ ଅପରାଧ ଶାଖା ୨୦ କୋଟି ଟଙ୍କା ଠକେଇ କରି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚନ୍ଦ୍ରଶେଖର ମିଶ୍ର ଓ ସ୍ତ୍ରୀ ଝରଣା ଗିରଫ କରିଛି । ସେମାନଙ୍କୁ ଗ୍ରେଟର ନୋଇଡାରୁ ଗିରଫ କରାଯାଇଛି । ଏମସିଏଲ ତାଳଚେରରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ଚନ୍ଦ୍ରଶେଖର ଓ ତାଙ୍କ ପତ୍ନୀ ଏକାଧିକ ଅର୍ଥଲଗାଣକାରୀ ସଂସ୍ଥା ଖୋଲି ଲୋଭନୀୟ ଅଫର ଦେବା ସହ ସେଥିରେ ଅର୍ଥ ଲଗାଣ କରିବାକୁ ଲୋକଙ୍କୁ ପ୍ରଲୋଭିତ କରିଥିଲେ । ଏପରିକି କମ୍ ସମୟରେ ଟଙ୍କା ଦୁଇଗୁଣା ହେବାର ପ୍ରତିଶ୍ରୁତି ଦେଇ ୨୦ କୋଟି ଟଙ୍କା ଲୋକଙ୍କ ଠାରୁ ନେଇ ଚମ୍ପଟ ମାରିଥିଲେ ।

## ଏକାଳ ପଖାଳ




ନିଲାମ ସରିଲା ଖେଳାଳିଙ୍କର
ଆଇପିଏଲ୍ ଦଳ ଖୁସି
ଏବେ ଚାଲିବ କିରିକେଟ ରତୁ
ଦରଶକ ଠେସାଠେସି
ଛୁଆଗୁଡା ବାୟାବେଶୀ
ପରୀକ୍ଷା ଆଗକୁ ମନଧ୍ୟାନ ଦେଇ
ଚୁପଚାପ୍ ପଢ ବସି ।

## କଂଗ୍ରେସରେ ଆଭ୍ୟନ୍ତରୀଣ ଅସନ୍ତୋଷ ବଢୁଛି

# କଂଗ୍ରେସରୁ ମହମ୍ମଦ ମୋକିମ୍‌ଙ୍କ ବହିଷ୍କାର : ଏକଛତ୍ରବାଦୀ ନୀତିର ପରିଚାୟକ !



**ଭୁବନେଶ୍ୱର,୧୬।୧୨**
**(ବିବେକାନନ୍ଦ ଜେନା)**

ବରିଷ୍ଠ କଂଗ୍ରେସ ନେତା ତଥା କଟକ–ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ହାଇକମାଣ୍ଡ କଂଗ୍ରେସ ଦଳରୁ ବହିଷ୍କାର କରିବା ଭଳି ଚରମ ପଦକ୍ଷେପକୁ ଦଳର ଅଧିକାଂଶ ବରିଷ୍ଠ ନେତା ଓ କର୍ମୀମାନେ ଠିକ୍ ଭାବେ ଗ୍ରହଣ କରିପାରିନାହାନ୍ତି। ଦଳରୁ ବହିଷ୍କାର କରିବା ପୂର୍ବରୁ ମୋକିମ୍‌ଙ୍କୁ 'ସୋ–କଜ୍ ନୋଟିସ୍' ବା କାରଣ ଦର୍ଶାଅ ନୋଟିସ୍ ଦିଆନଯିବା କି ତାଙ୍କୁ ପକ୍ଷ ରଖିବାର ସୁଯୋଗ ଦିଆନଯାଇ ଯେଭଳି ମନମୁଖୀ ଓ ଏକତରଫା ଭାବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ତାହା ଦଳରେ ଅନେକଙ୍କୁ ବିସ୍ମିତ କରିଛି। ହାଇକମାଣ୍ଡଙ୍କ ଏପ୍ରକାର କାର୍ଯ୍ୟାନୁଷ୍ଠାନକୁ ସେମାନେ ଏକଛତ୍ରବାଦୀ ମନୋଭାବର ପରିଚାୟକ ବୋଲି ବର୍ଣ୍ଣନା କରିଛନ୍ତି। ଏହାଛଡା ଓଡ଼ିଶାରେ ବିଶେଷକରି କଟକ ସହର ଭଳି ବିଜେଡ଼ିର ଅଭେଦ୍ୟ ଦୁର୍ଗ ଭାବେ ବିବେଚନା କରାଯାଉଥିବା ନିର୍ବାଚନ ମଣ୍ଡଳୀ କଟକ–ବାରବାଟୀରେ କଂଗ୍ରେସ ସଂଗଠନକୁ ଶକ୍ତିଶାଳୀ କରିବା ସହ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିବା ମୋକିମ୍‌ଙ୍କ ପ୍ରତି ଏଭଳି କାର୍ଯ୍ୟାନୁଷ୍ଠାନକୁ ଦଳର ବରିଷ୍ଠ ତଥା କଂଗ୍ରେସ ସମର୍ଥକ ଗୋଷ୍ଠୀ ନାପସନ୍ଦ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, କଟକ–ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଦଳର ଦୁର୍ଦ୍ଦିନ ସମୟରେ ଅତ୍ୟନ୍ତ ନିଷ୍ଠା ଓ ଦକ୍ଷତାର ସହ ଦଳୀୟ ସଂଗଠନକୁ ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସଶକ୍ତଭାବେ ଠିଆ କରାଇଥିଲେ। ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ଏତେ ମଜଭୁତ କରିଥିଲେ ଯେ ଯାହାର ଫଳସ୍ୱରୂପ ଏହି ଆସନ (କଟକ–ବାରବାଟୀ)ରୁ ତାଙ୍କର କନ୍ୟା ସୋଫିଆ ଫିର୍ଦ୍ଦୋସ ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଜୟଲାଭ କରିବା ସହ ବିଧାୟିକା ମଧ୍ୟ ହୋଇପାରିଥିଲେ।

ତେବେ ମୋକିମ୍‌ଙ୍କ ପ୍ରତି କଂଗ୍ରେସ ହାଇକମାଣ୍ଡ ତରବରିଆ ଭାବେ ଗ୍ରହଣ କରିଥିବା ଆଭିମୁଖ୍ୟର ଯଥାର୍ଥତା ନେଇ ଏବେ ଦଳୀୟ ନେତାଙ୍କ ମଧ୍ୟରେ ଗୁଞ୍ଜରଣ ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ମୋକିମ୍ କଂଗ୍ରେସ ହାଇକମାଣ୍ଡ ସୋନିଆ ଗାନ୍ଧିଙ୍କୁ ଏକ ପତ୍ର ଲେଖି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ତ୍ରୁଟିପୂର୍ଣ୍ଣ କାର୍ଯ୍ୟଧାରା ବିଶେଷକରି ପିସିସି ସଭାପତି ଭକ୍ତ ଦାସଙ୍କ ବାବଦରେ କିଛି ଜଣାଇଥିଲେ। ସଦ୍ୟସମାପ୍ତ ନୂଆପଡା ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପରାଜୟ ପରେ ଦଳୀୟ ନେତୃତ୍ୱକୁ ଦାୟୀ କରି ମୋକିମ୍ ଚିଠି ଲେଖିଥିଲେ। ତେବେ ଏ ସମ୍ପର୍କରେ ଗଣମାଧ୍ୟମରେ ପ୍ରଚାର ହେବା ପରେ ପିସିସି ସଭାପତି କ୍ଷୁବ୍ଧ ହୋଇଥିଲେ ଏବଂ ଏହାକୁ ଗୁରୁତର ଭାବେ ନେଇ ହାଇକମାଣ୍ଡଙ୍କୁ ଅବଗତ କରାଇଥିଲେ। ଯାହାର ଫଳସ୍ୱରୂପ ମୋକିମ୍‌ଙ୍କୁ ତତ୍‌କ୍ଷଣାତ ଦଳରୁ ବହିଷ୍କାର କରାଯାଇଥିଲା। ଏଭଳି କାର୍ଯ୍ୟାନୁଷ୍ଠାନକୁ ଦଳର ବରିଷ୍ଠ ନେତାମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ପୂର୍ବରୁ ଏଭଳି ତରବରିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ବହୁ ବରିଷ୍ଠ ନେତା କହିଛନ୍ତି। ପିସିସିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ଦଳ ପ୍ରତି ମହମ୍ମଦ ମୋକିମ୍‌ଙ୍କ ବହୁତ ଅବଦାନ ରହିଥିବା ବିଷୟରେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ୧୯୮୦ ମସିହା ପରଠାରୁ କଟକରେ କଂଗ୍ରେସ କେବେ ଜିତି ପାରୁନଥିଲା ବେଳେ ମହମ୍ମଦ ମୋକିମ୍ ଦଳକୁ ସଂଗଠିତ ଓ ଶକ୍ତିଶାଳୀ କରି ଏଠାରେ ଜିତାଇଥିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ନିଷ୍ଠାପର ଭାବେ ଦଳ ପାଇଁ କାମ କରି ସେ ନିଜେ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ଏବେ ତାଙ୍କ ଝିଅ ମଧ୍ୟ



ବିଧାୟିକା ହୋଇଛନ୍ତି। ତାଙ୍କ ପୂର୍ବପୁରୁଷର ଦୁଇ ପିଢି କଂଗ୍ରେସ ସହ ଓତଃପ୍ରୋତ ଭାବେ କଂଗ୍ରେସ ଭାବେ ଜଡିତ ଥିଲେ। ପନୂଆପଡା ଉପ ନିର୍ବାଚନ ବେଳେ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଆବଶ୍ୟକତା ନାହିଁ ବୋଲି ଦିଆଯାଇଥିବା ମନ୍ତବ୍ୟ ତାଙ୍କୁ ବାଧିଥିଲା। ସେଥିପାଇଁ ଆମେ ସମସ୍ତେ ଦାୟୀ। ତାହାର ଉପଶମ କରାଯିବାର ଥିଲା। *(ପୃଷ୍ଠା ୭ରେ)*





# ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ:** ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ - ୨୦୨୫ ପାଳନ ଅବସରରେ ସୁବର୍ଣ୍ଣପୁର ଡି. ଡି.ଆ଼ର.ସି କାର୍ଯ୍ୟାଳୟ ଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ତହସିଲ ଅଫିସ ଛକ, ପୁରୁଣା ଡାକ୍ତରଖାନା ଛକ, ନଳିନୀ ଛକ ଦେଇ ନୂତନ ଟାଉନ ହଲ ଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ଓ ଭିନ୍ନ ପ୍ରକାର ସ୍ଲୋଗାନ ମାଧ୍ୟମରେ ଜନସାଧାରଣ ଙ୍କୁ ସଚେତନ କରାଇଥିଲେ। ଏହି ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ)ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ତାପରେ ଟାଉନ ହଲ ଠାରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟ ଗୁଡିକରୁ ଆସିଥିବା ଭିନ୍ନକ୍ଷମ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସେମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭା ଗୁଡିକୁ ଗୀତ, ନାଚ, ଅଭିନୟ ଏକାକୀ ଓ ଦଳଗତ ଭାବରେ ପ୍ରଦର୍ଶନ କରିଥିଲେ। ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ - ୨୦୨୫ ଅବସରରେ ଏକ ସଭା ଟାଉନ ହଲ ଠାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର, ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର, ଦେବାଶିଷ ଦାଶ, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ), ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ଡ଼ ଉଷାରାଣୀ ଦାଶ ଓ ଅର୍ଜୁନ ମାଝୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ - ୨୦୨୫ ଉପଲକ୍ଷେ ସେମାନଙ୍କର ବାର୍ତ୍ତା ଅଭିଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ। ଶେଷରେ ଗତ ତା ୦୨.୧୨.୨୦୨୫ ରିଖ ଦିନ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଦିବସ ପାଳନ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସମେତ ଜିଲ୍ଲା ସମସ୍ତ ବ୍ଲକର ବ୍ଲକ ସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ବୃନ୍ଦ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ଅବସରରେ ଜିଲ୍ଲା ବିଭିନ୍ନ ସମ୍ବାଦପତ୍ର ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ନିମନ୍ତେ ଜିଲ୍ଲାପାଳଙ୍କ ଆହ୍ୱାନ




**ଜଗତସିଂହପୁର,ନ୍ୟୁଜ ବ୍ୟୁରୋ:** ଜଗତସିଂହପୁର ଜିଲ୍ଲାର ସିଂହାରପୁର ଠାରେ ଥିବା ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର, ଆସ୍ରା ସ୍ୱତନ୍ତ୍ର ବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ କହିଲେ ଯେ, ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ନିମନ୍ତେ ସମସ୍ତେ ଚେଷ୍ଟିତ ହେବା ଆବଶ୍ୟକ। ଦୃଢ଼ ମନୋବଳ ଓ ଅଦମ୍ୟ ଚେଷ୍ଟା ରହିଲେ ସମସ୍ତ ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଆସ୍ରା ସ୍ୱତନ୍ତ୍ର ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କୁ ସେ ଉପଦେଶ ଦେଇଥିଲେ। ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ନିମନ୍ତେ ସମସ୍ତ ଅଂଶଗ୍ରହଣକାରୀ ଏବଂ ସମର୍ଥକମାନଙ୍କୁ ଅଧିକ ଅନ୍ତର୍ଭୂକ୍ତ କରିବା ତଥା ସୁବିଧାଜନକ ପରିବେଶ ସୃଷ୍ଟି ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି ଓ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଯତ୍ନବାନ ହେବାପାଇଁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଭିନ୍ନକ୍ଷମ ପିଲାମାନଙ୍କୁ ଭଗବାନଙ୍କ ଆଶୀର୍ବାଦ ବୋଲି କହିଥିଲେ। ସେମାନଙ୍କର ଉପଯୁକ୍ତ ଯତ୍ନ ନେଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାର ପ୍ରୟାସ କରୁଥିବା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଦିବ୍ୟାଙ୍ଗ ମାନଙ୍କର ଦିବ୍ୟ ଅଙ୍ଗକୁ ସଠିକ୍ ମାର୍ଗ ଦର୍ଶନ ମିଳିଲେ ସେମାନେ ମଧ୍ୟ ଅନ୍ୟ ମାନଙ୍କ ପରି ପ୍ରତିଷ୍ଠିତ ହୋଇପାରିବେ ବୋଲି କହିଥିଲେ।ଭିନ୍ନକ୍ଷମଙ୍କ ଅନ୍ତର୍ଭୁକ୍ତି, ଅଭିଗମ୍ୟତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ହିଁ ଏହି ଦିବସର ଉଦ୍ଦେଶ୍ୟ ବୋଲି ଶ୍ରୀ ରାୟ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଆସ୍ରା ବିଦ୍ୟାଳୟ ସେକ୍ରେଟାରୀ ଅଜୟ କୁମାର ଖୁଣ୍ଟିଆ ମଧ୍ୟ ଭିନ୍ନକ୍ଷମ ମାନଙ୍କୁ ସଠିକ ଦିଗଦର୍ଶନ ଓ ପରିବେଶ ମିଳିଲେ ସେମାନେ ମଧ୍ୟ ଅସାଧ ସାଧନ କରିପାରିବେ ବୋଲି ମନ୍ତବ୍ୟ ଦେଇଥିଲେ।ସଭାର ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ ସ୍ୱାଗତ ଭାଷଣ ଦେବାସହ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

# ଫେବୃୟାରୀ ୧୮ରୁ ରମ୍ଭା ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ରମ୍ଭା, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିରର ନବଃ ପ୍ରତିଷ୍ଠା ପାଇଁ ଜଗନାଥ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ଦୀର୍ଘ ୨ ବର୍ଷ ହେଲା ୭ ଫୁଟ ଉଚ୍ଚତା ଏବଂ ମନ୍ଦିରର ସୌନ୍ଦର୍ଯୀକରଣର କାର୍ଯ୍ୟ ସରିଯାଇଛି। ଆସନ୍ତା ବର୍ଷ ଫେବୃୟାରୀ ୧୮ ରିଖରୁ ୨୨ ତାରିଖ ୫ ଦିନ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାପାଇଁ ବୈଠକରେ ସ୍ଥିରିକୃତ ହୋଇଛି। ଏଥିରେ ନାମ ଯଜ୍ଞ, ଅନ୍ନ ଯଜ୍ଞ, ଘୃତ ଯଜ୍ଞ, ପରି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମରେ ସମସ୍ତେ ନିଜ ନିଜ ଦାୟିତ୍ୱ ବହନ କରିବା ପାଇଁ ଏବଂ ବିଭିନ୍ନ କାର୍ଯ୍ୟ ପାଇଁ ନୂତନ ଭାବେ କମିଟି ଗଠନ କରାଯାଇଥିବା ଜଣା ଯାଇଛି। ରମ୍ଭା ଗ୍ରାମର ସର୍ବସାଧାରଣ ଏବଂ ଭଦ୍ର ମଣ୍ଡଳୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କେମିତି ସୁରୁଖୁରୁରେ ହେବ ତାହା ସ୍ୱାମୀଜୀ କହିଥିଲେ । ଏହି ବୈଠକରେ ରମ୍ଭାର ବରିଷ୍ଠ ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା, ପଣ୍ଡିତ ଜଗନ୍ନାଥ ଦାଶ, ଅମୂଲ୍ୟ ସେନାପତି, ଟି. ବାପୁଜୀ ସୁିଦ୍ଧି, ଟି. ଅନିଲ ସୁିଦ୍ଧି, ବିଜୟ ବିଶ୍ୱାଳ, ମହେନ୍ଦ୍ର ସେନାପତି, ଜ୍ୟୋତି ପ୍ରକାଶ ପଣ୍ଡା, ସୁରେନ୍ଦ୍ର ପରିଡା, ଅନିଲ ପାଢ଼ୀ, ଗୋପାଳ ସୁବୁଦ୍ଧି, ରାମଚନ୍ଦ୍ର ବାଡତ୍ୟା, କାହ୍ନା ସ୍ୱାଇଁ, ଘନଶ୍ୟାମ ବେହେରା, ସୁରେଶ ନାହାକ, ଭୀମସେନ ବେହେରା, ବିଦ୍ୟାଧର ସେନାପତି, କେଦାର ବାରିକ, ସମେତ ବହୁ ଗ୍ରାମବାସୀ ଦଳମତ ନିର୍ବିଶେଷରେ ବହୁ ଧାର୍ମିକବାଦୀ ଯୋଗଦାନ କରିଥିଲେ।

# ଏମ୍‌କେସିଜି ପରିସରରୁ ହଟିବ ଅସୁରକ୍ଷିତ କୋଠା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ ପରିସରରେ ରହିଥିବା ଅସୁରକ୍ଷିତ ପୁରୁଣା ଇନ୍‌ଡ଼ୋର କୋଠା ହଟିବ । ଏନେଇ ଟେଣ୍ଡର ଆହ୍ୱାନ କରି କାମ ଆରମ୍ଭ ହୋଇଛି । ଦୀର୍ଘ ୧୦ ବର୍ଷ ହେବ ଅସୁରକ୍ଷିତ ଘୋଷଣା ପରେ ବି ଚୁପ୍ ବସିଥିବା ପୂର୍ତ୍ତ ବିଭାଗ ପକ୍ଷରୁ ଏହି କୋଠା ଭାଙ୍ଗିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରକାଶଥାଉକି,ଏମ୍‌କେସିଜି ପରିସରରେ ଥିବା ଏହି କୋଠାକୁ ଅସୁରକ୍ଷିତ ଦର୍ଶାଇ ପୂର୍ତ୍ତ ବିଭାଗ ପକ୍ଷରୁ ଫଳକ ଲଗାଇବା ସହ ବାଉଁଶ ବାନ୍ଧି ଲୋକଙ୍କୁ ଉକ୍ତ ଅଂଚଳକୁ ନ ଯିବାକୁ ସତର୍କ କରାଇଛି । ଏହି ଅସୁରକ୍ଷିତ କୋଠା ଯୋଗୁଁ ଏମ୍‌କେସିଜି ପରିସରରେ ହେଲିପ୍ୟାଡ୍ ସମେତ ଅନ୍ୟାନ୍ୟ ପ୍ରକଳ୍ପ ନିର୍ମାଣ ପାଇଁ ରହିଥିବା ପ୍ରସ୍ତାବ ଉପରେ ପ୍ରତିବନ୍ଧକ ସାଜିଛି । ଅସୁରକ୍ଷିତ କୋଠାଟି ବଡ଼ଡ଼ାକ୍ତରଖାନାର ମଧ୍ୟଭାଗରେ ରହିଥିବା କାରଣରୁ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ପାଇଁ ସର୍ବଦା ବିପଦପୂର୍ଣ୍ଣ ରହିଛି । ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ୨୦୧୪ରେ ପୋଠାକୁ ଅସୁରକ୍ଷିତ ଘୋଷଣା କରାଯାଇଥିଲା । ନୂଆ କୋଠା ନିର୍ମାଣ ପରେ ୨୦୧୮ ମସିହାରେ ଏହି କୋଠାରେ କାର୍ଯ୍ୟକ୍ଷମ ଥିବା ସମସ୍ତ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା । ଦୀର୍ଘ ୭ ବର୍ଷ ପରେ ମଧ ନାନାଦି ସମସ୍ୟା ଯୋଗୁଁ କୋଠାଟି ଭଙ୍ଗାଯାଇପାରୁନଥିଲା। କୋଠାକୁ ଭାଙ୍ଗିବା ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ସହ ରିଜର୍ଭ ପ୍ରାଇସ୍ ଧାର୍ଯ୍ୟ କରାଯାଇଛି ।




ପୂର୍ବରୁ ରହିଥିବା ଅଫ୍‌ସେଟ୍ ପ୍ରାଇସ୍ ଅନୁଯାୟୀ ଏହି କୋଠାକୁ ଭାଙ୍ଗିବାରେ ସମସ୍ୟା ରହିଥିବା କାରଣରୁ ଏହା ହଟାଇବାରେ ସମସ୍ୟା ଉପୁଜିଥିଲା ବୋଲି ପୂର୍ତ୍ତ ବିଭାଗ ଅଧିକାରୀ କହିଛନ୍ତି। କିଛି ମାସ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏମ୍‌କେସିଜି ପରିଦର୍ଶନରେ ଆସି ସମୀକ୍ଷା କରିବା ସହ ପୁରୁଣା କୋଠାକୁ ଭାଙ୍ଗି ୯ ମହଲା ବିଶିଷ୍ଟ ନୂଆ କୋଠା ନିର୍ମାଣ ପାଇଁ ପ୍ରସ୍ତାବ ଉଠିଥିଲା । ଏଥିପାଇଁ ୧୦୩୦ କୋଟି ବ୍ୟୟବରାଦ ଆକଳନ କରାଯାଇଥିଲା । ଓବିସିସି ସଂସ୍ଥାକୁ ଏହି ପ୍ରକଳ୍ପ ନିର୍ମାଣର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଅସୁରକ୍ଷିତ କୋଠା ହଟିବା ସମ୍ପର୍କରେ ଏମ୍‌କେସିଜି ବଡ଼ ଡ଼ାକ୍ତରଖାନାର ଅଧିକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀଙ୍କୁ ପଚାରିବାରେ ଏହି କୋଠା ହଟିବା ପରେ ଏକ ବିରାଟ ସ୍ଥାନ ମିଳିପାରିବ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ନିର୍ମାଣ ପାଇଁ ବାଟ ଫିଟିଯିବ ବୋଲି କହିଚନ୍ତି।

# ଅସହଯୋଗ ଆନ୍ଦୋଳନରେ ରମାଦେବୀଙ୍କର ଅଭୟ ହସ୍ତ ଥିଲା : ଜିଲ୍ଲାପାଳ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା ରମାଦେବୀ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଜେ ସୋନାଲ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜଗତସିଂହପୁରର ଗର୍ବ ମା'ରମାଦେବୀ ଚୌଧୁରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ ଜନ୍ମ ନେଇଥିଲେ । ଅସହଯୋଗ ଆନ୍ଦୋଳନ , ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବିନୋବାଜୀଙ୍କ ଭୂଦାନ ଯଜ୍ଞର ସଫଳତା ପଛରେ ରମାଦେବୀଙ୍କର ଅଭୟ ହସ୍ତ ଥିଲା । ତାଙ୍କର ପବିତ୍ର ଜନ୍ମ ତିଥିରେ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଓ ପୌର ପରିଷଦର କର୍ମକର୍ତ୍ତା ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।



# ଦିବ୍ୟାଙ୍ଗମାନେ ସମାଜର ଗୋଟେ ଅଙ୍ଗ, ଏମାନେ କାହାର ବୋଝ ନୁହଁନ୍ତି : ଜିଲ୍ଲାପାଳ




**କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ:** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଜିଲ୍ଲା ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଅଛି ।।ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ,ଜିଲ୍ଲାପାଳ ରଘୁରାମ ଆର ଆୟରମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ, କେନ୍ଦ୍ରାପଡା ପୌରସଂସ୍ଥାର ଅଧ୍ୟକ୍ଷା ଶ୍ରୀମତୀ ସରିତା ସାହୁ,ଜିଲ୍ଲା ପରିଷଦର ମୂଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅଜାମ୍ବର ମହାନ୍ତି,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ମନୋରଞ୍ଜନ ରାଉତ,ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପବିତ୍ର ମୋହନ ବାରିକ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶ୍ରୀମତୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶ୍ରୀଯୁକ୍ତ ବିଜୟ କେତନ ସାହୁ,ଜିଲ୍ଲା କ୍ରିଡା ଅଧିକାରୀ, ଶ୍ରୀଯୁକ୍ତ ଲୋକନାଥ ପାଣିଗ୍ରାହୀ,ଶ୍ରବଣ ବିଶେଷଜ୍ଞ ଶ୍ରୀଯୁକ୍ତ ଚନ୍ଦନ ବେହେରା, ମୂଖ୍ୟ ବକ୍ତା ଭାବେ ବିଶିଷ୍ଟ କଥାକାର ଡଃ ବିରଜା ରାଉତରାୟ ଯୋଗ ଦେଇ ଦିବ୍ୟାଙ୍ଗମାନେ ସମାଜର ଗୋଟେ ଗୋଟେ ଅଙ୍ଗ, ଏମାନେ କାହାର ବୋଝ ନୁହଁନ୍ତି, ଦୟା ନୁହେଁ ସମସ୍ତ ସୁବିଧା ସୁଯୋଗ ପାଇବା ତାଙ୍କ ଅଧିକାର ଅଟେ ବୋଲି ତାଙ୍କ ଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟର ଶୁଭ ଉଦ୍ଘାଟନ ହୋଇଥିଲା ।ଭାବଗ୍ରାହୀ କଳାନିକେତନ ଓ ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ,ଯୋଗଗୁରୁ ଶ୍ରୀ ସଞ୍ଜୟ କୁମାର ମଥାନ ବେଦପାଠ କରିଥିଲେ ।ସରକାରଙ୍କ ବିଭିନ୍ନ ଲୋକପ୍ରିୟ ଯୋଜନାର ସଫଳ ରୂପାୟନ ହେଲେ ଯାଇ ଦିବ୍ୟାଙ୍ଗମାନେ ସମାଜର ମୂଖ୍ୟସ୍ରୋତରେ ସାମିଲ ହୋଇ ପାରିବେ ।ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଶ୍ରୀ ସଂଗ୍ରାମ କେଶରୀ ବେଉରା ସ୍ୱାଗତ ଭାଷଣ ପ୍ରଦାନ ସହ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।ଭିନ୍ନକ୍ଷମ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତସ୍ୱପ୍ନାଂଶୁ କୁମାର ଦାସଅତିଥି ପରିଚୟ ପ୍ରଦାନ କରିଥିଲେ ।ସକାଳେ ତିନିମୁହାଣି ରାମ ମନ୍ଦିର ପରିସରରେ ୨୦୦ ଜଣ ଭିନ୍ନକ୍ଷମ ଓ ସାଧାରଣ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ରାଲୀ ସହର ପରିକ୍ରମା କରି ସଂସ୍କୃତି ଭବନରେ ପହଞ୍ଚିଥିଲା ।ଏହାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନବକ୍ରିଷ୍ଣ ଜେନା ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ ସହ ପିଲାମାନଙ୍କ ସହ ପଦଯାତ୍ରା କରିଥିଲେ । ଉକ୍ତ ସଭାରେ କେନ୍ଦ୍ରପଡା ଜିଲ୍ଲାର ପ୍ରତ୍ୟେକ ବ୍ଲକ ଚଗଝକ୍ଷକ୍ସରର ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ମୁଖ୍ୟ ଅତିଥି ମତ ରଖିଥିବା ବେଳେ ସେହି ସ୍କୁଲ ଗୁଡିକ ରେ ସକ୍ଷମ ଶ୍ରେଣୀ ଗୃହ ତିଆରି ହେବ ଯେଉଁଥିରେ ଭିନ୍ନକ୍ଷମ ଛାତ୍ର ଛାତ୍ରୀ ମାନେ ସମସ୍ତ ଥେରାପିର ସୁବିଧା ସୁଯୋଗ ପାଇ ପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।ଭିନ୍ନକ୍ଷମ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସର୍ବଶ୍ରୀ ଡଃ ବିପିନ କୁମାର ଦାସ,ନୃସିଂହ ଚରଣ ବେହେରା,ଡଃ ବିରଜା ରାଉତରାୟ,ଜୟ ପ୍ରକାଶ ସାହୁଙ୍କୁ ଉତ୍ତରୀୟ, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।ଜିଲ୍ଲା ପୁନର୍ବାସ କେନ୍ଦ୍ର, କେନ୍ଦ୍ରାପଡା ତରଫରୁ ୨୧ ଜଣ ଭିନ୍ନକ୍ଷମଙ୍କୁ ସହାୟକ ଯନ୍ତ୍ର ପ୍ରଦାନ କରାଯାଇଥିଲା ।ବିବାହ ପ୍ରୋତ୍ସାହନ ରାଶି ଟ ୨,୫୦,୦୦୦/- ଙ୍କ ।ଲେଖାଏଁ ତିନୋଟି ନବଦମ୍ପତିଙ୍କୁ ପ୍ରଦାନ କରାଯାଇଥିଲା ।ଏହିସହ ସ୍ୱତନ୍ତ୍ର ବିଦ୍ୟାଳୟ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।ସର୍ବଶେଷରେ ସଦର ମହକୁମା ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସୁଧାଂଶୁ କୁମାର ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାରେ ଥିବା ବାଲିଘାଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ସଂଘ ପକ୍ଷରୁ ଦାବି

**କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ:** କେନ୍ଦ୍ରାପଡା ଜିଲ୍ଲା ହାଇୱା ଟିପର ମାଲିକ ସଂଘ ପକ୍ଷରୁ ୬ଦଫା ସମ୍ବଳିତ ଏକ ଦାବିପତ୍ର ଜିଲ୍ଲା ସଭାପତି ନାରାୟଣ ସ୍ୱାଇଁଙ୍କ ତତ୍ୱାବଧାନରେ ଉପ ଜିଲ୍ଲାପାଳଙ୍କୁ ପ୍ରଦାନ କରି ଆଲୋଚନା କରାଯାଇଛି । ଏହି ଆଲୋଚନାରେ ଗତ ଅପ୍ରେଲ ମାସରେ ଉପ ଜିଲ୍ଲାପାଳଙ୍କ ସମେତ ପଟ୍ଟାମୁଣ୍ଡାଇ ଏସଡିପିଓ ଓ ସଦର ଥାନା, ନିକିରଇ ଥାନା ଅଧିକାରୀଙ୍କ ସହିତ ହୋଇଥିବା ଆଲୋଚନା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଗଲା ନାହିଁ। ଦୀର୍ଘ ୯ମାସ ଧରି କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସଂଘ ପକ୍ଷରୁ ଉଦ୍ ବେଗ ପ୍ରକାଶ କରାଯାଇଛି । ଜିଲ୍ଲାରେ ୨୯ଟି ବାଲି ସୈରାତ ଥିବାବେଳେ ଗତ ୨ ବର୍ଷ ହେବ ଗୋଟିଏ ମଧ ବାଲି ଘାଟ ଚାଲିପାରୁ ନାହିଁ । ଜିଲ୍ଲାର ହାଇୱା ଟିପର ଗୁଡିକ ପଡୋଶୀ ଜିଲ୍ଲା ଜଗତସିଂହପୁର, ଯାଜପୁର ପ୍ରଭୃତିରୁ ବାଲି ପରିବହନ କରୁଥିବା ବେଳେ ବିଭାଗ ପକ୍ଷରୁ ବାଟରେ ସେଗୁଡିକୁ ଅଟକାଯାଇ ବେଆଇନ ଭାବେ ଜରିମାନା ଆଦାୟ କରାଯାଉଛି । ଜିଲ୍ଲାରେ ଥିବା ବାଲିଘାଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି । ଏ ସଂପର୍କରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ସଂଘ ରାଜରସ୍ତାକୁ ଓହ୍ଲାଇବ ବୋଲି ସଂଘ ପକ୍ଷରୁ ଚେତବନୀ ଦିଆଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂପାଦକ କ୍ଷିରୋଦ କୁମାର ଦାସଙ୍କ ସମେତ ଶତାଧିକ ହାଇୱା ଟିପର ମାଲିକ ମାନେ ଉପସ୍ଥିତ ଥିଲେ ।

## ଡାକ୍ତରଙ୍କୁ ଅଣଦେଖା ଅଭିଯୋଗ

# ପ୍ରତିଶ୍ରୁତି ପରେ ଦାବି ପୂରଣରେ ବିଫଳ ରାଜ୍ୟ ସରକାର



**ବାରିପଦ, ନ୍ୟୁଜ ବ୍ୟୁରୋ:** ରାଇରଙ୍ଗପୁର ହସ୍ପିଟାଲରେ ଡାକ୍ତର ଅଭାବ ସମସ୍ୟା ଥିବା ବେଳେ କାର୍ଯ୍ୟରତ ଡାକ୍ତର ମାନଙ୍କୁ ରାଜ୍ୟ ସରକାରଙ୍କ ଅଣଦେଖା କରୁଛନ୍ତି। ଡାକ୍ତରଙ୍କ ସମସ୍ୟାର ସମାଧାନ ନେଇ ରାଜ୍ୟ ସରକାର ପ୍ରତିଶ୍ରୁତି ପ୍ରଦାନ କରିବା ସତ୍ତ୍ୱେ ଦାବି ପୂରଣ କରିବାରେ ବିଫଳ ହୋଇଛନ୍ତି। ଯାହାକୁ ନେଇ ଓଡ଼ିଶା ମେଡ଼ିକାଲ ସର୍ଭିସ ଏସୋସିଏସନ (ଓମସା) ପକ୍ଷରୁ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଓମସା ରାଇରଙ୍ଗପୁର ଶାଖା ସଭାପତି ତଥା ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା ରବୀନ୍ଦ୍ର ନାଥ ମାର୍ଣ୍ଡି ଓ ସମ୍ପାଦକ ଡା ସୌମେଶ କୁମାର ମହାନ୍ତଙ୍କ ପୋ ?ରହିତରେ ବୁଧବାର ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ପରିସରରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ଗତ ୧୮ ସେପ୍ଟେମ୍ବର ୨୦୨୪ରେ ବାଲେଶ୍ୱର ଠାରେ ଓମସା କନଫ୍ରେରେନ୍ସରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅତିଥି ଭାବେ ଯୋଗ ଦେଇ ଡାକ୍ତର ମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଦାବି ଗୁଡିକ ପୂରଣ କରିବା ନେଇ ପ୍ରାୟ ୧୨୦୦ ଡାକ୍ତରଙ୍କ ସମ୍ମୁଖରେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମଧ୍ୟ ଦାବି ପୂରଣ ନେଇ ବର୍ଷକରେ ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହିତ ୫ ଥରରୁ ଉର୍ଦ୍ଧ୍ୱ ଆଲୋଚନା ହୋଇଛି। କିନ୍ତୁ ଏହାପରେ ମଧ୍ୟ ଦାବି ପୂରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଯାହାକୁ ନେଇ ଓମସା ପକ୍ଷରୁ ୧୮ଦଫା ଦାବି ଉପସ୍ଥାପନ କରି ଗତ ନଭେମ୍ବର ୨୦ରୁ କଳା ପୋଷାକ ପରିଧାନ ପୂର୍ବକ ଆନ୍ଦୋଳନରତ ରହି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ରୋଗୀ ସେବା ଜାରି ରଖିଛନ୍ତି। ମୁଖ୍ୟ ଦାବି ମଧ୍ୟରେ କେନ୍ଦ୍ରୀୟ ହାରରେ ଡାକ୍ତର ଓ ଦନ୍ତ ଚିକିତ୍ସକ ମାନଙ୍କୁ ଡିଏସିପି ବିନା ସର୍ତ୍ତାବଳିରେ ଲାଗୁ କରିବା, କ୍ୟାଡର ପୁନର୍ବିନ୍ୟାଶ, ପେ ଷ୍ଟ୍ରକଚର ଓ ଡିଏସିପିରେ ଲେଭଲ ୧୫ ବାଦ କରିବା, କେବିକେ ଅଞ୍ଚଳରେ ୫ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଡାକ୍ତରଙ୍କ ଉପକୂଳ ବର୍ତ୍ତି ଜିଲ୍ଲାକୁ ବଦଳି, ଡାକ୍ତର ଦୂର କରିବା ପାଇଁ ବିଶେଷଜ୍ଞ ଓ ଡିପ୍ଲୋମା ଧାରୀ ବୃଦ୍ଧି, ଡାକ୍ତରଙ୍କୁ ପ୍ରଶାସନିକ ଭତ୍ତା ଓ ଦନ୍ତ ଚିକିତ୍ସକଙ୍କୁ ବିଶେଷଜ୍ଞ ଭତ୍ତା ପ୍ରଦାନ, ପୋଷ୍ଟ ମୋର୍ଟମ ଭତ୍ତା ବୃଦ୍ଧି, ତୁରନ୍ତ ଖାଲି ଡାକ୍ତରୀ ପଦବୀ ପୂରଣ କରିବା, ପ୍ରତିବର୍ଷ ବିଭାଗୀୟ ପଦୋନ୍ନତି, କାର୍ଯ୍ୟରତ ଡାକ୍ତରଙ୍କୁ କଡା ସୁରକ୍ଷା, ସ୍ୱାସ୍ଥ୍ୟ ବୀମା ପ୍ରଦାନ ଆଦି ଅନେକ ଦାବି ରହିଛି। ଉକ୍ତ ଦାବିକୁ ପୂରଣ କରିବା ନେଇ ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଦାବି ପୂରଣ ନହେଲେ ଡାକ୍ତର ମାନେ ଆନ୍ଦୋଳନକୁ ତୀବ୍ରତର କରି ରାଜ୍ୟ ସରକାରଙ୍କୁ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ରାଜ୍ୟ ସ୍ତରୀୟ ବୈଠକ ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ଡାକ୍ତର ଆନ୍ଦୋଳନ ହେଲେ ରୋଗୀ ସେବା ଠପ ହେବାର ସମ୍ଭାବନା ରହିଛି। ସାମ୍ବାଦିକ ସମ୍ମିଳନୀରେ ଉପ ସଭାପତି ଡା ପ୍ରମୋଦ କୁମାର ସାହୁ, ସହ ସମ୍ପାଦକ ଡା ଦେବେନ୍ଦ୍ର ନାଥ ଟୁଡୁ, କୋଷାଧ୍ୟକ୍ଷ ଡା ମାନସି କିସ୍କୁ, ସଦସ୍ୟ ଡା ରିତା ଟୁଡୁ, ଡା ଗୋବିନ୍ଦ ସୋରେନ, ଡା ନରେନ୍ଦ୍ର ନାଥ ମୁର୍ମୁ, ଡା ଛବିରାଣୀ ନାଏକ, ଡା ଦୀପକ ରଞ୍ଜନ ଜେନା, ଡା ଚିତେଶ ଚୈତନ୍ୟ ଓ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟୁୟର୍କଠାରେ ଅନୁଷ୍ଠିତ ହୋଇଥିବା ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦କୁ ନେଇ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଲୋଚନା




**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ:** ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦କୁ ଆଖି ଆଗରେ ରଖି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ତରଫରୁ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ପୌରପରିଷଦର ପୌରାଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଡେପୁଟି ଡାଇରେକ୍ଟର ପ୍ଲାନିଂ ଆରତୀ ନାୟକ, ସମେତ ସମସ୍ତ ବିଡ଼ିଓ, ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ସମଗ୍ର ବିଶ୍ୱରୁ ଦାରିଦ୍ର୍ୟ ଦୂରୀକରଣ ତଥା ସମାନତା ଆଣିବା, ପ୍ରକୃତି ଓ ପ୍ରାକୃତିକ ପରିବେଶର ସ୍ଥାୟୀ ସୁରକ୍ଷା, ଏକ ସୁସ୍ଥ ସୁନ୍ଦର ନିରାମୟ ଜୀବନ ବଞ୍ଚିବା ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବା ଏବଂ ବିଶ୍ୱକୁ ଶାନ୍ତି ଓ ପ୍ରଗତି ପଥରେ ଆଗେଇ ନେବା ଉଦ୍ଦେଶ୍ୟରେ ସେପ୍ଟେମ୍ବର ୨୦୧୫ ମସିହାରେ ମିଳିତ ଜାତିସଂଘ ଅଧ୍ୟକ୍ଷତାରେ ନ୍ୟୁୟର୍କଠାରେ ଅନୁଷ୍ଠିତ ହୋଇଥିବା ଏକ ବୈଠକରେ ୧୯୩ଟି ସଦସ୍ୟ ରାଷ୍ଟ୍ର ଦ୍ୱାରା ୧୭ ଟି ଲକ୍ଷ୍ୟ ସ୍ଥିର କରାଯାଇଥିଲା । ଯାହାକି ନିରନ୍ତର ବିକାଶ ଲକ୍ଷ୍ୟ କୁହାଯାଉଛି । ଜିଲ୍ଲାକୁ ଦାରିଦ୍ର୍ୟମୁକ୍ତ, କ୍ଷୁଧା ଦୂର କରିବା, ଖାଦ୍ୟ ସୁରକ୍ଷା ତଥା ଉନ୍ନତ ପୁଷ୍ଟିକର ଖାଦ୍ୟ ହାସଲ କରିବା ଓ ନିରନ୍ତର କୃଷିକୁ ପ୍ରୋତ୍ସାହିତ କରିବା, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସୁଲଭ ଓ ସ୍ୱଚ୍ଛ ଶକ୍ତି, ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟ ଓ ଅର୍ଥନୈତିକ ବିକାଶ, ଶିଳ୍ପ, ଉଦ୍ଭାବନ ଓ ଭିତ୍ତିଭୂମି, ଅସମାନତା ହ୍ରାସ, ସହର ଓ ଜନ ସମୁଦାୟର ସ୍ଥାୟୀତ୍ୱ, ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଓ ଦୀର୍ଘସ୍ଥାୟୀ ଉତ୍ପାଦନ, ଜଳବାୟୁ ଭିତ୍ତିକ କାର୍ଯ୍ୟ ପନ୍ଥା, ଜଳ ଭିତରେ ଜୀବନ, ସ୍ଥଳ ଭାଗରେ ଜୀବନ, ଶାନ୍ତି, ନ୍ୟାୟ ଏବଂ ଦୃଢ ପ୍ରତିଷ୍ଠାନ ଏବଂ ଲକ୍ଷ୍ୟ ହାସଲ ନିମନ୍ତେ ସହଭାଗିତା ଇତ୍ୟାଦି ଉପରେ ତାଲିମ କରାଯାଇଥିଲା । ସମସ୍ତଙ୍କୁ ନେଇ ବିକାଶ କରିବା ସହିତ ଲୋକଙ୍କୁ ସଚେତନ କରିବ ଉପରେ ଅତିଥି ମାନେ ଗୁରୁତ୍ୱ ଦେଇଛନ୍ତି । ଯାଜପୁରର ଡେପୁଟି ଡାଇରେକ୍ଟର ଡିପିଏମୟୁ ଅର୍ଚ୍ଚିତା ଦାସ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ କୁ ନେଇ ସମସ୍ତଙ୍କୁ ତାଲିମ ପ୍ରଦାନ କରିଥିଲେ ।





ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ XXI-23
****
**ଅଧିସୂଚନା**

No RDM-LAA-MBJ-0010-2025- 21080 / R&DM, Dated 11 JUN 2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ମାଣିକପୁର ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ମାଣିକପୁର , ଥାନା- ବୈଁଶିଙ୍ଗା , ନଂ. ୨୧୨, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧.୬୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ମାଣିକପୁର ସବ୍-ମାଇନର ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ବୈଁଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ ଜିଲ୍ଲାପାଳ, ବାରିପଦା ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ମାଣିକପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୭.୪୧ | ଏ. ୧.୬୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ , ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତରିକ୍ତି ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା- ୧୦୯/୨୦୨୩
ଏ.୧.୬୧ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ ମାଣିକପୁର ସବ - ମାଇନର ନିମନ୍ତେ
ମୌଜା- ମାଣିକପୁର, ଥାନା- ବୈଁଶିଙ୍ଗା, ନଂ-୨୧୨, ତହସିଲ - ରାସଗୋବିନ୍ଦପୁର, ଜିଲ୍ଲା - ମୟୂରଭଞ୍ଜ

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୯ | ୩୨୬ | ୧.୦୦ | ୦.୨୦ | ଶାରଦ ଏକ | ଉମାକାନ୍ତ ଗିରି ପି:ମଧୁ ଗିରି ଜା: ଖଣ୍ଡାୟତ ବା: ନିଜଗାଁ |
| | ୩୨୭ | ୧.୦୫ | ୦.୦୫ | ଶାରଦ ଏକ | |
| | ୩୨୯ | ୦.୬୨ | ୦.୧୦ | ଶାରଦ ଦୁଇ | |
| | ୩୩୩ | ୦.୬୧ | ୦.୧୮ | ଶାରଦ ଏକ | |
| ୪୨ | ୩୧୭ | ୦.୮୮ | ୦.୦୬ | ଶାରଦ ଏକ | ଚନ୍ଦ୍ର ମୋହନ ମହାନ୍ତ, ଆନନ୍ଦ ମହାନ୍ତ, ବୃନ୍ଦାବନ ମହାନ୍ତ, ନାଥ ମହାନ୍ତ ପି: ଜିତୁ ମହାନ୍ତ ଜା: କୁଡୁମି ବା: ରାଘବ ପୁର |
| ୪୮ | ୪୮୨ | ୦.୬୯ | ୦.୦୫ | ଶାରଦ ଏକ | ଦାମୋଦର ଗିରି ପି:ଅର୍ଜୁନ ଗିରି ଜା: ଖଣ୍ଡାୟତ ବା: ନିଜଗାଁ |
| | ୪୮୩ | ୦.୬୫ | ୦.୦୪ | ଶାରଦ ଏକ | |
| ୫୫ | ୪୮୧ | ୦.୬୭ | ୦.୦୯ | ଶାରଦ ଏକ | ନବ କିଶୋର କର ଶାସ୍ତି ପି:ଚକ୍ରଧର କର ଶାସ୍ତି ଜା: ବ୍ରାହ୍ମଣ ବା: ସୁମିତ୍ରାଦେଇ ପୁର |
| ୬୯ | ୪୬୭ | ୧.୬୩ | ୦.୧୧ | ଶାରଦ ଏକ | ପୁରୁଷୋତ୍ତମ ପରିଡା ପି: ବନମାଳି ପରିଡା, ନିଆଁଶି ପରିଡା, ଚଇତନ ପରିଡା ପି: ଫକିର ପରିଡା ଜା: ରାଜୁ ବା: ନିଜଗାଁ |
| ୭୩ | ୩୨୨ | ୦.୭୬ | ୦.୦୭ | ଶାରଦ ଏକ | ଅଜୟ କୁମାର ଗିରୀ ପି:ଅପର୍ତ୍ତୀ ଚରଣ ଗିରୀ ଜା: ଖଣ୍ଡାୟତ ବା: ନିଜଗାଁ |
| ୭୫ | ୩୨୧ | ୦.୮୬ | ୦.୦୫ | ଶାରଦ ଏକ | ବନମାଳି ସାହୁ ପି:ଗଦାଧର ସାହୁ ଜା: ସୁନାରି ବଣିଆ ବା: ନିଜଗାଁ |
| ୧୧୧ | ୩୨୦ | ୧.୬୩ | ୦.୦୮ | ଶାରଦ ଏକ | ମାଧବ ମାହାନ୍ତ ପି:ଶ୍ରୀନିବାସ ମାହାନ୍ତ ଜା: କୁଡୁମି ବା: ଫାଳଝରି |
| ୧୫୦/୪୪ | ୩୬୮/୫୯୫ | ୦.୬୯ | ୦.୦୯ | ଶାରଦ ଏକ | ବୈରାଗୀ ମହାନ୍ତ ପି:ଜେଠୁ ମହାନ୍ତ ଜା: କୁଡୁମି ବା: ତୋଟାପଡା |
| ୧୫୦/୪୭ | ୩୬୪ | ୦.୨୭ | ୦.୦୧ | ଶାରଦ ଏକ | ଶିରିଶ ଚନ୍ଦ୍ର ଗିରି, ହରିଶ୍ଚନ୍ଦ୍ର ଗିରି ପି: ଉମାକାନ୍ତ ଗିରି ଜା: ଖଣ୍ଡାୟତ ବା: ନିଜଗାଁ |
| ୧୫୦/୬୦ | ୩୨୩ | ୨.୦୦ | ୦.୧୧ | ଶାରଦ ଏକ | ସ୍କୁଲ ଓ ଗଣଶିକ୍ଷା ବିଭାଗ ମାର୍ଫତ ଚକାଡୋଳା ବିଦ୍ୟାପିଠ ବା: ମାଣିକପୁର |
| ୧୫୦/୬୫ | ୩୧୧ | ୧.୬୦ | ୦.୦୭ | ଶାରଦ ଏକ | ଭୀମ ମହାନ୍ତ, ନକୁଳ ମହାନ୍ତ, ସହଦେବ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ ପି: ସର୍ବେଶ୍ୱର ମହାନ୍ତ ଜା: କୁଡୁମି କ୍ଷେତ୍ରିୟ ବା: ସଙ୍ଗାଡିହି ଥାନା. ବେତନଟି |
| ୧୫୦/୭୩ | ୩୧୦/୬୧୬ | ୦.୫୯ | ୦.୦୫ | ଶାରଦ ଏକ | ଶରିଷ ଚନ୍ଦ୍ର ଗିରି ପି:ଉମାକାନ୍ତ ଗିରି ଜା: ଖଣ୍ଡାୟତ ବା: ନିଜଗାଁ |
| ୧୫୦/୮୬ | ୩୧୬ | ୦.୪୧ | ୦.୦୮ | ଶାରଦ ଏକ | ସରସ୍ୱତୀ ଗିରି ସ୍ୱା:ବିଦ୍ୟାଧର ଗିରି ଜା: ଖଣ୍ଡାୟତ ବା: ନିଜଗାଁ |
| ୧୫୦/୮୯ | ୪୭୯/୬୨୪ | ୦.୨୯ | ୦.୦୬ | ଶାରଦ ଏକ | ଉମେଶ ନାଏକ ପି:ହରି ନାଏକ ଜା: ଭୂୟାଁ ବା: ସୁମିତ୍ରାଦେଇପୁର |
| ୧୫୯/୫ | ୪୭୮ | ୦.୫୧ | ୦.୦୬ | ଶାରଦ ଏକ | ପୁନ ରାମ ପି:ଗୁରୁ ବାରିଆ ରାମ ଜା: ଓରାଣ ବା: ରାଘବପୁର |
| ମୋଟ | ୨୦ପ୍ଲଟକୁ | ଏ.୧୭.୪୧ ଡି | ଏ.୧.୬୧ ଡି | | |

OIPR-24001/14/0223/2526

# ଭୁବନେଶ୍ୱର ଉପକଣ୍ଠରେ ନୂତନ ପର୍ଯ୍ୟଟନସ୍ଥଳୀର ସୃଷ୍ଟି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଉପକଣ୍ଠରେ ବହିଯାଉଥିବା କୁଆଖାଇ, ଦୟା, ଭାର୍ଗବୀ, କୁଶଭଦ୍ରା, ସୋଲ, ଧନିତ୍ରୀ (ଧନୁଆ) ନଦୀକୁ ନେଇ ଏକ ପର୍ଯ୍ୟଟନସ୍ଥଳୀ ନିର୍ମାଣ ହେବା ନିମନ୍ତେ ପ୍ରସ୍ତାବ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବହୁବାର ଜଣାଇଥିଲେ ମଧ୍ୟ ତାହା ଆଲୋଚନାକୁ ଆସୁନାହିଁ। ସେଥିମଧ୍ୟରୁ କୁଆଖାଇ ନଦୀ ଉପରେ ଗତ ୩ବର୍ଷ ତଳେ ଏକ ସେତୁ ନିର୍ମାଣ କରାଯାଇଥିଲା ଯାହାକି ନଦୀର ଅପରପାର୍ଶ୍ୱରେ ଥିବା ଜନପଦମାନଙ୍କୁ ଯଥେଷ୍ଟ ସୁବିଧା ଦେଇପାରିଛି। ଏହି ସ୍ଥାନର ସବୁଠାରୁ ଆକର୍ଷଣୀୟ ହେଉଛନ୍ତି ଦ୍ୱାଦଶ ଶତାବ୍ଦୀର କୁଆଖାଇ ନଦୀ ଗର୍ଭରୁ ମିଳିଥିବା ନିକୁଞ୍ଜ ବିହାରୀ ନାମରେ ଭଗବାନ ଶ୍ରୀକୃଷ୍ଣଙ୍କ ବିଗ୍ରହ। ଯାହାକି ୧୦ଫୁଟ ଉଚ୍ଚତର ଖଣ୍ଡିଏ କଳା ପଥରରେ ନିର୍ମିତ। ଧେନୁ ଓ ଗୋପାଙ୍ଗନା ମେଳରେ ବିଦ୍ୟମାନ ଅଛନ୍ତି ଭଗବାନ ଶ୍ରୀକୃଷ୍ଣ। ଏହି ସ୍ଥାନଟି ଠିକ୍ ବାଲିଅନ୍ତା ବଜାର ଓ ହାଟ ମଧ୍ୟରେ ଅବସ୍ଥିତ। ଯେଉଁଠାରେ ମହାତ୍ମାଗାନ୍ଧୀ ତାଙ୍କ ଓଡ଼ିଶା ଗସ୍ତରେ ଆସିଥିବାବେଳେ ତିନିଦିନ ଅବସ୍ଥାନ କରିଥିଲେ। ନଦୀର ଆରପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକ ମଧ୍ୟ ଇତିହାସ ପ୍ରସିଦ୍ଧ। ତାହା ମଧ୍ୟରେ ଅଛି ପଥରକୋଟ ଯାହାକି ଅତୀତ ତୋଷାଳୀର 'ପ୍ରସ୍ତରୀ କୋଟ' ନାମରେ ଦେଶର ଏକ ପ୍ରସିଦ୍ଧ ବନ୍ଦର ଥିଲା। ତାହାପରେ ରହିଛି ପ୍ରସିଦ୍ଧ ୬୪ ଯୋଗିନୀ ପୀଠ ଏବଂ ଅଲାଭର ସମ୍ପ୍ରଦାୟର ଜନବସତି ସହ ଐତିହାସିକ ସତ୍ୟଭାମାପୁର ଜନପଦ। ୧୯୪୨ ମସିହାରେ କୁଶଭଦ୍ରାରୁ ବାହାରିଥିବା ଅନ୍ୟ ଏକ ଶାଖା ନଦୀ ଧନିତ୍ରୀ (ଧନୁଆ) ନଦୀ ଉପରେ ଏକ କାଜ ନିର୍ମାଣ କରାଯିବା ଦ୍ୱାରା କୃଷିକ୍ଷେତ୍ରକୁ ପାଣି ଯୋଗାଇ ଦିଆଯାଉଛି। ଏହା ଏହି ଅଞ୍ଚଳରେ ଧନିତ୍ରୀ (ଧନୁଆ) ନଦୀ ନାମରେ ପରିଚିତ। ଖ୍ରୀଷ୍ଟାବ୍ଦ ୧୭୩୨ରେ କଟକର ମୋଗଲ ନାଏବ ନାଜିମ୍ ମହମ୍ମଦ ତକୀ ଖାଁ ପ୍ରଥମ ପୋଲିସ୍ ଥାନା ବାଲିଅନ୍ତାଠାରେ ବସାଇ ଥିଲା। ଯେଉଁଠାରୁ ସେ ନଦୀର ଅପରପାର୍ଶ୍ୱରେ ଥିବା ଶକ୍ତିଶାଳୀ କ୍ଷତ୍ରୀୟ ସମ୍ପ୍ରଦାୟଗୁଡ଼ିକୁ ଦମନ କରିପାରୁଥିଲା। ପରବର୍ତ୍ତୀ କାଳରେ ସେହି ବାଟ ଦେଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପୁରୀକୁ ଯାତ୍ରୀମାନେ ଯାଉଥିଲେ ଏବଂ ସେହି ରାସ୍ତା ଶ୍ରୀଜଗନ୍ନାଥ ରାସ୍ତା ନାମରେ ସୁପରିଚିତ ଥିଲା। ଏବେ ବି ସ୍ଥାନୀୟ ଲୋକମାନେ ସେହି ରାସ୍ତା ଉପର ଦେଇ ଗଲେ ରାସ୍ତାର ମାଟିକୁ ମୁଣ୍ଡରେ ଲଗାଇ ଭଗବାନ ଜଗନ୍ନାଥଙ୍କ ପ୍ରତି ନିଜର ଭକ୍ତିଭାବ ଦର୍ଶାଇଥାଆନ୍ତି। ଏହି ରାସ୍ତାର ନଦୀ ଅପର ପାଖରେ ଥିବା ବଡ଼ଗଡ଼ କ୍ଷତ୍ରୀୟ ଜନପଦରେ ମହାନ ସ୍ୱାଧୀନତା ସଂଗ୍ରାମୀ ସହିଦ୍ ପଦ୍ମନାଭ ଛୋଟରାୟ ବିଦ୍ରୋହ କରି ପୁରୀକୁ ଯାଉଥିବା ବହୁ ଇଂରେଜ ପଲଟନମାନଙ୍କୁ ମାରିପକାଇଥିଲେ ଏବଂ ଶେଷରେ ବ୍ରିଟିଶ ସେନାପତି କର୍ଣ୍ଣେଲ ହାରକୋର୍ଟଙ୍କ ଦ୍ୱାରା ଧରାଯାଇ ତାଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ ହୋଇଥିଲା ଯାହାଥିଲା ବାଲିଅନ୍ତା ଥାନାର ପଛପଟରେ ଥିବା ଏକ ବଟବୃକ୍ଷ ଡାଳରେ। ସେହି ଗଛ ଗତ ୧୯୯୯ ବାତ୍ୟାରେ ଉପୁଡ଼ି ପଡ଼ିଛି। ଏହି ରାସ୍ତାର ଦୁଇପାର୍ଶ୍ୱରେ ଥିବା ବିସ୍ତୃତ ଆମ୍ର ବୃକ୍ଷରାଜି ପରିବେଶକୁ ଯଥେଷ୍ଟ ସବୁଜ ସୁନ୍ଦର କରିପାରିଛି।

ଭୁବନେଶ୍ୱରର ଏହି ଅଞ୍ଚଳର କୁଆଖାଇ ନଦୀରେ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପଦକ୍ଷେପ ନେଇଥିଲା ଏବଂ ଚଳିତ ଶତାବ୍ଦୀର ପ୍ରାରମ୍ଭରେ ଏଠାରେ ବହୁ ବଡ଼ ବଡ଼ ଡଙ୍ଗା ଲାଗୁଥିଲା। କହିବାକୁ ଗଲେ ଏହା ନୌବାଣିଜ୍ୟ ଏବଂ ସ୍ୱାଧୀନତା ସଂଗ୍ରାମ ବିଦ୍ରୋହର ମୂଳପୀଠ ଭାବରେ ବିବେଚିତ ହୋଇଥିଲା।

କୁଶଭଦ୍ରାରୁ ରାମଚନ୍ଦ୍ରପୁରଠାରୁ ଗୋଟିଏ ଜଳାଧାର ପ୍ରାଚୀ ସହିତ ମିଶି ଏହି ବାଣିଜ୍ୟ କାରବାରର ଯଥେଷ୍ଟ ଗୁରୁତ୍ୱ ନେଉଥିଲା। ଏହି ପୂର୍ବକଥା ମନେପକାଇ ଅଞ୍ଚଳବାସୀମାନେ ଏହି କିଛି ବର୍ଷ ହେବ ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଓ ବାଲିଯାତ୍ରାମାନ ପାଳନ କରୁଛନ୍ତି। ବର୍ତ୍ତମାନ ଭୁବନପୁରଠାରୁ ହାଇଟେକ୍ ମେଡ଼ିକାଲକୁ ଯିବାକୁ ହେଲେ କୁଆଖାଇର ଏକ ଛୋଟ ପାଣିଧାର ପ୍ରତିବନ୍ଧକ ସୃଷ୍ଟି କରୁଛି। ଏହା ଉପରେ ଏକ ପୋଲ ତିଆରି କରାଯାଏ ତେବେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଅଞ୍ଚଳବାସୀଙ୍କର ଏକ ମହତ୍ କାର୍ଯ୍ୟ ହୋଇପାରନ୍ତା। ଅଞ୍ଚଳବାସୀମାନେ ପୋଲ ଉପର ଦେଇ ହାଇଟେକ୍ ମେଡ଼ିକାଲରେ ଚିକିତ୍ସିତ ହୋଇପାରନ୍ତେ।

ଭଗବାନ ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ସନ୍ଥ ତୁଳସୀ ଦାସ ପର୍ଯ୍ୟନ୍ତ ବହୁ ମହାତ୍ମା ଏହି ଜଗନ୍ନାଥ ରାସ୍ତା ଉପରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଯାଉଥିଲେ। ପୁଣି କୁଆଖାଇ ନଦୀର ମଝିରେ ୪୦ ଏକର ବିଶିଷ୍ଟ ଗୋଟାଏ ଟାପୁ ଅଛି, ଯାହାକୁ ସୂଚାରୁ ରୂପେ ପରିଚାଳନା କଲେ ବହୁ ପର୍ଯ୍ୟଟକ ଏଠାକୁ ଆସିବା ସହ ଜଳକ୍ରୀଡ଼ା ଇତ୍ୟାଦି କରିପାରନ୍ତେ। ତତ୍କାଳୀନ ମୁଖ୍ୟଶାସନ ସଚିବ ଡ. ଅଜିତ କୁମାର ତ୍ରିପାଠୀ ଓ ପର୍ଯ୍ୟଟନ ନିର୍ଦ୍ଦେଶକ ରବିନାରାୟଣ ନନ୍ଦଙ୍କ ପ୍ରୟାସରେ କୁଆଖାଇ ନଦୀ ଉପରେ ଏକ ପୋଲ ନିର୍ମାଣ ହୋଇପାରିଛି। ଏପରି ସୂଚନାକୁ ଦୃଷ୍ଟିକୁ ନେଇ ସରକାର ଏହାକୁ ଏକ ପର୍ଯ୍ୟଟନ କେନ୍ଦ୍ର ଭାବରେ ଘୋଷଣା କଲେ ଅତି ଅଳ୍ପ ଖର୍ଚ୍ଚରେ ଭୁବନେଶ୍ୱର ନିକଟରେ ଏକ ବିସ୍ତୃତ ପର୍ଯ୍ୟଟନସ୍ଥଳୀ ହୋଇପାରନ୍ତା ବୋଲି ବରିଷ୍ଠ ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ମତ ଦେଇଛନ୍ତି।

## ପ୍ରଣବଙ୍କ ଫାର୍ମ ହାଉସରେ ଆକ୍ରମଣ ଘଟଣା : ୪ ଗିରଫ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଜେନାପୁରଥାନା ଅନ୍ତର୍ଗତ ପନ୍ତୁରୀଠାରେ ପୂର୍ବତନବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଫାର୍ମହାଉସ ଗଣ୍ଡଗୋଳରେ ସଂପୃକ୍ତି ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫକରିଛି। ସେମାନେହେଲେ ମହିଶରା ପଞ୍ଚାୟତର ଚନ୍ଦନକୁମାର ଜେନା, ବୃନ୍ଦଦେଇପୁର ପଞ୍ଚାୟତର ସୁରେଶ ରାଉତ, ଜେନାପୁର ପଞ୍ଚାୟତର ପ୍ରକାଶ ବରାଳ ଓ ଗଡମଧୁପୁର ପଞ୍ଚାୟତର ଦୁର୍ଗାଦତ୍ତ ତରାଇ। ଯାଜପୁର ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ ସୋମବାର ସନ୍ଧ୍ୟାରେ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି ଯେ ପୋଲିସ ୪ଟି ମାମଲାରୁଜୁ କରିଛି। ଏକଟିମ୍ ଗଠନକରି ବିଭିନ୍ନ ସ୍ଥାନରେ ତଲାସି ଚଳାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତଗିରଫ କରାଯିବ। ୨ ଦିନଧରି ରାଜ୍ୟରେ ଚର୍ଚ୍ଚାରେଥିବା ଏହି ଘଟଣାପାଇଁ ବିଜେଡ଼ିର ନେତା ଓ କର୍ମୀମାନେ ଭୁବନେଶ୍ୱର ଡିଜିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେଧାରଣ ଦେଇଥିଲେ। ଏପଟେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ଜେନାପୁର ଥାନା ସମ୍ମୁଖରେ ଗଣ୍ଡଗୋଳରେ ସଂପୃକ୍ତ ବିଜେଡ଼ିକର୍ମୀଙ୍କୁ ଗିରଫ ଦାବିକରି ଧାରଣାଦେଇଥିଲେ। ୪ଜଣ ଗିରଫ ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ରବିବାର ଦିନ ବିଜେଡ଼ି ସୋସିଆଲ ମିଡିଆର କର୍ମୀମାନେ ଏକାଠିହୋଇ ଫାର୍ମ ହାଉସରେ ଭୋଜି କରୁଥିବାବେଳେ କିଛିବ୍ୟକ୍ତି ତାଙ୍କୁ ଅତର୍କିତଭାବେ ଆକ୍ରମଣକରି ଲହୁଲୁହାଣ କରିବା ସଙ୍ଗେସଙ୍ଗେ ଫାର୍ମ ହାଉସ ପରିସରରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ବିଧାୟକ ଗୋଷ୍ଠୀର ସମର୍ଥକମାନେ ବିଜେଡ଼ିକର୍ମୀ ଆକ୍ରମଣ କରିଥିଲେ ବୋଲି ପାଲଟା ଅଭିଯୋଗ କରି ଜେନାପୁରଥାନ ସମ୍ମୁଖରେ ବସିରହିଥିଲେ।

## ଆଇ.ସି.ଆଇ.ସି.ଆଇ ପ୍ରୁଡେନସିଆଲ ଲାଇଫ ଇନସ୍ୟୁରାନ୍ସର ଜୀବନ ବୀମା ଠକେଇ କର୍ମଶାଳା




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଇ.ସି.ଆଇ.ସି.ଆଇ ପ୍ରୁଡେନସିଆଲ ଲାଇଫ୍ ଇନସୁରାନ୍ସ, ଓଡ଼ିଶା ସର୍କଲ ତରଫରୁ ଜୀବନ ବୀମାରେ ହେଉଥିବା ଠକେଇ ମକଦ୍ଦମାର ସଠିକ୍ ତଦନ୍ତ ଓ ଏହା ବନ୍ଦ କରିବାକୁ କର୍ମଶାଳାକୁ ବିନିତ ଅଗ୍ରୱାଲା, ଆରକ୍ଷୀ ଅଧକ୍ଷ ତାଙ୍କର ଅଫିସ ସମ୍ମିଳନୀ କକ୍ଷରେ ଉଦ୍ଘାଟନ କରିଥିଲେ। ଜୀବନ ବୀମା ସଂସ୍ଥାର ଓଡ଼ିଶା ସର୍କଲ ଆସୋସିଏଟ ରିଜିଓନାଲ ମ୍ୟାନେଜର ଦୁର୍ଗା ପ୍ରସାଦ ମିଶ୍ର, ଜୀବନ ବୀମାରେ ହେଉଥିବା ଠକେଇ, ତା'ର ଉପଯୁକ୍ତ ତଦନ୍ତ ଓ ନିରାକରଣ ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା ପୋଲିସ ଅଧିକାରୀମାନେ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଡି.ଏସ୍.ପି ସୁଜିତ ପ୍ରଧାନ ଏହି ଜୀବନ ବୀମା ଠକେଇ କର୍ମଶାଳା ପାଇଁ ଆଇ.ସି.ଆଇ.ସି.ଆଇ ପ୍ରୁଡେନସିଆଲ ଲାଇଫ୍ ଇନସ୍ୟୁରାନ୍ସର କର୍ତ୍ତୃପକ୍ଷ ଓ ମ୍ୟାନେଜର ଦୁର୍ଗାପ୍ରସାଦ ମିଶ୍ରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କର୍ମଶାଳା କରିବାକୁ ସୁଯୋଗ ଦେଇଥିବାରୁ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲା ଓ ଅଂଶ ଗ୍ରହଣ କରିଥିବା ସମସ୍ତ ପୋଲିସ ଅଧିକାରୀ ମାନଙ୍କୁ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ନୀଳମୋହନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ସିଟି ହସ୍ପିଟାଲ୍‌ରେ ଗୁଟ୍‌ଖା ମନା: ଧରାପଡ଼ିଲେ ଜରିମାନା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ନଗର ଚିକିତ୍ସାଳୟକୁ ସରସ ସୁନ୍ଦର କରିବାକୁ ବିଭିନ୍ନ ଉଦ୍ୟମ କରାଯାଉଛି । ଏଥିରେ ଆଉ ପାଦେ ଆଗେଇ ଏବେ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ହସ୍‌ପିଟାଲ୍ ପରିସରରେ ଗୁଟ୍‌ଖା ମନା ହୋଇଛି। ଗୁଟ୍‌ଖା ଖାଇ ଛେପ ପକାଇଲେ ଜରିମାନା ଦେବାକୁ ପଡ଼ିବ । ଏନେଇ ବିଭିନ୍ନ ୱାର୍ଡ଼ରେ ସୁରକ୍ଷାକର୍ମୀମାନେ ବିଭିନ୍ନ ସମୟରେ ଯାଂଚ୍ ମଧ୍ୟ କରୁଛନ୍ତି । ସୂଚନାପ୍ରକାରେ ସିଟି ହସ୍‌ପିଟାଲ୍‌କୁ ବିଭିନ୍ନ ସମୟରେ ବହୁ ରୋଗୀ, ସେମାନଙ୍କ ସମ୍ପର୍କୀୟ ସମେତ ବିଭିନ୍ନ କାର୍ଯ୍ୟ ଲାଗି ଲୋକେ ଆସିଥାନ୍ତି । କିଛି ବ୍ୟକ୍ତି ଗୁଟ୍‌ଖା ଖାଇ ଏଠିସେଠି ଛେପ ପକାଉଛନ୍ତି ତ ଆଉ କିଏ ଅଳିଆ ଆବର୍ଜନା ପକାଇ ମେଡ଼ିକାଲ୍ ଅପରିଷ୍କାର କରୁଛନ୍ତି। ଏଭଳି ଅମାନିଆଙ୍କୁ ସାବାଡ଼ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ବ୍ରହ୍ମପୁର ସିଟି ହସ୍‌ପିଟାଲ୍ କର୍ତ୍ତୃପକ୍ଷ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି । ହସ୍‌ପିଟାଲ୍ ପରିସରକୁ ବିଭିନ୍ନ ଗୁଟ୍‌ଖା, ପାନ ଓ ନାଶ ଭଳି ବହୁ ନିଶା ସାମଗ୍ରୀ ନେଇ ପ୍ରବେଶ କରୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ଯାଞ୍ଚ କରାଯାଉଛି । ତେବେ ରୋଗୀଙ୍କ ସମ୍ପର୍କୀୟ ମୁଖ୍ୟତଃ ପାନ ଓ ପୁଡ଼ିଆ ଖାଇ ମେଡ଼ିକାଲ୍ ପରିସରରେ ଥିବା ଲିଫ୍ଟ, ବିଭିନ୍ନ କୋଠାର କାନ୍ଥ ସମେତ ବହୁ ସ୍ଥାନରେ ଛେପ ପକାଇ ଅପରିଷ୍କାର କରିଥାନ୍ତି । ଯାହାଫଳରେ ହସ୍‌ପିଟାଲ୍‌ର ସୌନ୍ଦର୍ଯ୍ୟ ନଷ୍ଟ ସହ ମେଡ଼ିକାଲ୍ ପରିସର ଅପରିଷ୍କାର ହୋଇଥାଏ । ଏଭଳି ଅମାନିଆ ରୋଗୀଙ୍କ ସମ୍ପର୍କୀୟଙ୍କୁ ମେଡ଼ିକାଲ୍ ପକ୍ଷରୁ ବାରମ୍ବାର ସଚେତନ କରିବା ସହ ଏଭଳି କାର୍ଯ୍ୟ ନ କରିବାକୁ ଅନୁରୋଧ କରାଯାଇଛି। ଏହାପରେ ମଧ୍ୟ ହସ୍‌ପିଟାଲ୍‌ର ବିଭିନ୍ନ ସ୍ଥାନରେ ପ୍ରତିଦିନ ପାନ ଓ ପୁଡ଼ିଆ ଛେପ ପଡୁଛି । ଏହା ଉପରେ ରୋକ୍ ଲଗାଇବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ସିଟି ହସ୍‌ପିଟାଲ୍ କର୍ତ୍ତୃପକ୍ଷ ରୋଗୀଙ୍କ ସମ୍ପର୍କୀୟଙ୍କ ପକେଟ୍ ଯାଂଚ୍ କରିବା ଆରମ୍ଭ କରିଛନ୍ତି। ଦିନରେ ଏକାଧିକ ସମୟ ମେଡ଼ିକାଲ୍‌ର ସୁରକ୍ଷାକର୍ମୀ ବିଭିନ୍ନ ୱାର୍ଡ଼ର ଓ ଓପିଡ଼ି ବୁଲି ରୋଗୀ ସମ୍ପର୍କୀୟଙ୍କ ପକେଟ୍ ଯାଂଚ କରୁଥିବା ଦେଖିବାକୁ ମିଳିଛି । ଯେଉଁ ବ୍ୟକ୍ତି ଗୁଟ୍‌ଖା ଓ ପାନନ ଛେପ ହସ୍‌ପିଟାଲ୍‌ର କୌଣସି ସ୍ଥାନରେ ପକାନ୍ତି ତେବେ ଉକ୍ତ ବ୍ୟକ୍ତିଙ୍କ ୫୦ ରୁ ୨୦୦ ଟଙ୍କା ଜରିମାନା ଆଦାୟ କରିବାକୁ ସିଟି ହସ୍‌ପିଟାଲ୍ କର୍ତ୍ତୃପକ୍ଷ ନିଷ୍ପତି ନେଇଥିବା ଜଣାପଡ଼ିଛି । କର୍ତ୍ତୃପକ୍ଷ ନିଷ୍ପତି ଦ୍ୱାରା ମେଡ଼ିକାଲ୍ ପରିସର ପରିଷ୍କାର ରହିବା ସହ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହୋଇପାରିବ । ହସ୍‌ପିଟାଲ୍‌ରେ ରୋଗୀ ଚିକିତ୍ସା ସହ ଏଭଳି କାର୍ଯ୍ୟ ପ୍ରତିଦିନ ଜାରି ରହୁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ଓ ସିଟି ହସ୍‌ପିଟାଲ୍ କର୍ତ୍ତୃପକ୍ଷ ଏଭଳି ଉତମ ପଦକ୍ଷେପକୁ ନେଇ ବିଭିନ୍ନ ମହଲାରେ ପ୍ରଶଂସା କରାଯିବା ସହ ଜିଲ୍ଲାରେ ସମସ୍ତ ହସ୍‌ପିଟାଲ୍ ଓ କାର୍ଯ୍ୟାଳୟରେ ଏଭଳି କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଛି ।

## କୋରେଇରେ ଜନତାଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୧୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପ ଆରକ୍ଷୀ ଅଧିକ୍ଷକ ରତିକାନ୍ତ ଗିରି, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋରେଇ, ଅବନିକାନ୍ତ ସାହୁ, ତହସିଲଦାର, ବ୍ୟାସନଗର, ପ୍ରଶାନ୍ତ କୁମାର ପଣ୍ଡା ଓ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।




## ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

| | | |
|---|---|---|
| ୬ / ଚନ୍ଦ୍ର ୭ | ୫ | ଶନି ୪ / ରାହୁ ୩ |
| ୮ | ୧୫ / ୭ | ୨ |
| ୯ କେତୁ / ୧୦ | ୧୧ଚ | ରବି ମଙ୍ଗଳ / ବୁଧ ଶୁକ୍ର ୧୨ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୭।୧୨।୨୦୨୫, ପୌଷ ଦି୨ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ୬।୧୪।୪୪ ଚନ୍ଦ୍ରୋଦୟ-ନିଘ୪।୩୯।୫୨**
**ତ୍ରୟୋଦଶୀ-** ରାଘ୨/୩୨ପର୍ଯ୍ୟନ୍ତ । **ବିଶାଖାନକ୍ଷତ୍ର-** ସଂଘ ୫/୧୧ ପର୍ଯ୍ୟନ୍ତ। **ତୁଳାଚନ୍ଦ୍ର-** ଦିଘ ୧୦/୨୬ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-**ମେଷ, ବୃଷ, କର୍କଟ, ସିଂହ, ତୁଳ, ବିଛା, ଧନୁ ଓ ମକର ଦିଘ ୧୦/୦୬ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-**ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୨/୩୨ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୮ ଗତେ ଘ ୮/୨୮ ମଧ୍ୟେ । ଦିଘ ୧/୩୧ ଗତେ ଘ ୩/୪୦ ମଧ୍ୟେ ।


**ମେଷ:** କର୍ମକ୍ଷେତ୍ରରେ ଆଶା ଅନୁସାରେ ଫଳ ଲାଭ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଶରୀର ସୁସ୍ଥ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀହେବେ ।


**ବୃଷ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ବ୍ୟବସାୟ କ୍ଷତିରେ ଚାଲିବ । ଆୟଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।


**ମିଥୁନ:** ଆର୍ଥିକ ସ୍ଥିତି ଭଲ ରହିବ । ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ବ୍ୟୟର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଦେଖାଦେବ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବାର ସମ୍ଭାବନା ।


**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ରୋଜଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରୋପକାରୀ ହେବାର ସୂଚନା ।


**ସିଂହ:** ପିଲାଙ୍କ ନିମନ୍ତେ ଚିନ୍ତିତ ହେବେ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ । ବ୍ୟୟର ପରିମାଣ ବଢ଼ିବ । ଘରେ ଦ୍ୱନ୍ଦ ଦେଖାଦେବାର ସୂଚନା ।


**କନ୍ୟା:** ଆଜି ଆପଣଙ୍କ ଦିନଟି ଆନନ୍ଦମୟ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପିଲାମାନେ ପଢ଼ାପଢ଼ିରେ ଆଗେଇବାର ସୂଚନା ।


**ତୁଳା:** ଆର୍ଥିକ ସ୍ଥିତି ଭଲ ରହିବ । ଶତ୍ରୁଙ୍କ ପ୍ରତି ସତର୍କତା ଅବଲମ୍ବନୀୟ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଶ୍ରେୟସ୍କର । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।


**ବିଛା:** ବ୍ୟୟର ପରିମାଣ ଅଧିକ ହେବ । ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ବୃଦ୍ଧି ହେବ । ଦେବ ଦର୍ଶନ ସହ ଭ୍ରମଣ ଯୋଗ ମଧ୍ୟ ରହିଛି । ଆୟ ଓ ବ୍ୟୟ ସମାନ ରହିବ । ଗୃହରେ ସୁଖ ଶାନ୍ତି ଅବ୍ୟାହତ ରହିବ ।


**ଧନୁ:** ଆର୍ଥିକ ସ୍ଥିତି ପୂର୍ବ ପରି ରହିବ । ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ତରତର ଭାବରେ କୌଣସି ପଦକ୍ଷେପ ନେବା ଉଚିତ ନୁହେଁ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଭଲ ରହିବ ।


**ମକର:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମାନସିକ ଶାନ୍ତି ଅବ୍ୟାହତ ରହିବ । ସରକାରୀ ସ୍ତରରୁ ଲାଭବାନ ହୋଇ ପାରନ୍ତି । ମହିଳାମାନେ ସୁଖୀ ହେବେ ।


**କୁମ୍ଭ:**କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ । ଦେହ ଭଲ ରହିବ । ବନ୍ଧୁ ଦର୍ଶନ ସହ ସହଯୋଗ ମଧ୍ୟ ଲାଭ କରିବେ । ମହିଳାମାନେ ସୁଖୀ ହେବେ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ ।


**ମୀନ:**ଧର୍ମ କାର୍ଯ୍ୟରେ ଲିପ୍ତ ରହିବେ । ବ୍ୟବସାୟରେ ସଫଳତା ଦେଖାଦେବ । ମନରେ ପ୍ରସନ୍ନତା ରହିବ । ପିଲାମାନେ ସୁଖୀ ହେବେ । ସାଂସାରିକ ଜୀବନ ସୁଖମୟ ହେବ । ଆୟ ଭଲ ହେବ । ମହିଳାମାନେ ସୁଖୀ ହେବେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୮।୧୨।୨୦୨୫, ପୌଷ ଦି୩ନ, ଗୁରୁବାର**
**ସୂର୍ଯ୍ୟୋଦୟ- ଘ୬।୧୫।୧୭ ଚନ୍ଦ୍ରୋଦୟ-ନିଘ୫।୩୪।୧୨**
**ଚତୁର୍ଦ୍ଦଶୀ-** ନିଘ୪/୫୯ପର୍ଯ୍ୟନ୍ତ। **ଅନୁରାଧାନକ୍ଷତ୍ର-** ରାଘ ୮/୦୯ ପର୍ଯ୍ୟନ୍ତ। **ବିଛାଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-**ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭରାଶିର। **ଘାତ ଚନ୍ଦ୍ର-**ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବିରି ନିଘ ୪/୫୯ ଠାରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୯ ଗତେ ଘ ୭/୪୫ ମଧ୍ୟେ । ସଂଘ ୬/୦୧ ରାଘ ୯/୩୧ ମଧ୍ୟେ ।
ପର୍ବୋତ୍ସବ-ଶିବ ଚତୁର୍ଦ୍ଦଶୀ, ବେଢ଼ା ପରିକ୍ରମା।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ପରିତ୍ୟକ୍ତ ହୋଇ ହଜିଯାଇଥିବା ଏକ ଆଣବିକ ଚାଳିତ ଡିଭାଇସ ଗଙ୍ଗା ପ୍ରତି ବିପଦ

୬୦ ବର୍ଷ ପୂର୍ବେ ନନ୍ଦା ଦେବୀ ନିକଟରେ ପରିତ୍ୟକ୍ତ ହୋଇ ହଜିଯାଇଥିବା ଏକ ଆଣବିକ ଚାଳିତ ଡିଭାଇସ୍ ଯାହା ଭାରତୀୟ ହିମାଳୟରେ ଦୀର୍ଘ ଦିନ ଧରି ପୋତି ହୋଇ ରହିଥିଲା । ଏହି ଶୀତଳ ଯୁଦ୍ଧର ରହସ୍ୟ ପୁଣି ଚର୍ଚ୍ଚାକୁ ଆସିଛି । ଏହା ହୁଏତ ବରଫରେ ସମାଧି ନେଇଥାଇପାରେ ମାତ୍ର ଏହା ଗଙ୍ଗା ପ୍ରତି ବିପଦ ହୋଇପାରେ ବୋଲି ଜଣାପଡିଛି ।

୧୯୬୫ ମସିହାରେ ଚୀନ୍‌ର ନୂତନ ଆଣବିକ କାର୍ଯ୍ୟକ୍ରମକୁ ନେଇ ଶୀତଳ ଯୁଦ୍ଧର ଚିନ୍ତା ଚରମ ସୀମାରେ ଥିବାବେଳେ ସିଆଇଏ ଏବଂ ଭାରତର ଗୁଇନ୍ଦା ଦ୍ୱିତୀୟ ସର୍ବୋଚ୍ଚ ଶୃଙ୍ଗ ନନ୍ଦା ଦେବୀ ଉପରେ ଏକ ଆଣବିକ ଶକ୍ତି ଚାଳିତ ଶ୍ରବଣ ଉପକରଣ ସ୍ଥାପନ କରିବାକୁ ଗୁପ୍ତ ମିସନ ଆରମ୍ଭ କରିଥିଲେ । ଏହି ସିଷ୍ଟମ୍ ଅନେକ କିଲୋଗ୍ରାମ୍ ପ୍ଲୁଟୋନିୟମ୍ ଦ୍ୱାରା ଇନ୍ଧନ ପ୍ରାପ୍ତ ଏକ ରେଡିଓଆଇସୋଟୋପ୍ ଥର୍ମୋଇଲେକ୍ଟ୍ରିକ୍ ଜେନେରେଟର ଉପରେ ନିର୍ଭର କରିଥିଲା, ଯାହା ସୀମାରେ ଚୀନ୍ କ୍ଷେପଣାସ୍ତ୍ର ଓ ଆଣବିକ ପରୀକ୍ଷଣକୁ ଶୁଣିବା ପାଇଁ ସେନ୍ସରକୁ ଶକ୍ତି ଦେବା ଲାଗି ଉଦ୍ଦିଷ୍ଟ ଥିଲା । ପରେ ହିମସ୍ଖଳନ ଦ୍ୱାରା ଭାସି ଯାଇଥିଲା କିମ୍ବା ଗ୍ଲେସିୟରରେ ପୋତି ହୋଇଯାଇଥିଲା ।

ଦଶନ୍ଧି ପରେ ଦଶନ୍ଧି ଚେଷ୍ଟା କରି ଭାରତୀୟ ଓ ଆମେରିକୀୟ ସର୍ଚ୍ଚ ମିଶନ ଉପକରଣକୁ ଖୋଜିବାରେ ବିଫଳ ହୋଇଛି । କେତେକ ଅଧିକାରୀ ଓ ବୈଜ୍ଞାନିକ ଅନୁମାନ କରିଛନ୍ତି ଯେ ଏକ ଭାରତୀୟ ଦଳ ହୁଏତ ହାର୍ଡୱେୟାରକୁ ଉଦ୍ଧାର କରିଥିବେ । ମାତ୍ର ଅନ୍ୟମାନେ ବିଶ୍ୱାସ କରନ୍ତି ଯେ ଡିଭାଇସଟି ଏବେ ମଧ୍ୟ ନନ୍ଦା ଦେବୀରେ ବରଫ ଭିତରେ ରହିଛି । ୧୯୭୮ ମସିହାରେ ଭାରତର ପରମାଣୁ ଶକ୍ତି ଆୟୋଗ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରେ ସ୍ଥାନୀୟ ନଦୀଗୁଡ଼ିକରେ କୌଣସି ଚିହ୍ନଟଯୋଗ୍ୟ ପ୍ଲୁଟୋନିୟମ୍ ପ୍ରଦୂଷଣ ନ ଥିବା ଜଣାପଡ଼ିଥିଲା । କିନ୍ତୁ ଏହା ମଧ୍ୟ ଉପକରଣର ଅବସ୍ଥିତି ଜାଣିପାରି ନଥିଲା । ନନ୍ଦା ଦେବୀର ଗ୍ଲେସିୟର ଋଷିଗଙ୍ଗା ଓ ଧୌଳିଗଙ୍ଗାକୁ ପାଣି ଯୋଗାଉଛି, ଯାହା ଅଳକାନନ୍ଦା ଓ ଶେଷରେ ଭାଗୀରଥୀ ନଦୀରେ ମିଶି ଗଙ୍ଗାର ଆରମ୍ଭସ୍ଥଳ ହୁଏ । ତାହାର ତଳମୁଣ୍ଡରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେଖା ସୃଷ୍ଟି ହୋଇ ପରିପାଳିତ ହେଉଛି । ବିଶେଷଜ୍ଞମାନେ କହିଛନ୍ତି ଯେ ବରଫରେ ପୋତି ହୋଇଥିବା ଡିଭାଇସଟି ହୁଏତ ବିପଦ ସୃଷ୍ଟି କରିପାରେ । ତେଣୁ ଏହାର ଅବସ୍ଥିତି ନେଇ ସନ୍ଦିହାନ ହେବା ଅପେକ୍ଷା ଏହାର ସତ୍ୟାସତ୍ୟକୁ ଉନ୍ମୋଚନ କରି ବିହିତ ବ୍ୟବସ୍ଥା କରିବା ଅବଶ୍ୟକ ।

# ଆମେରିକାର ଅଶିଷ୍ଟ ଅର୍ଥନୀତି ଓ ଅବଶିଷ୍ଟ ବିଶ୍ୱ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଏ ଅର୍ଥନୈତିକ ଆତଙ୍କବାଦକୁ ଚିହ୍ନଟ କରିବାରେ ସେଭଳି କୌଣସି ବିରାଟ ବୌଦ୍ଧିକ କସରତ କରିବାକୁ ପଡିନଥାନ୍ତା ମୋଟେ । ଆଖି ଥାଇ ସୁଦ୍ଧା ଆମ ବିଚକ୍ଷଣ ଅର୍ଥନୀତିଜ୍ଞ ଓ ବୁଦ୍ଧିଜୀବୀବର୍ଗ ତା'ହେଲେ ଅଂଧ ଭଳି ଅଭିନୟ କରୁଛନ୍ତି କାହିଁକି ? ଖାଲି କ'ଣ ଅଂଧ – ଏମାନେ ମୂକ ଓ ବଧିର ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇଛନ୍ତି । କାହିଁକିନା ଏମାନଙ୍କ ଶ୍ରେଣୀଚରିତ୍ର ହେଉଛି ସୌଦାଗରୀ ସଭ୍ୟତାର ସୌଖିନ୍ ଶୈଳୀରେ ଅଭ୍ୟସ୍ତ ସୁବିଧାବାଦୀ ଚରିତ୍ର – ଯାହା ବୃହତ୍ତର ଦଳିତ ଦୁର୍ଗତ ବର୍ଗର ସାମାଜିକ ଓ ସାମୂହିକ ସ୍ୱାର୍ଥ ଅପେକ୍ଷା ନିଜନିଜ ବ୍ୟକ୍ତିକ ବୈଷୟିକ ବ୍ୟବସ୍ଥାର ସୁରକ୍ଷା ପ୍ରତି ଏକାନ୍ତ ଲୁବ୍ଧ । ଆପେ ବଂଚିଲେ ବାପର ନାଆଁ ହିଁ ଏମାନଙ୍କର ଏକମାତ୍ର ଆଦର୍ଶ । ଏଥିପାଇଁ କୋଟି କୋଟି ଦରିଦ୍ରର କବର ଉପରେ ଗୋଟିଏ ଗୋଟିଏ ଧନତନ୍ତ୍ରର ଧ୍ୱଜା ଉଡାଇବା ଲକ୍ଷ୍ୟରେ ଆମ ଅର୍ଥନୀତିଜ୍ଞ ଓ ଯୋଜନା ପ୍ରଣୟନକାରୀ ଆଇନଜ୍ଞମାନଙ୍କୁ ଏକତରଫା ଅଧିକାର ଦିଆଯାଇଥାଏ । ଆମେରିକାର ଅସରନ୍ତି ଅର୍ଥଭଣ୍ଡାର ଏବେ ପୃଥିବୀ ଉପରେ ମାର୍କିନ୍ ଏକାଧିପତ୍ୟ ବିସ୍ତାର କରିବାର ଅଭିସନ୍ଧିରେ ବିଭିନ୍ନ ରାଷ୍ଟ୍ରରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିସାରି ଯେଉଁ ଅର୍ଥନୈତିକ ଅଘଟଣ ସଂଘଟନ କରିଚାଲିଛି – ତାହା ହିଁ ହେଉଛି ଆଜିର ଏହି ଅର୍ଥନୈତିକ ଆତଙ୍କବାଦର ଅସଲ କ୍ରିୟାତ୍ମକ ଆଭିମୁଖ୍ୟ । ଏହି ଦୃଷ୍ଟିରୁ ୨୦୦୫ ମସିହାରେ ଏହି ଅର୍ଥନୈତିକ ଆତଙ୍କବାଦ ବା Economic terrorism ଲକ୍ଷଣଗୁଡ଼ିକ ବାବଦରେ ଜେନେଭାସ୍ଥିତ Center of security policy ବା ନିରାପତ୍ତା ଯୋଜନା କେନ୍ଦ୍ର ଆମକୁ ଆଗରୁ ସତର୍କ କରାଇ ସାରିଛନ୍ତି ।

ଏହି ଅଦୃଶ୍ୟ ଆତଙ୍କବାଦ ଯୁକ୍ତରାଷ୍ଟ୍ର ଆମେରିକା ତରଫରୁ ବିଭିନ୍ନ ରାଷ୍ଟ୍ର ବିରୋଧରେ ଏକ ସୁସଂଗଠିତ ଅର୍ଥନୈତିକ ଷଡଯନ୍ତ୍ର – ଯାହା ସଂପୃକ୍ତ ରାଷ୍ଟ୍ରଗୁଡ଼ିକର ସ୍ୱାଭାବିକ ଅର୍ଥନୀତିକୁ ବିଶୃଂଖଳିତ କରାଇ ଜନଜୀବନକୁ ଧର୍ମୀୟ, ସାମାଜିକ, ସାଂସ୍କୃତିକ ଓ ମନସ୍ତାତ୍ତ୍ୱିକ ସଂକଟ ଆଡକୁ ମୁହାଁଇନେବାର ଏକ କୁତ୍ସିତ କୂଟକର୍ମ ! ଏ ପ୍ରକାର ଅମାନୁଷିକ ଅପକର୍ମ ହିଂସ୍ର ବା ଅହିଂସ ପଦ୍ଧତିରେ ପ୍ରଣୋଦିତ ଏକ ମାର୍କିନ୍ ମହାବିଳୟ ବ୍ୟବସ୍ଥା, ଯାହାର ପ୍ରଳୟଂକର ପରିଣତି ଭୋଗିବାକୁ ଯାଉଛି ଅଦୂର ଭବିଷ୍ୟତର ଅବଶିଷ୍ଟ ବିଶ୍ୱ । ଏହି ଅବଶିଷ୍ଟ ବିଶ୍ୱର ମାନଚିତ୍ରରେ କିନ୍ତୁ ବଜାରଧର୍ମୀ ପାଶ୍ଚାତ୍ୟ ସମାଜ (market oriented western societies) ଉପରେ ଗଢ଼ିଉଠିଥିବା ୟୁରୋପ ଅପେକ୍ଷା କୃଷିଭିତ୍ତିକ ପ୍ରାଚ୍ୟସମାଜ ଆଧାରିତ ଏସିଆ ମହାଦେଶକୁ ହିଁ ଅଧିକ କ୍ଷୟକ୍ଷତିରେ ଆକ୍ରାନ୍ତ କରିବାର ଚକ୍ରାନ୍ତ ଆରମ୍ଭ କରିସାରିଛି ଆମେରିକା ! ୟୁରୋପ୍ ଆଜି ଆମେରିକାର ସେଇ ଚିରାଚରିତ 'ଅର୍ଜେଣ୍ଟ୍ ଏଜେଣ୍ଟ' ଭୂମିକା ବଜାୟ ରଖିଥିବାବେଳେ, ଏସିଆ ପାଲଟିବାକୁ ଯାଉଛିଗୋଟାଏ 'ଟ୍ରାଜିକ୍ ଟାର୍ଗେଟ୍' – ନିଜ ଅଜ୍ଞାତସାରରେ !

ଏବେ ମୁଣ୍ଡ ଟେକିବାକୁ ଯାଉଥିବା ମାର୍କିନ୍ ମହାତଙ୍କବାଦ (trans-terrorism)ର ଚୂଡାନ୍ତ ପର୍ବ – ଅର୍ଥନୈତିକ ଆତଙ୍କବାଦ, ଯାହାକୁ ମିଡ଼ିଆ ମାଧ୍ୟମରେ 'ମାନ୍ଦାବସ୍ଥା' ଓ 'ଅଚଳାବସ୍ଥା' ରୂପେ ଚିତ୍ରଣ କରିଦେଇ ଆମ ମୁଖପାତ୍ରବର୍ଗ ନିଜନିଜ ଦାୟିତ୍ୱ ସରିଗଲା ବୋଲି ଖୁସ୍ ! ମାତ୍ର କଥା କ'ଣ ଏଇଠି ? ନା, ଆଳୁଖୋଳୁଖୋଳୁ ମହାଦେବ ବାହାରିଲା ପରି ଏ 'ମାନ୍ଦାବସ୍ଥା'ର ମୁଖା ତଳୁ ମୁହଁ କାଢୁଛି ଆମ ଚାନ୍ଦାଧର୍ମୀ ଚାରିତ୍ରିକତାର ରାଷ୍ଟ୍ରଦ୍ରୋହୀ, ସମାଜଦ୍ରୋହୀ, ଧର୍ମବିଶ୍ୱାସଘାତୀ ମର୍ମବିଦାରକ ଭୂମିକା । ଏସିଆ ମହାଦେଶର ଅଧିକାଂଶ ରାଷ୍ଟ୍ରକୁ ପରସ୍ପର ମଧ୍ୟରେ ଶତ୍ରୁତାପୂର୍ଣ୍ଣ ଦୁଃସ୍ଥିତିରେ ଛିଡ଼ା କରାଇରଖିଥିବାର କୂଟକୌଶଳ ଏକ ଦୀର୍ଘମିଆଦୀ ମାର୍କିନ୍ 'ମାର୍କେଟିଂ ପଲିସୀ' ! କାରଣ ଏହି 'ପଲିସୀ' ବା ଯୋଜନାକୁ କାର୍ଯ୍ୟକାରୀ କରି ହିଁ ମଣିଷମାରଣା ମହାତଙ୍କବାଦୀ ଆମେରିକା ମାରଣାସ୍ତ୍ର ବିକିଚାଲିଛି ଏସିଆ ମହାଦେଶର ରାଷ୍ଟ୍ରପୁଞ୍ଜକୁ । ମାରଣାସ୍ତ୍ରରେ ମୁନାଫାର ମୀନାର୍ ଆକାଶଛୁଆଁ । ଏପରିକି ଏହି ମୁନାଫାର ମାତ୍ର ପାଞ୍ଚସାତ ଶତାଂଶ ଉତ୍କୋଚରେ ସୁଦ୍ଧା ବହୁ ଏସୀୟ ରାଷ୍ଟ୍ରର ଶାସନ ଓ ପ୍ରଶାସନ ଆମେରିକାର ସଖୀ କଣ୍ଢେଇ ସାଜିବାକୁ ସଜବାଜ ! ନାନା ରାଷ୍ଟ୍ରର ସାମରିକ ଅସ୍ତ୍ରବିକ୍ରୟର ଅନେକ ଗୁମର ମାର୍କିନ୍ ଗୁପ୍ତଚରଚକ୍ର ସିଆଇଏ ସଂସ୍ଥାର ବିଡ଼ା ବିଡ଼ା ଫାଇଲ୍‌ଫିତାରେ ଫାଶୀ ପାଇଯାଉଚି । ପଦାରେ ପଡ଼ିଲେ ଦୁଲୁକିଉଠିବ ଦୁନିଆ ! ତେବେ ଆମେରିକାର କାଏମୀ ସ୍ୱାର୍ଥକୁ କାର୍ଯ୍ୟକାରୀ କରିବା ଦିଗରେ ଏସିଆର ରାଜନୀତି ଓ ଅର୍ଥନୀତି ଏଭଳି ସ୍ୱଦେଶବିରୋଧୀ ସ୍ଥିତିର ନିର୍ଦ୍ଦୟ ନିର୍ଣ୍ଣାୟକ ସାଜି ଜନସମୁଦାୟର ଜହ୍ଲାଦ ହେବାକୁ ରାଜି ହେଉଛନ୍ତି କେମିତି ?

ଟଙ୍କା ! କେବଳ ହିଁ କଳାଟଙ୍କା ! ଏଇ ପ୍ରଚଣ୍ଡ ପ୍ରଲୋଭନରେ ଧଳା ମହାଜନ ଆମେରିକାର ଖାତକ ହେବାର ପାତକ ମୁଣ୍ଡାଇବାକୁ ଅଧିକାଂଶ ଏସୀୟ ରାଷ୍ଟ୍ର ଏବେ ପଛଉନାହାନ୍ତି ମୋଟେ । କାରଣ ଏସୀୟ ରାଜନୈତିକ ଚରିତ୍ର ଏବେ ବହୁଳାଂଶରେ ବିତୀୟ ବ୍ୟବସ୍ଥା ଦ୍ୱାରା ବିକ୍ରୀତ – ଯେଉଁ ବିତ୍ତୀୟ ବ୍ୟବସ୍ଥାର ବ୍ୟୂହ ରଚନା କରିଛି ମାର୍କିନ୍ କୂଟନୀତି । ଏସିଆର ପ୍ରାଚୀନ ଧର୍ମ ଓ ସଂସ୍କୃତିନିଷ୍ଠ ସଭ୍ୟତାକୁ ମୂଳପୋଛ କରିବା ଅଭିସନ୍ଧିରେ କେବେଠୁ ସୃଷ୍ଟି ହୋଇସାରିଛି ଆଧୁନିକ ଅର୍ଥନୀତିର ଆତସବାଜି ସ୍ୱରୂପ କର୍ପୋରେଟ କଲଚର କିଲର୍ କଲଚର – ମାର୍କିନ୍ ମିକ୍ସଚର ! ମୁନାଫାମୁଖୀ ମାନସିକତା ମାରିଦେଉଛି ମଣିଷପଣ – ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ରଚନା କରୁଛି ରକ୍ତପାତ, ଯୁଦ୍ଧିବିଗ୍ରହ, ଭୟାବହ ଭଗାରି ଭୂମିକା – ଜାତିଜାତି ମଧ୍ୟରେ ଜାତ ହେଉଛି ଜଘନ୍ୟ ଜାନ୍ତବ ଦ୍ୱନ୍ଦ୍ୱ – ଧର୍ମ ଧର୍ମ ମଧ୍ୟରେ ଚାଲିଛି ଦୁଃସହ ଦଂଗାର ବିଷାକ୍ତ ବିଭୀଷିକା ! ଏସିଆର ଦେଶ, ସମାଜ, ସଂସ୍କୃତି, ଧର୍ମ, ସଂଗଠନ, ପରମ୍ପରା, ପରିବାରକୁ ଆଜି ପାଉଁଶରେ ପରିଣତ କରିବାକୁ ଯାଉଛି ଆମେରିକାର ଅଧର୍ମବିତ୍ତ ! ଏଇଥିଲାଗି ହିଁ ଆତଙ୍କବାଦ – ଅର୍ଥନୈତିକ ଆତଙ୍କବାଦ – ଏକ ଆଭ୍ୟନ୍ତରୀଣ ଆପଦର ଆବର୍ତ୍ତରେ ସମଗ୍ର ଏସିଆ ଏବେ ଉତ୍ପୀଡ଼ିତ । ଉତ୍ପାତକାରୀମାନଙ୍କୁ ଉଚ୍ଛେଦ କରିବା ପାଇଁ ମିଲିଟାରୀ ଓ ପୁଲିସ୍‌ଫୋର୍ସ୍‌ର ବାରବର୍ଷର ତପସ୍ୟା ପଣ୍ଡହେଉଛି ଶୁଖୁଆପୋଡାରେ ! କାରଣ ଅଧିକାଂଶ ରାଷ୍ଟ୍ରର ଶାସନ ଓ ପ୍ରଶାସନର ସୂତ୍ରଧରମାନଙ୍କୁ କଳାଟଙ୍କାର କାରବାରରେ ହରଦମ୍ ହିସାବଦୋରସ୍ତ କରାଇବାରେ କୃତକାର୍ଯ୍ୟ ହୋଇସାରିଛି ସଫେଦ୍ ସୌଦାଗର !

ଏସିଆ... ଇତିହାସର ଅଂଧାରୀରାତିରୁ ଆଧୁନିକ ସମୟର ସଫେଦ୍ ସକାଳ ପର୍ଯ୍ୟନ୍ତ ବହୁ ବୈଦେଶିକ ଆକ୍ରମଣକାରୀଙ୍କ ଲୁଣ୍ଠନର କରୁଣ ଶିକାର ହୋଇଆସିଛି । ଖ୍ରୀଷ୍ଟପୂର୍ବ ୩୦୦ ଅବ୍ଦର ଗ୍ରୀକ୍ ଆଲେକ୍‌ଜାଣ୍ଡର୍‌ଠାରୁ ଆରମ୍ଭ କରି ଅଷ୍ଟାଦଶ ଶତାବ୍ଦୀର ଆଫ୍‌ଗାନ ଆକ୍ରମଣକାରୀ ଅହମ୍ମଦଶାହ ଦୁରାନୀ ପ୍ରମୁଖ ପାହାଡ଼ପର୍ବତ ପାରିହୋଇ ଏସିଆର ଉପମହାଦେଶ ଭାରତ ଚଢ଼ଉ କରିଛନ୍ତି । ମାତ୍ର ସାତସମୁଦ୍ର ପାରିହୋଇ ପର୍ତ୍ତୁଗୀଜ୍, ଫରାସୀ ଓ ବ୍ରିଟିଶ୍ ପ୍ରମୁଖ ପାଶ୍ଚାତ୍ୟ ଆକ୍ରମଣକାରୀବର୍ଗ ଭାରତମୁଖୀ ହୋଇଛନ୍ତି ଊନବିଂଶ ଶତାବ୍ଦୀର ଆଦ୍ୟପାଦ ପର୍ଯ୍ୟନ୍ତ । ହଁ, ଲକ୍ଷ୍ୟକେବଳ ଲୁଣ୍ଠନ, ଅପର୍ଯ୍ୟାପ୍ତ ସଂପଦ ଅପହରଣ । ଏବେ କିନ୍ତୁ ସେ ଧାରା ବଦଳିଛି । ଏବେ ଏଠାକୁ ନଆସି ମଧ୍ୟ ଆମେରିକା ଲୁଣ୍ଠନ ଓ ଶୋଷଣ କରିପାରୁଛି ଏସିଆ ମହାଦେଶର ବିଭିନ୍ନ ରାଷ୍ଟ୍ରଙ୍କୁ । ଆଫ୍ରିକାର ନିଗ୍ରୋମାନଙ୍କୁ ଯେମିତି ମଧ୍ୟଯୁଗରେ ଗୋରାଲୋକେ କ୍ରୀତଦାସ କରିବା ଲୋଭରେ ନିଜଦେଶକୁ ବନ୍ଦୀ କରିନେଇଯାଉଥିଲେ, ଏବେ ଆମେରିକା ସେମିତି ଏସିଆରୁ ପ୍ରତିଭାଚାଲାଣ କରିନେଉଛି ନିଜ ଇଲାକାକୁ – ଏସିଆର ବୁଦ୍ଧିକୁ ନିଜ ବିଜ୍ଞାନରେ ବ୍ୟବହାର କରି ବ୍ୟବସାୟ କରୁଛି – ନିଜ ଜ୍ଞାନର ଗୋଲାମ କରି ଶିଳ୍ପସଭ୍ୟତାର ସୌଖିନ୍ ସୌଧ ଗଢୁଛି । ଏଠାକୁ ଆସିବାର ବାଟଖର୍ଚ୍ଚ ନାହିଁ – ବରଂସେଇ ବାଟଖର୍ଚ୍ଚକୁ ବଟିଖର୍ଚ୍ଚରେ ପରିଣତ କରି ଏସିଆର ବିଭିନ୍ନ ରାଷ୍ଟ୍ରର ଶାସନ, ପ୍ରଶାସନ, ଦୁଃଶାସନ ଚରିତ୍ରମାନଙ୍କୁ କରାୟତ୍ତ କରୁଛି । ଆମେରିକା ଦ୍ୱାରା ଆରମ୍ଭ ହୋଇସାରିଥିବା ଅର୍ଥନୈତିକ ଆତଙ୍କବାଦ ଏହି ମାରାତ୍ମକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାରେ କେତେଦୂର ସଫଳ ହୋଇପାରିଛି, ତାହାକୁ ଏବେ ଏସିଆର ଅନୁଚିନ୍ତକବର୍ଗ ଗୁରୁତ୍ୱ ଦେଇ ଅନୁଧ୍ୟାନ କରିବାର ସମୟ ଆସି ପହଞ୍ଚିଯାଇଛି । ଆଉ କାଳ କ୍ଷେପଣ କଲେ ନେଡ଼ିଗୁଡ ବୋହିଯିବ କହୁଣିକି । ଜଗତୀକରଣ ଧ୍ୱନି ଦେଇ 'ପୃଥିବୀ ଗୋଟିଏ ଗାଆଁ'ର ପ୍ରଚାର ଚାଲିଥିବାବେଳେ ପ୍ରକୃତରେ କିନ୍ତୁ ପୃଥିବୀର ଗୈରିକ 'ଗ୍ରାମଶ୍ମଶାନ' କରିଦିଆଯାଉଛି ଏସିଆ ମହାଦେଶର ଗ୍ରାମଧର୍ମଭିତ୍ତିକ ସଭ୍ୟତାଗୁଡ଼ିକୁ । ଜଗତୀକରଣ ବା 'ଗ୍ଲୋବାଲାଇଜେସନ୍' ଫଳରେ ଆମେରିକାର ଅର୍ଥନୈତିକ ଆତଙ୍କବାଦ ଏବେ ବେଶ୍ ଆରାମ୍‌ରେ ନିଜ ବିଶ୍ୱରୂପ ପ୍ରଦର୍ଶନ କରି ଏସିଆକୁ ରୂପାନ୍ତରିତ କରିବାକୁ ଯାଉଛି ଏକ ମନସ୍ତାତ୍ତ୍ୱିକ ମରୁମଣ୍ଡଳରେ ! ଆତ୍ମବିଶ୍ୱାସ ବର୍ଜିତ ଏକ ଅଧୀନସ୍ଥ ଅଧିତ୍ୟକାରେ ।

# ନୀତିନ ନବୀନ-ବିହାରର କ୍ୟାବିନେଟରୁ ବିଜେପିର ଜାତୀୟ କାର୍ଯ୍ୟକାରୀ ସଭାପତି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଭାରତର ଶାସକ ଦଳର ହୃଦୟରେ ଥିବା ବ୍ୟକ୍ତିଙ୍କୁ ଏକ ଗଭୀର ଦୃଷ୍ଟିକୋଣ ଭାରତୀୟ ଜନତା ପାର୍ଟି (ବିଜେପି) ୧୪ ଡିସେମ୍ବର ୨୦୨୪ ଦିନ ଅପରାହ୍ଣରେ ଏକ ବଡ ସାଂଗଠନିକ ପୁନର୍ଗଠନ ଘୋଷଣା କରିଛି । ବିହାରର ବର୍ତ୍ତମାନର କ୍ୟାବିନେଟ ମନ୍ତ୍ରୀ, ନୀତିନ ନବୀନଙ୍କୁ ଜାତୀୟ କାର୍ଯ୍ୟକାରୀ ସଭାପତି (NWP) ଭାବରେ ନୂତନ ଭାବରେ ସୃଷ୍ଟି ହୋଇଥିବା ପଦବୀରେ ଉନ୍ନିତ କରାଯାଇଥିଲା । ଦଳର ସଂସଦୀୟ ବୋର୍ଡ ଦ୍ୱାରା ଅନୁମୋଦିତ ଏହି ନିଯୁକ୍ତି, ନବୀନଙ୍କୁ ବରିଷ୍ଠ ନେତୃତ୍ୱ ସହିତ ପ୍ରଭାବଶାଳୀ ଭାବରେ ସ୍ଥାନିତ କରେ ଏବଂ ବିଜେପିର ଆଭ୍ୟନ୍ତରୀଣ ଶକ୍ତି ଗତିଶୀଳତାରେ ଏକ ରଣନୈତିକ ପରିବର୍ତ୍ତନର ସଙ୍କେତ ଦିଏ । ଏହି ଲେଖାଟି ନବୀନଙ୍କ ରାଜନୈତିକ ଯାତ୍ରାର ସନ୍ଧାନ କରେ, ତାଙ୍କ ପଦୋନ୍ନତିର ପ୍ରସଙ୍ଗକୁ ପରୀକ୍ଷାର କରେ, (NWP)ର ଦାୟିତ୍ୱକୁ ରୂପରେଖା ଦିଏ ଏବଂ ଆଗାମୀ ମାସଗୁଡ଼ିକରେ ଦଳ ଏବଂ ଭାରତୀୟ ରାଜନୀତି ପାଇଁ ତାଙ୍କର ନୂତନ ଭୂମିକା କ'ଣ ହୋଇପାରେ ତାହା ମୂଲ୍ୟାଙ୍କନ କରେ । ପ୍ରାରମ୍ଭିକ ଜୀବନ ଏବଂ ରାଜନୀତିରେ ପ୍ରବେଶ ନୀତିନ ନବୀନ ୧୯୮୦ ଦଶକର ପ୍ରାରମ୍ଭରେ ବିହାରର (ସନ୍ନିବେଶ ଜିଲ୍ଲା) ଜିଲ୍ଲାର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଯଦିଓ ସନ୍ଧାନ ଫଳାଫଳଗୁଡିକ ଏକ ବିସ୍ତୃତ ଜୀବନୀ ପ୍ରଦାନ କରେ ନାହିଁ, ସେମାନେ ତାଙ୍କୁ ବିହାର ସରକାରଙ୍କ ଜଣେ ପାଞ୍ଚ କାଳୀନ ବିଧାୟକ ଏବଂ କ୍ୟାବିନେଟ ମନ୍ତ୍ରୀ ଭାବରେ ସ୍ଥିର ଭାବରେ ବର୍ଣ୍ଣନା କରନ୍ତି, ଯାହା ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କର ରାଜନୈତିକ କ୍ୟାରିୟରକୁ ସୂଚିତ କରେ । ତୃଣମୂଳ ରାଜନୀତି ସହିତ ତାଙ୍କର ପ୍ରାରମ୍ଭିକ ସମ୍ପର୍କ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (RSS) ଏବଂ ବିଜେପିର ଯୁବ ଶାଖା, ଭାରତୀୟ ଜନତା ଯୁବ ମୋର୍ଚ୍ଚା (BJYM) ମାଧ୍ୟମରେ ଆସିଥିଲା । ବିହାରର ଅନେକ ବିଜେପି ନେତାଙ୍କ ପରି ନବୀନଙ୍କ ଉତଥାନ ଗ୍ରାମାଞ୍ଚଳ ଭୋଟରଙ୍କ ସହିତ ସଂଯୋଗ ସ୍ଥାପନ ଏବଂ ପାରମ୍ପରିକ ଭାବରେ ଏକ ରାଜନୈତିକ ଯୁଦ୍ଧକ୍ଷେତ୍ର ହୋଇଥିବା ରାଜ୍ୟରେ ଦଳର ବିକାଶମୂଳକ ଏଜେଣ୍ଡା ପାଇଁ ସମର୍ଥନ ସଂଗ୍ରହ କରିବାର ତାଙ୍କର କ୍ଷମତାରେ ବନ୍ଧକ ଥିଲା । ବିଧାୟକ କ୍ୟାରିଅର ଏବଂ ମନ୍ତ୍ରୀ ପଦ ପୋର୍ଟଫୋଲିଓ ନବୀନ ପ୍ରଥମେ ୨୦୦୦ ଦଶକର ପ୍ରାରମ୍ଭରେ ବିହାର ବିଧାନସଭାରେ ଏକ ଆସନ ଜିତିଥିଲେ । ସେ ପାଞ୍ଚଥର ପୁନଃନିର୍ବାଚିତ ହୋଇଛନ୍ତି, ଯାହା ତାଙ୍କର ଦୃଢ ନିର୍ବାଚନମଣ୍ଡଳୀ ଆଧାରର ପ୍ରମାଣ । ବର୍ଷ ବର୍ଷ ଧରି ସେ ଅନେକ ବିଭାଗରେ କାର୍ଯ୍ୟ କରିଛନ୍ତି, ଯେଉଁଠାରେ ସେ (ପୋର୍ଟଫୋଲିଓ ସନ୍ନିବେଶ କରନ୍ତୁ– ଯଥା, ପବ୍ଲିକ୍ ୱର୍କସ୍,ଗ୍ରାମୀଣ ବିକାଶ, କିମ୍ବା ଶିକ୍ଷା) ମନ୍ତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି, ଯେଉଁଠାରେ ସେ ଗ୍ରାମୀଣ ବିହାରରେ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବଡ ଧରଣର ଭିତ୍ତିଭୂମି ପ୍ରକଳ୍ପଗୁଡିକର ତଦାରଖ କରିଛନ୍ତି । ତାଙ୍କର କାର୍ଯ୍ୟକାଳ ଗ୍ରାମକୁ ରାସ୍ତା ପଦକ୍ଷେପ, କମ ମୂଲ୍ୟର ଗୃହ ନିର୍ମାଣ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ଡିଜିଟାଲ ସାକ୍ଷରତାର ପ୍ରୋତ୍ସାହନ ଉପରେ ଧ୍ୟାନ ଦେଇ ଚିହ୍ନିତ ହୋଇଛି । ଏହି ସଫଳତାଗୁଡିକ ତାଙ୍କୁ ଜଣେ ବାସ୍ତବବାଦୀ ପ୍ରଶାସକ ଭାବରେ ଖ୍ୟାତି ଅର୍ଜନ କରିଛି ଯିଏ ଭୂମିରେ କାର୍ଯ୍ୟ କରିପାରିବେ । ୨୦୨୫ରେ ବିଜେପିର ସଂଗଠନାତ୍ମକ ଦୃଶ୍ୟପଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦଶବର୍ଷର ପ୍ରଭାବ ପରେ ବିଜେପି ନିର୍ବାଚନୀ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି, ବିଶେଷକରି ୨୦୨୪ ସାଧାରଣ ନିର୍ବାଚନରେ ଯେଉଁଠାରେ ଦଳ ହିନ୍ଦୀ ବେଲ୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟକ ଆସନ ହରାଇଥିଲା । ପ୍ରତିକ୍ରିୟାରେ ବର୍ତ୍ତମାନର ଜାତୀୟ ସଭାପତି ଜେପିନଡ୍ଡାଙ୍କ ନେତୃତ୍ୱରେ ଦଳର ନେତୃତ୍ୱ ଏହାର ସାଂଗଠାନିକ ଗଠନକୁ ପୁନର୍ଜୀବିତ କରିବାକୁ ଚେଷ୍ଟା କରୁଛି । ଜାତୀୟ କାର୍ଯ୍ୟକାରୀ ସଭାପତି ପଦବୀ ସୃଷ୍ଟିକୁ ନୂତନ ଶକ୍ତି ପ୍ରଦାନ, ଦଳର ଆଞ୍ଚଳିକ ପ୍ରତିନିଧିତ୍ୱକୁ ବିସ୍ତାର କରିବା ଏବଂ ଭବିଷ୍ୟତ ନିର୍ବାଚନ ପାଇଁ ଦ୍ୱିତୀୟ ପିଢିର ନେତାମାନଙ୍କୁ ପ୍ରସ୍ତୁତ କରିବାର ଏକ ପ୍ରୟାସ ଭାବରେ ବ୍ୟାଖ୍ୟା କରାଯାଏ । ନୀତିନନବୀନ କାହିଁକି ? ନବୀନଙ୍କ ନାମ ଉପରେ ଅନେକ କାରଣ ଏକତ୍ରିତ ହୋଇଥିବା ପରି ମନେହୁଏ । ଆଞ୍ଚଳିକ ସନ୍ତୁଳନ – ପୂର୍ବ କରିଡରରେ ବିହାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱିଙ୍ଗ ରାଜ୍ୟ । ଜଣେ ବରିଷ୍ଠ ବିହାର ନେତାଙ୍କୁ ଜାତୀୟ ପଦବୀରେ ନିଯୁକ୍ତି ଦେବା ବିଜେପିକୁ ଏପରି ଏକ ଅଞ୍ଚଳରେ ଏହାର ସମର୍ଥନ ଭିତ୍ତିଭୂମିକୁ ସୁଦୃଢ କରିବାରେ ସାହାଯ୍ୟ କରେ ଯେଉଁଠାରେ ଏହା ଐତିହାସିକ ଭାବରେ ରାଷ୍ଟ୍ରୀୟ ଜନତା ଦଳ (RJD) ଏବଂ ଜନତା ଦଳ (ସଂଯୁକ୍ତ) (JDU) ଠାରୁ ପଛରେ ରହିଛି । ପ୍ରଶାସନିକ ବିଶ୍ୱସନୀୟତା– କ୍ୟାବିନେଟ ମନ୍ତ୍ରୀ ଭାବରେ ନବୀନଙ୍କ ଅଭିଜ୍ଞତା ତାଙ୍କୁ ଶାସନର ଏକ ଦୃଢ ବୁଝାମଣା ପ୍ରଦାନ କରେ, ଯାହାକୁ ଦଳ କେନ୍ଦ୍ର ସରକାରଙ୍କ ଯୋଜନା ସହିତ ଏହାର ରାଜ୍ୟ ୟୁନିଟ୍ କାର୍ଯ୍ୟକଳାପକୁ ସମନ୍ୱୟ କରିବାରେ ବ୍ୟବହାର କରିବାକୁ ଆଶା କରୁଛି । ଯୁବ ଆହ୍ୱାନ – ୪୫ବର୍ଷ ବୟସରେ, ନବୀନ ଦଳର ଅନେକ ପୁରୁଖା ନେତାଙ୍କ ତୁଳନାରେ ଯଥେଷ୍ଟ କମ୍ ବୟସ୍କ । ତାଙ୍କର ପଦୋନ୍ନତି ଏକ ପିଢିଗତ ପରିବର୍ତ୍ତନକୁ ସଙ୍କେତ ଦେବା ଏବଂ ଯୁବ ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ଉଦ୍ଦିଷ୍ଟ ଯେଉଁମାନେ ପୁରୁଣା ପ୍ରହରୀ ଦ୍ୱାରା ବିଚ୍ଛିନ୍ନ ଅନୁଭବ କରିପାରନ୍ତି । ଦଳୀୟ ବିଶ୍ୱସ୍ତତା – ବହୁ ନିର୍ବାଚନ ଚକ୍ରରେ ବିଜେପିକୁ ସେବା କରିବା ପରେ, ନବୀନଙ୍କୁ ଜଣେ ନିର୍ଭରଯୋଗ୍ୟ ଦଳୀୟ ବ୍ୟକ୍ତି ଭାବରେ ଦେଖାଯାଏ ଯାହାଙ୍କୁ ଆଭ୍ୟନ୍ତରୀଣ ଘୃଣା ସୃଷ୍ଟି ନକରି ନେତୃତ୍ୱର ଦୃଷ୍ଟିକୋଣକୁ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱାସ କରାଯାଇପାରେ । ଜାତୀୟ କାର୍ଯ୍ୟକାରୀ ସଭାପତିଙ୍କ ଭୂମିକା ବିଜେପିର ସମ୍ବିଧାନ NWPର ସଠିକ୍ କର୍ତ୍ତବ୍ୟ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରେ ନାହିଁ, କିନ୍ତୁ ଦଳର ପ୍ରେସ୍ ରିଲିଜ୍ ଏବଂ ସାଂଗଠନିକ ମାନୁଆଲ ସୂଚାଇ ଦିଏ ଯେ ଏହି ପଦବୀରେ ନିମ୍ନଲିଖିତ ଦାୟିତ୍ୱ ଅନ୍ତର୍ଭୁକ୍ତ । ରାଜ୍ୟ ୟୁନିଟ୍ ଏବଂ କେନ୍ଦ୍ରୀୟ ନେତୃତ୍ୱ ମଧ୍ୟରେ ସମନ୍ୱୟ – NWP ଏକ ଯୋଗାଯୋଗ ଭାବରେ କାର୍ଯ୍ୟ କରେ, ଏହା ସୁନିଶ୍ଚିତ କରେ ଯେ ରାଜ୍ୟ କମିଟିଗୁଡିକ ଜାତୀୟ ଏଜେଣ୍ଡା ସହିତ ସେମାନଙ୍କର ରଣନୀତିକୁ ସମାନ କରିଥାଏ । ସାଂଗଠନିକ ନିର୍ବାଚନର ତଦାରଖ– NWP ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଆଭ୍ୟନ୍ତରୀଣ ଦଳୀୟ ନିର୍ବାଚନ ପରିଚାଳନା ତଦାରଖ କରେ, ଯାହାର ଲକ୍ଷ୍ୟ ସ୍ୱଚ୍ଛତା ଏବଂ ନିରପେକ୍ଷତା ବଜାୟ ରଖିବା । ଅଭିଯାନ ରଣନୀତି ଏବଂ ଯୋଜନା – ଦଳର ନିର୍ବାଚନ କମିଟି ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରି, ଘଡତ ଦେଶବ୍ୟାପୀ ପ୍ରଚାର ବିଷୟବସ୍ତୁ ଗଠନରେ ଯୋଗଦାନ ଦିଏ, ବିଶେଷକରି ୨୦୨୬ରେ ହେବାକୁ ଥିବା ଆଗାମୀ ରାଜ୍ୟ ନିର୍ବାଚନ ପାଇଁ । ଆଂଚଳିକ ସ୍ୱାର୍ଥର ପ୍ରତିନିଧିତ୍ୱ – ବିହାରର ଜଣେ ବରିଷ୍ଠ ନେତା ହୋଇଥିବାରୁ ନବୀନ ଏହି ଚିନ୍ତାକୁ ପ୍ରକାଶ କରିବେ ବୋଲି ଆଶ କରାଯାଉଛି । ଏନଗେଜ୍‌ମେଣ୍ଟ – ସାଧାରଣ ରାଲିରେ ଅଂଶଗ୍ରହଣ କରେ, ଗଣମାଧ୍ୟମ ସହିତ ଭାବ ବିନିମୟ କରେ ଏବଂ ଦଳର ଆକର୍ଷଣକୁ ବିସ୍ତାର କରିବା ପାଇଁ ନାଗରିକ ସମାଜ ସହିତ ଜଡିତ ହୁଏ । ତୁରନ୍ତ ପ୍ରତିକ୍ରିୟା ଦଳ ନେତୃତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପିନଡ୍ଡାଙ୍କ ସମେତ ବରିଷ୍ଠ ବିଜେପି ବ୍ୟକ୍ତିବିଶେଷ ଏହି ନିଯୁକ୍ତିକୁ ସ୍ୱାଗତ କରିଛନ୍ତି । ମୋଦିଙ୍କ କାର୍ଯ୍ୟାଳୟ ଏକ ବିବୃତି ଜାରି କରି ନବୀନଙ୍କୁ ଦେଶର ବିକାଶ ପ୍ରତି ଗଭୀର ପ୍ରତିବଦ୍ଧତା ସହିତ ଜଣେ ଗତିଶୀଳ ନେତା ଭାବରେ ବର୍ଣ୍ଣନା କରିଛି । ୨୦୨୬ପରେ ପଦ ଛାଡିବାକୁ ଥିବା ନଡ୍ଡା ଏହି ପଦକ୍ଷେପକୁ ଅଧିକ ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତ –କେନ୍ଦ୍ରିତ ଦଳୀୟ ଗଠନ ଦିଗରେ ଏକ ପଦକ୍ଷେପ ଭାବରେ ପ୍ରଶଂସା କରିଛନ୍ତି । ରାଜ୍ୟ ରାଜନୀତି – ବିହାରରେ ବିଜେପି ସହିତ ଏକ ମେଣ୍ଟ ସରକାରର ନେତୃତ୍ୱ ନେଉଥିବା ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନବୀନଙ୍କୁ ଦଳର ଏକ ମୂଲ୍ୟବାନ ସମ୍ପତ୍ତି ଏବଂ ଜାତୀୟ ସ୍ତରରେ ବିହାର ପାଇଁ ଏକ ଦୃଢ ସ୍ୱର ବୋଲି କହିଛନ୍ତି । ତଥାପି, ଆରଜେଡି ଏବଂ ଜେଡିୟୁର ବିରୋଧୀ ନେତାମାନେ ସନ୍ଦେହ ପ୍ରକାଶ କରିଛନ୍ତି, ପ୍ରଶ୍ନ କରିଛନ୍ତି ଯେ ଏହି ନିଯୁକ୍ତି ବିହାରର ବିକାଶ ପାଇଁ ଦୃଶ୍ୟ ଲାଭରେ ପରିଣତ ହେବ କି ନାହିଁ । ରାଜନୈତିକ ବିଶ୍ଳେଷକମାନେ ଏହି ନିଯୁକ୍ତିକୁ ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବ ରାଜ୍ୟଗୁଡିକରେ ବିଜେପିର ସ୍ଥିତିକୁ ସୁଦୃଢ କରିବା ପାଇଁ ଏକ ରଣନୈତିକ ମାଷ୍ଟରଷ୍ଟ୍ରୋକ୍ ଭାବରେ ଉଲ୍ଲିଖିତ କରିଛନ୍ତି । ସେମାନେ ଉଲ୍ଲେଖ କରିଛନ୍ତି ଯେ ନବୀନଙ୍କ ପ୍ରଶାସନିକ ପୃଷ୍ଠଭୂମି ଦଳକୁ ଏହାର ଶାସନ କ୍ଷମତା ପ୍ରଦର୍ଶନ କରିବାରେ ସାହାଯ୍ୟ କରିପାରେ ବିଶେଷକରି ବିରୋଧୀଙ୍କ ଅଭିଜ୍ଞତାର ଅଭାବ ବିପରୀତ ନୀତିନବୀନଙ୍କ ପାଇଁ ସମ୍ଭାବ୍ୟ ଚ୍ୟାଲେଞ୍ଜ । ଦ୍ୱୈତ ଭୂମିକା ସନ୍ତୁଳନ – NWPର ଜାତୀୟ ଦାୟିତ୍ୱ ସହିତ ବିହାର କ୍ୟାବିନେଟ ମନ୍ତ୍ରୀଙ୍କ ଦାବିପୂର୍ଣ୍ଣ ପୋର୍ଟଫୋଲିଓ ପରିଚାଳନା କରିବା ନବୀନଙ୍କ ସମୟ ପରିଚାଳନା ଏବଂ ରାଜନୈତିକ ଚତୁରତାକୁ ପରୀକ୍ଷା କରିବ । ଆଭ୍ୟନ୍ତରୀଣ ଦଳ ଗତିଶୀଳତା – ବିଜେପି ଏହାର ପଦାନୁକ୍ରମିକ ଗଠନ ପାଇଁ ଜଣାଶୁଣା । ନବୀନଙ୍କୁ ଦଳର ଉପାଧ୍ୟକ୍ଷ, ସାଧାରଣ ସମ୍ପାଦକ ଏବଂ ପ୍ରଭାବଶାଳୀ RSS କ୍ୟାଡର ସମେତ ବରିଷ୍ଠ ନେତାମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ପଡବ । ଆଶା ପୂରଣ କରିବା –ଦଳର ପଦପଦବୀକୁ ନିକଟରୁ ନଜର ରଖିବ ଯେ ନବୀନ ତାଙ୍କର ମନ୍ତ୍ରୀସ୍ତରୀୟ ସଫଳତାକୁ ବୃଦ୍ଧି ଭଳି ଦୃଶ୍ୟମାନ ସାଂଗଠନିକ ଲାଭରେ ପରିଣତ କରିପାରିବେ କି ନାହିଁ । ବିହାରରେ ଦଳର ସଦସ୍ୟତା ଏବଂ ଆଗାମୀ ନିର୍ବାଚନରେ ନିର୍ବାଚନୀ ପ୍ରଦର୍ଶନରେ ଉନ୍ନତି । ଜନସାଧାରଣ ଧାରଣା – ଜଣେ ତୁଳନାତ୍ମକ ଭାବରେ ନୂତନ ଜାତୀୟ ବ୍ୟକ୍ତିତ୍ୱ ଭାବରେ, ନବୀନ ନିରନ୍ତର ଗଣମାଧ୍ୟମ ଯାଞ୍ଚର ଅଧୀନରେ ରହିବେ । ଯେକୌଣସି ଭୁଲ ପଦକ୍ଷେପକୁ ଆହୁରି ବୃଦ୍ଧି କରାଯାଇପାରିବ, ବିଶେଷକରି ଆଜି ଭାରତରେ ରାଜନୈତିକ ଧ୍ରୁବୀକରଣ ବୃଦ୍ଧି ପାଇଥିବାରୁ । ଆଗକୁ କ'ଣ ଅଛି ? ନୀତିନନବୀନଙ୍କୁ ଜାତୀୟ କାର୍ଯ୍ୟକାରୀ ସଭାପତି ଭାବରେ ନିଯୁକ୍ତି ଦେବାର ବିଜେପିର ନିଷ୍ପତ୍ତି ୨୦୨୬ ରାଜ୍ୟ ନିର୍ବାଚନ ଏବଂ ୨୦୨୭ ସାଧାରଣ ନିର୍ବାଚନ ପୂର୍ବରୁ ଅନେକ ସାଂଗଠନିକ ପରିବର୍ତ୍ତନ ମଧ୍ୟରୁ ପ୍ରଥମ ହେବାର ସମ୍ଭାବନା ରହିଛି । ପର୍ଯ୍ୟବେକ୍ଷକମାନେ ଆଶା କରୁଛନ୍ତି ଯେ ଦଳ ପଶ୍ଚିମ ରାଜ୍ୟ ଗୁଜୁରାଟ ଏବଂ ମହାରାଷ୍ଟ୍ର କିମ୍ବା ଦକ୍ଷିଣ ରାଜ୍ୟ କର୍ଣ୍ଣାଟକ ଭଳି ଅନ୍ୟ ଅଞ୍ଚଳର ନେତାମାନଙ୍କ ପାଇଁ ସମାନ କାର୍ଯ୍ୟକ୍ଷମ ପଦବୀ ସୃଷ୍ଟି କରି ଏହାର ନିଷ୍ପତ୍ତି ଗ୍ରହଣକୁ ଆହୁରି ବିକେନ୍ଦ୍ରୀକରଣ କରିପାରିବ । ବିହାର ପାଇଁ, ନବୀନଙ୍କ ପଦୋନ୍ନତି ଭିତ୍ତିଭୂମିକୁ ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ପାଣ୍ଠି ବୃଦ୍ଧି, ଦକ୍ଷତା-ବିକାଶ କାର୍ଯ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ ଏବଂ ରାଜ୍ୟର କୃଷି କ୍ଷେତ୍ରକୁ ପ୍ରଭାବିତ କରୁଥିବା ଜାତୀୟ ନୀତି ଆଲୋଚନାରେ ଏକ ଦୃଢ ସ୍ୱରରେ ପରିଣତ ହୋଇପାରେ । ଯଦି ବିଜେପି ବିହାରରେ ଶାସନ ଫଳାଫଳକୁ ଉନ୍ନତ କରିବା ପାଇଁ ନବୀନଙ୍କ ପ୍ରଶାସନିକ ଅଭିଜ୍ଞତାକୁ ବ୍ୟବହାର କରିବାରେ ସଫଳ ହୁଏ, ତେବେ ଏହା ଅନ୍ୟ ରାଜ୍ୟଗୁଡିକ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିବ ଏବଂ ଦଳର ସ୍ଥିତିକୁ ସୁଦୃଢ କରିପାରିବ । ଉତ୍ତର-କେନ୍ଦ୍ରିକ ସଂଗଠନ ନୁହେଁ ବରଂ ଜାତୀୟ ବୋଲି ଦାବି । ବିପରୀତ ଭାବରେ, ଯଦି ନବୀନ ତାଙ୍କର ଦ୍ୱୈତ ଦାୟିତ୍ୱକୁ ସନ୍ତୁଳିତ କରିବାକୁ ସଂଘର୍ଷ କରନ୍ତି କିମ୍ବା ଦଳର ଆଭ୍ୟନ୍ତରୀଣ ଗତିଶୀଳତା ପୂର୍ଣ୍ଣ ହୋଇଯାଏ, ତେବେ ନିଯୁକ୍ତିକୁ ସୀମିତ ବାସ୍ତବ ପ୍ରଭାବ ସହିତ ଏକ ପ୍ରତୀକାତ୍ମକ ଇଙ୍ଗିତ ଭାବରେ ଗ୍ରହଣ କରାଯାଇପାରେ । ସେହି ପରିସ୍ଥିତିରେ, ବିଜେପିକୁ ଏକ ଏକୀକୃତବ୍ୟକ୍ତିତ୍ୱ ଖୋଜିବାକୁ ପଡିପାରେ ଯିଏ ଏହାର ପାରମ୍ପରିକ ଆଧାର ଏବଂ ଉଦୀୟମାନ ଭୋଟରଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିପାରିବେ । ନୀତିନନୀବନଙ୍କ ବିଜେପିର ଜାତୀୟ କାର୍ଯ୍ୟକାରୀ ସଭାପତି ପଦକୁ ଆରୋହଣ ଏକ ବ୍ୟକ୍ତିଗତ ମାଇଲଖୁଂଟ ଅପେକ୍ଷା ଅଧିକ ଏହା ଏକ ରଣନୈତିକ ପଦକ୍ଷେପ ଯାହା ଦ୍ରୁତ ଗତିରେ ପରିବର୍ତ୍ତିତ ରାଜନୈତିକ ପରିବେଶରେ ନିଜକୁ ପୁନର୍ଜୀବିତ କରିବା ପାଇଁ ଦଳର ଜାରି ପ୍ରୟାସକୁ ପ୍ରତିଫଳିତ କରେ । ବିହାରରେ ପାଞ୍ଚ-କାଳ ବିଧାୟକ ଏବଂ କ୍ୟାବିନେଟ ମନ୍ତ୍ରୀ ଭାବରେ ତାଙ୍କ ଅଭିଜ୍ଞତାକୁ ଆକର୍ଷିତ କରି, ନବୀନ ଆଞ୍ଚଳିକ ଗଭୀରତା, ପ୍ରଶାସନିକ ବିଶ୍ୱସନୀୟତା ଏବଂ ଏକ ଯୁବ ପ୍ରତିଛବିକୁ ଏକ ଭୂମିକାରେ ଆଣନ୍ତି ଯାହା ସାଂଗଠନିକ ଶାସନ ଏବଂ ନିର୍ବାଚନୀ ରଣନୀତିର ସନ୍ଧିରେ ଅବସ୍ଥିତ । ଆଗାମୀ ମାସଗୁଡିକ ପ୍ରକାଶ କରିବ ଯେ ତାଙ୍କ ନିଯୁକ୍ତି ବିହାର ପାଇଁ କଠିନ ଲାଭରେ ପରିଣତ ହୁଏ କି ନାହିଁ, ବିଜେପିର ସାଂଗଠନିକ ଗଠନକୁ ମଜବୁତ କରେ କି ନାହିଁ, ଏବଂ ଆଗାମୀ ନିର୍ବାଚନୀ ଲଢେଇ ପାଇଁ ଦଳକୁ ଅନୁକୂଳ ସ୍ଥିତିରେ ରଖେ କି ନାହିଁ । ଫଳାଫଳ ଯାହା ହେଉନା କାହିଁକି ନବୀନଙ୍କ ଉଚ୍ଚତା ସ୍ପଷ୍ଟ କରେ ଭାରତର ବିବିଧ ଏବଂ ଗତିଶୀଳ ଗଣତନ୍ତ୍ରରେ ପ୍ରାସଙ୍ଗିକ ରହିବା ପାଇଁ ନୂତନ ନେତୃତ୍ୱ ଢାଞ୍ଚା ସହିତ ପରୀକ୍ଷଣ କରିବାକୁ ବିଜେପିର ଇଚ୍ଛା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଡିସେମ୍ବର ୨୦୨୫ ବୁଧବାର



# ହ୍ୱାଟ୍ସଆପ୍‌ରେ କରନ୍ତୁ ନାହିଁ ଏହି ଭୁଲ



ନକଲି ଖବର ଏବଂ ଗୁଜବ ପ୍ରସାର କରିବା ଏକ ଗମ୍ଭୀର ଅପରାଧ ହୋଇପାରେ ହ୍ୱାଟସଆପରେ ମେସେଜ ଫରୱାର୍ଡ କରିବା ସାଧାରଣ କଥା, କିନ୍ତୁ ଯଦି ମେସେଜରେ ଗୁଜବ, ଘୃଣାଜନକ ଭାଷଣ କିମ୍ବା ଭୁଲ ସୂଚନା ଥାଏ, ତେବେ ଏହା ଅସୁବିଧା ସୃଷ୍ଟି କରିପାରେ। ଭାରତରେ, ଆଇଟି ଆଇନ ଏବଂ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ନକଲି ଖବର ପ୍ରସାରଣ ଏକ ଦଣ୍ଡନୀୟ ଅପରାଧ। ଯଦି ଆପଣଙ୍କର ଫରୱାର୍ଡ କରାଯାଇଥିବା ମେସେଜ କାହାର ଭାବନାକୁ ଆଘାତ ଦିଏ, ଦଙ୍ଗା ସୃଷ୍ଟି କରେ କିମ୍ବା କାହାର ଭାବନାକୁ ନଷ୍ଟ କରେ, ତେବେ ପୋଲିସ ଆପଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଅନେକ କ୍ଷେତ୍ରରେ, କେବଳ ଏକ ଫରୱାର୍ଡ କରାଯାଇଥିବା ମେସେଜ ପାଇଁ ଲୋକଙ୍କୁ ଗିରଫ କରାଯାଇଛି। ଆପତ୍ତିଜନକ ଫଟୋ ଏବଂ ଭିଡିଓ ପଠାଇବା ମଧ୍ୟ ବେଆଇନ କିଛି ଲୋକ ହ୍ୱାଟସଆପରେ ମଜାରେ ଅଶ୍ଳୀଳ, ଆପତ୍ତିଜନକ କିମ୍ବା ସମ୍ବେଦନଶୀଳ ଫଟୋ ଏବଂ ଭିଡିଓ ପଠାନ୍ତି। ତଥାପି, ଏହା ସାଇବର ଅପରାଧ ବର୍ଗରେ ଆସିଥାଏ । କାହାର ଅନୁମତି ବିନା ବ୍ୟକ୍ତିଗତ ବିଷୟବସ୍ତୁ ପଠାଇବା, କାହାର ଭାବନାକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ଫଟୋ ଏବଂ ଭିଡିଓ ସେୟାର କରିବା କିମ୍ବା ଅଶ୍ଳୀଳ କଣ୍ଟେଣ୍ଟ ପ୍ରସାର କରିବା ଏସବୁ ଗୁରୁତର ଅପରାଧ। ଆଇଟି ଆଇନର ଧାରା ୬୭ ଅନୁଯାୟୀ, ଏହି ଅପରାଧ ପାଇଁ ଜେଲ ଏବଂ ଭାରୀ ଜରିମାନା ଦେବାକୁ ପଡିପାରେ। ଯଦି କେହି ହ୍ୱାଟ୍ସଆପ୍ ବ୍ୟବହାର କରି କାହାକୁ ଭୟଭୀତ, ଧମକ କିମ୍ବା ବ୍ଲାକମେଲ୍ କରନ୍ତି, ତେବେ ଏହା ଭାରତୀୟ ଦଣ୍ଡ ସଂହିତାର ଅନେକ ଧାରା ଅନୁଯାୟୀ ଦଣ୍ଡନୀୟ। କେତେକ ସମୟରେ, ଲୋକମାନେ କ୍ରୋଧରୁ ଏପରି ବାର୍ତ୍ତା ପଠାନ୍ତି, କିନ୍ତୁ ପରିଣାମ ଅତ୍ୟନ୍ତ ଗମ୍ଭୀର ହୋଇପାରେ। ଯେକୌଣସି ଧମକପୂର୍ଣ୍ଣ, ହିଂସାତ୍ମକ କିମ୍ବା ମାନହାନିପୂର୍ଣ୍ଣ ବାର୍ତ୍ତା ସିଧାସଳଖ ପୋଲିସ ମାମଲାକୁ ନେଇପାରେ।

ଯଦି ଆପଣ ହ୍ୱାଟ୍ସଆପ୍ ବ୍ୟବହାର କରନ୍ତି, ତେବେ ମନେରଖନ୍ତୁ ଯେ ପ୍ରତ୍ୟେକ ବାର୍ତ୍ତା, ଫଟୋ କିମ୍ବା ଭିଡିଓ ଡିଜିଟାଲ୍ ପ୍ରମାଣ। ଗୋଟିଏ ଛୋଟ ଭୁଲ ଆପଣଙ୍କ ଜୀବନକୁ ଓଲଟପାଲଟ କରିପାରେ। ସର୍ବଦା ସତର୍କତାର ସହିତ ବାର୍ତ୍ତା ପଠାନ୍ତୁ, ଅଜଣା ଲିଙ୍କ୍ କିମ୍ବା ସନ୍ଦେହଜନକ ବିଷୟବସ୍ତୁକୁ ଏଡାନ୍ତୁ ଏବଂ ଯେକୌଣସି ସମ୍ବେଦନଶୀଳ ସୂଚନା ସେୟାର କରିବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରନ୍ତୁ।

# ଗ୍ରୀନ୍ କଫି କମାଏ ଚର୍ବି, କରେ ପତଳା



ଗ୍ରୀନ୍ କଫି ଶରୀର ପାଇଁ ଖୁବ୍ ଲାଭଦାୟକ । ଏଥିରେ ଅଧିକ ମାତ୍ରାର ଆଣ୍ଟିଅକ୍ସିଡାଣ୍ଟ ରହିଥିବା ବେଳେ କ୍ୟାଫିନ୍ ପ୍ରାୟତଃ ନଥାଏ । ଗ୍ରୀନ୍ କଫି ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ସାମାନ୍ୟ ରହିଥାଏ । ଗ୍ରୀନ୍ ଟି' ପିଇବା ଦ୍ୱାରା ଆହୁରି ଅନେକ ପ୍ରକାରର ଫାଇଦା ମିଳିଥାଏ । ଶୀତଦିନେ ପ୍ରାୟ ଲୋକ ଶରୀରକୁ ଗରମ ରଖିବା ପାଇଁ କଫି ପିଇବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଆବଶ୍ୟକଠାରୁ ଅଧିକ କଫି ପିଇବା ଶରୀର ପାଇଁ କ୍ଷତିକାରକ ହୋଇପାରେ । କାରଣ ଏଥିରେ ବହୁ ମାତ୍ରାରେ କ୍ୟାଫିନ୍ ରହିଥାଏ, ଯାହା ଶରୀରକୁ ପ୍ରଭାବିତ କରିଥାଏ । କିନ୍ତୁ କଫି ପରିବର୍ତ୍ତେ ଗ୍ରୀନ୍ କଫି ପିଇପାରିବେ । ଏହା ଆଦୌ କ୍ଷତିକାରକ ନୁହେଁ । କାରଣ ଏହା ଆଣ୍ଟି-ଅକ୍ସିଡାଣ୍ଟରେ ଭରା ସାଙ୍ଗକୁ ଆଦୌ କ୍ୟାଫିନ୍ ନଥାଏ । ଏହାକୁ ଆପଣ ବାରମ୍ବାର ପିଇପାରିବେ । ଗ୍ରୀନ୍ କଫି ଆଣ୍ଟି ଅକ୍ସିଡାଣ୍ଟରେ ଭରା, ଯାହା ଆମ ଶରୀରକୁ ହାନିକାରକ ପ୍ରଭାବରୁ ରକ୍ଷା କରିଥାଏ । ଏଥିରେ ପୋଟାସିୟମ୍ ଓ ସୋଡିୟମ୍ ମଧ୍ୟ କମ୍ ରହିଥାଏ, ଯାହା ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଖୁବ୍ ପ୍ରଭାବଶାଳୀ ।

ଗ୍ରୀନ୍ କଫି ପିଇବା ଦ୍ୱାରା ମଧୁମେହ ରୋଗୀଙ୍କ ରକ୍ତରେ ଶର୍କରା ସ୍ତର ସାମାନ୍ୟ ରହିଥାଏ । ସେହିପରି ଶରୀରର ପ୍ରଦାହକୁ ମଧ୍ୟ କମାଇଥାଏ । ତେଣୁ ମଧୁମେହ ରୋଗୀ ଏହାକୁ ଡାଏଟ୍ରେ ସାମିଲ୍ କରିପାରିବେ । ଗ୍ରୀନ୍ କଫିକୁ ଏନର୍ଜି ବୁଷ୍ଟର ବା ଶକ୍ତି ପ୍ରଦାନକାରୀ ମଧ୍ୟ କୁହାଯାଇପାରିବ । ଏହା ଶରୀରର ଥକ୍କାପଣ ଦୂର କରିବା ସହ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ । ଯେଉଁମାନଙ୍କଠାରେ କୋଲେଷ୍ଟେରଲ୍ ସମସ୍ୟା ରହିଥାଏ, ସେମାନଙ୍କ ପାଇଁ ଗ୍ରୀନ୍ କଫି ବରଦାନ । ଏହା ଶରୀରରୁ ଖରାପ କୋଲେଷ୍ଟେରଲ୍‌କୁ କମାଇବା ସହ ହୃଦୟକୁ ସୁସ୍ଥ ରଖିଥାଏ । ଗବେଷଣା ଅନୁସାରେ, ନିୟମିତ ଗ୍ରୀନ୍ କଫି ପିଇବା ଦ୍ୱାରା କୋଲେଷ୍ଟେରଲ୍ ସମସ୍ୟା ନିୟନ୍ତ୍ରିତ ରହିପାରିବ ।

# ସୁଖ ଓ ସମୃଦ୍ଧି ବୃଦ୍ଧି ପାଇଁ ଘରର ରଙ୍ଗ କିପରି ହେବା ଉଚିତ



ରଙ୍ଗର ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ବାସ୍ତୁରେ ବହୁତ ଗୁରୁତ୍ୱ ଦେଇଥାଏ। ଏହା ବ୍ୟତୀତ, ଯଦି ଘରେ ବ୍ୟବହୃତ ରଙ୍ଗଗୁଡ଼ିକ ବାସ୍ତୁ ଅନୁଯାୟୀ ଚୟନ କରାଯାଏ, ତେବେ ଆପଣଙ୍କର କୌଣସି ସମସ୍ୟା ରହିବ ନାହିଁ। ଯଦି ବାସ୍ତୁ ଅନୁସାରେ ନ କରନ୍ତି ତେବେ ଏହାର ବିପରୀତ ପରିଣାମର ସାମ୍ନା କରିବାକୁ ପଡ଼ିପାରେ। ରଙ୍ଗର ପ୍ରଭାବ ହେତୁ, ଘର ଏବଂ ଜୀବନରେ ନକାରାତ୍ମକ ଶକ୍ତି ଦୂରରେ ରହିଥାଏ ଏବଂ ସୁଖ ଏବଂ ଭାଗ୍ୟ ବୃଦ୍ଧି ପାଇଥାଏ। ପ୍ରତ୍ୟେକ ରଙ୍ଗର ନିଜସ୍ୱ ଜୀବନରେ ଭଲ ଏବଂ ଖରାପ ପ୍ରଭାବ ଥାଏ। ରଙ୍ଗ ବ୍ୟକ୍ତିର ଜୀବନରେ ସର୍ବଦା ସୁଖ, ଶାନ୍ତି ଏବଂ ସମୃଦ୍ଧିର ଯୋଗାଯୋଗ ରହିବ।

ଯେତେବେଳେ ବିଭିନ୍ନ ରଙ୍ଗ ସଂସ୍ପର୍ଶରେ ମଣିଷ ଆସେ ସେତେବେଳେ ତା'ର ମାନସିକ, ଭାବନାତ୍ମକ ଏବଂ ଶାରୀରିକ ଅବସ୍ଥାରେ ପରିବର୍ତ୍ତନ ଅନୁଭବ କରେ। ଯାହା ମାଧ୍ୟମରେ ଶକ୍ତି ବିସ୍ତାର ହୁଏ। ବାସ୍ତୁ ଶାସ୍ତ୍ରଙ୍କ ଅନୁଯାୟୀ, ଘରେ ବ୍ୟବହୃତ ରଙ୍ଗ ଘରର ପରିବେଶକୁ ହାଲୁକା କରିଥାଏ। ଏବଂ ଏହା ଚିନ୍ତା ଏବଂ ଚାପରୁ ମୁକ୍ତି ଦେଇଥାଏ। ଚାରୋଟି ଦିଗ, ଚାରୋଟି କୋଣ, ଛାତ ଓ ଚଟାଣ ନିର୍ଦ୍ଦିଷ୍ଟ ରଙ୍ଗ ରହିଛି ଯାହାର ପ୍ରଭାବ ଗୃହସ୍ୱାମୀ ଓ ଗୃହ ସନ୍ତାନ ମାନଙ୍କର ମଙ୍ଗଳ କରାଇଥାଏ। ଗୃହର ଐଶାନ୍ୟ କୋଣ ସଦାସର୍ବଦା କ୍ରିମ୍ ବା ଘିଅ ରଙ୍ଗ, ଧଳା ଓ ହାଲୁକା ହଳଦିଆ ହେବା ଉଚିତ। ପୂର୍ବ ଦିଗକୁ ଯଦି ଅନୁମାନ କରିବା ହାଲୁକା ହଳଦିଆ ରଙ୍ଗ ହେବା ଉଚିତ। ଦକ୍ଷିଣ-ପୂର୍ବ ଅଗ୍ନି କୋଣକୁ ବିଚାର ନେବା ତେବେ ଏହାର ରଙ୍ଗ ଗୋଲାପି କିମ୍ବା ଲାଲ୍ ହେବା ଉଚିତ। କାରଣ ଏହାର ସ୍ଥାନରେ ରୋଷେଇ ଘର ଥାଏ। ସେଠାରେ ଆମ କ୍ୟାରଅ, ବ୍ୟବସାୟର ଉନ୍ନତି ହୋଇଥାଏ। ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ନୈବିଦ୍ୟ କୋଣ ରଙ୍ଗ ହାଲୁକା ହଳଦିଆ ହେବା ଉଚିତ। ସୁଖ ସମୃଦ୍ଧି ଲାଭ ହୁଏ। ଘରେ ସ୍ଥିରତା ଆସେ, ଆର୍ଥିକ ସ୍ଥିତି ଠିକ୍ ରୁହେ ଓ ରୋଗ ମୁକ୍ତ ରହେ। ପଶ୍ଚିମକୁ ବିଚାର କଲେ ଏହାର କାନ୍ଥକୁ ହାଲୁକା ସର୍ଫ ରଙ୍ଗ କରିବା ଦରକାର। ଉତ୍ତର-ପଶ୍ଚିମ କୋଣକୁ ସବୁଜ ଏବଂ ଧଳା ରଙ୍ଗ କରାଯାଇପାରେ। ଘରର ଛାତ ରଙ୍ଗ ଧଳା ହେବା ଶୁଭ। କଳା ବା ନୀଳ ହୁଏ ସର୍ବନାଶର କାରଣ ହୁଏ। ଏହାଦ୍ୱାରା ବିନା କାରଣରେ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼େ, କେସ୍ କଚେରୀ ବା ଋଣ ଗ୍ରସ୍ତରେ ଭାରାକ୍ରାନ୍ତ ହେବାକୁ ପଡ଼େ। ସବୁବେଳେ ଆସବାବ ପତ୍ର କାଠର ହେଲେ ଶୁଭ ଫଳ ମିଳିଥାଏ। କବାଟଗୁଡ଼ିକ ହାଲୁକା ରଙ୍ଗ ହେବା ଉଚିତ। କଳା ଓ ନୀଳ ସନ୍ ମାଇକା ପରିତ୍ୟକ୍ତ କରିବା ଉଚିତ।

# ବିବାହ ପୂର୍ବରୁ ଘରୋଇ ଉପଚାର ମାଧ୍ୟମରେ ତ୍ୱଚାକୁ ଚମକାନ୍ତୁ



ବିବାହ ସମୟରେ ସମସ୍ତେ ସୁନ୍ଦର ଲାଗିବାକୁ ଚେଷ୍ଟା କରିଥାଆନ୍ତି । ବିଶେଷ କରି ମହିଳାମାନେ ବ୍ରାଇଡାଲ୍ ଲୁକ୍ ପାଇଁ ଅଧିକ ଚିନ୍ତିତ ଥାଆନ୍ତି । ସମସ୍ତେ ସେମାନଙ୍କ ବିବାହ ଦିନ କ୍ୟାମେରା ଆଗରେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି। ନିଜକୁ ସୁନ୍ଦର କରିବା ପାଇଁ ଯେତେବେଳେ ବିୟୁଟି ପାର୍ଲରକୁ ଯାଇଥାଉ ସେତେବେଳେ ଆମକୁ ଅନେକ ଟଙ୍କା ଖର୍ଚ୍ଚ କରିବାରୁ ପଡିଥାଏ। କିନ୍ତୁ ଆମେ ଆପଣଙ୍କ ପାଇଁ କିଛି ବ୍ରାଇଡାଲ୍ କିମ୍ବା ତ୍ୱଚା ଯତ୍ନ ଟିପ୍ସ ଆଣିଛୁ। ଯାହାକୁ ଆପଣ ଆପଣଙ୍କ ବିବାହ ପୂର୍ବରୁ ଅନୁସରଣ କଲେ ଏହା ଭଲ ଫଳ ଦେଇଥାଏ। ପ୍ରତିଦିନ ତ୍ୱଚାକୁ ଧୁଅନ୍ତୁ। ତ୍ୱଚାକୁ ଧୋଇବା ପାଇଁ କୌଣସି ଭଲ କମ୍ପାନିର ଫେସ୍ ୱାଶ୍ ବ୍ୟବହାର କରନ୍ତୁ। ଦିନକୁ ଥରେ ଆପଣଙ୍କ ତ୍ୱଚାକୁ ହାଲୁକା ଭାବରେ ଧୁଅନ୍ତୁ। ଏହା ଆପଣଙ୍କ ଚର୍ମରୁ ମଇଳା ଏବଂ ତେଲ ବାହାର କରିବା ସହ ଆପଣଙ୍କ ଛିଦ୍ରଗୁଡ଼ିକୁ ସଫା କରିବ। ତା'ପରେ, ଉଷୁମ ପାଣିରେ ବାଷ୍ପ ନିଅନ୍ତୁ। ଆପଣଙ୍କ ଛିଦ୍ରଗୁଡ଼ିକୁ ଖୋଲିବା ଏବଂ ରକ୍ତ ସଞ୍ଚାଳନ ବୃଦ୍ଧି କରିବାରେ ସହାୟକ ହେବ। କିନ୍ତୁ ଏହି ବାଷ୍ପ କେବଳ ୫ ମିନିଟ୍ ପାଇଁ ନିଅନ୍ତୁ। ତ୍ୱଚା ଭଲଭାବରେ ପରିଷ୍କାର ହେବା ହାଲୁକା ସ୍କ୍ରବ କିମ୍ବା ଫେସ୍ ପ୍ୟାକ୍ ଲଗାନ୍ତୁ। ମନେ ରଖିବେ ସ୍କ୍ରବକୁ ବେଶୀ ମୁହଁରେ ଘଷିବେ ନାହିଁ। ଏହାପରେ ମୁହଁକୁ ଭଲଭାବରେ ଧୋଇଦେଲା ପରେ ଫେସିଆଲ ମାସ୍କ ଲଗାନ୍ତୁ। ଫେସିଆଲ ମାସ୍କ ଭାବରେ ଆପଣ ଦହି ,ମହୁ କିମ୍ବା ଆଲୋଭେରାକୁ ବ୍ୟବହାର କରିପାରିବେ । ଏହାକୁ ପନ୍ଦର ମିନିଟ ଲଗାଇବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ଏହା ଆପଣଙ୍କ ତ୍ୱଚାକୁ ନରମ ଏବଂ ହାଇଡ୍ରେଟେଡ୍ ରଖିବ। ଫେସ୍ ମାସ୍କକୁ ଧୋଇବା ପରେ ଏକ କୁଲିଂ ଟୋନର କିମ୍ବା ଗୋଲାପ ଜଳ କୁ ଆପଣଙ୍କ ତ୍ୱଚାରେ ଥାପନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ କରିବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ। ଆପଣଙ୍କ ତ୍ୱଚାକୁ ମଇଶ୍ଚରାଇଜ କରନ୍ତୁ। ଏହାକୁ ନରମ ଏବଂ ଉଜ୍ଜ୍ୱଳ ରଖିବା ପାଇଁ ଏକ ହାଲୁକା ଅଣ-ତୈଳଯୁକ୍ତ ମଇଶ୍ଚରାଇଜର ଲଗାନ୍ତୁ। ମାର୍କେଟରେ ଆପଣଙ୍କୁ ସହଜରେ ଭଲ କମ୍ପାନୀର ମଇଶ୍ଚରାଇଜ ମିଳିଯିବ। ଯଦି ଆପଣଙ୍କର ତ୍ୱଚାରେ ବ୍ରଣ ଅଛି, ତେବେ ସକାଳୁ ମୁହଁ ଧୋଇବା ପୂର୍ବରୁ ବାସି ଛେପ ବ୍ରଣ ହେଉଥିବା ସ୍ଥାନରେ ଲଗାନ୍ତୁ।

ବିବାହ ଦିନ ବା ଏହାର କିଛି ଦିନ ପୂର୍ବରୁ ଦିନସାରା ପ୍ରଚୁର ପାଣି ପିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ହାଇଡ୍ରେଟ ରଖିଥାଏ। ଏହା ସହିତ ଭଲ ନିଦ ବା ବିଶ୍ରାମ ଅତ୍ୟନ୍ତ ଜରୁରୀ। ଯଦି ଆପଣ ରାତିରେ ଭଲ ନିଦରେ ଶୋଇବେ ତେବେ ସକାଳେ ଆପଣଙ୍କୁ ସତେଜ ଏବଂ ଉଜ୍ଜ୍ୱଳ ଅନୁଭବ ହୋଇଥାଏ ।

# ସହଜ ଉପାୟରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ଉତ୍ତପମ୍



ଶୀତ ଦିନେ ଗରମାଗରମ ଖାଦ୍ୟ ଖାଇବାକୁ ନଚେତ ଖୁଆଇବାକୁ ଚାହୁଁଥିଲେ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ। ଆଳୁ ଉତ୍ତପମ ତିଆରି କରିବା ପଦ୍ଧତି ଖୁବ ସହଜ ଓ ସମୟସାପେକ୍ଷ। ପିଲା ଠାରୁ ବୃଦ୍ଧ ସମସ୍ତଙ୍କର ପ୍ରିୟ।

ପ୍ରବଳ ଥଣ୍ଡା ପଡ଼ିଛି। ଏହି ଥଣ୍ଡା ପାଗରେ ସକାଳ ହେଉ ଅବା ସନ୍ଧ୍ୟା ଜଳଖିଆରେ କମ ସମୟରେ କିଛି ଗରମାଗରମ ଖାଦ୍ୟ ଖାଇବାକୁ ନଚେତ ଖୁଆଇବାକୁ ଚାହୁଁଥିଲେ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ। ଆଳୁ ଉତ୍ତପମ ତିଆରି କରିବା ପଦ୍ଧତି ଖୁବ ସହଜ । ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ଆବଶ୍ୟକ ସାମଗ୍ରୀ, ସିଝା ଆଳୁ - ୪-୫ଟି, ପିଆଜ - ୧, କୋରା ହୋଇଥିବା ପନିର – ୨ରୁ ୩ ଚାମଚ, ମଇଦା - ୧ ଚାମଚ, ଚୁଡ଼ା - ୧ ଚାମଚ, ଅଦା-ରସୁଣ ପେଷ୍ଟ - ୧ ଚାମଚ, ସୋରିଷ - ୧/୨ ଚାମଚ, ଲାଲ ଲଙ୍କା ଗୁଣ୍ଡ - ୧ ଚାମଚ, କଟା ଧନିଆ ପତ୍ର - ୨ ଚାମଚ, ତେଲ - ୨ ଚାମଚ ଲୁଣ - ସ୍ୱାଦ ଅନୁସାରେ, ଆଳୁ ଉତ୍ତପମ୍ ତିଆରି କରିବାର ପଦ୍ଧତି ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ପ୍ରଥମେ ଆଳୁକୁ ଭଲ ଭାବରେ ସିଝାଇ ଚକଟି ଦିଅନ୍ତୁ। ପୂର୍ବରୁ ପାଣିରେ ଭିଜାଇ ରଖିଥିବା ଚୁଡ଼ାକୁ ଚିପୁଡ଼ି ସେଥିରେ ମିଶାଇ ଦିଅନ୍ତୁ। କଟା ପିଆଜ, ଅଦା-ରସୁଣ ପେଷ୍ଟ, କଟା ଧନିଆ ପତ୍ର, ସୋରିଷ, କର୍ଣ୍ଣଫ୍ଲୋର ଏବଂ ଅନ୍ୟାନ୍ୟ ମସଲା ପକାଇ ଭଲ ଭାବରେ ମିଶାନ୍ତୁ। ତାୱା ଗରମ କରି ତେଲ ପକାଇ ସେଥିରେ ଉକ୍ତ ପୋଷ୍ଟକୁ ଛୋଟଛୋଟ ଚକୁଳି ଆକୃତିରେ କରନ୍ତୁ। ଗୋଟିଏ ପରେ ଏପରି କରି ଗରମାଗରମ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ୍।

# ଆଲାରାମ୍ ଶବ୍ଦ କ୍ଷତିକାରକ ହୋଇପାରେ

ପ୍ରାୟ ଲୋକ ସକାଳର ନିଦ ଭାଙ୍ଗିବା ପାଇଁ ଘଣ୍ଟାରେ ଆଲାର୍ମ ଦେଇଶୋଇଥାନ୍ତି । କିଛି ଲୋକ ଘଣ୍ଟାର ଆଲାରାମ୍ ଶବ୍ଦକୁ ଖୁବ୍ ତୀବ୍ର କରି ରଖିଥାନ୍ତି । ଜାଣନ୍ତି ଏହା ଆପଣଙ୍କ ପାଇଁ କ୍ଷତିକାରକ ହୋଇପାରେ ଆଲାର୍ମର ତୀବ୍ରକଟୁ ଶବ୍ଦ ହୃଦୟ ଉପରେ ଚାପ ପକାଇପାରେ । ଘଣ୍ଟାରେ ଆଲାରାମ୍‌ର ତୀବ୍ର ଶବ୍ଦ ହଠାତ୍ ନିଦକୁ ଭାଙ୍ଗିଦିଏ । କିନ୍ତୁ ଏହି କଟୁଶବ୍ଦ ହୃଦୟର ଗତିକୁ ଅଚାନକ୍ ବଢାଇ ଦେଇଥାଏ, ଯାହା ଘାତକ ସାବ୍ୟସ୍ତହୋଇପାରେ । ଚାଲନ୍ତୁ ଜାଣିବା ଆଲାର୍ମ କି କି କ୍ଷତି ପହଞ୍ଚାଏ। ଗଭୀର ନିଦରେ ଥିବା ବେଳେ ହଠାତ୍ ଆଲାର୍ମ ବାଜିବା ଦ୍ୱାରା ଶରୀର ଫାଇଟ୍ କିମ୍ବା ଫ୍ଲାଇଟ୍ ମୋଡକୁ ଚାଲିଯାଇଥାଏ । ଏହା ଷ୍ଟ୍ରେସ୍ ହରମୋନ୍ କର୍ଟିସୋଲ୍ ଏବଂ ଏଣ୍ଡ୍ରୋର୍ଫିନ୍ ସ୍ତରକୁ ହଠାତ୍ ବଢାଇଦେଇଥାଏ । ହୃଦ୍ ସ୍ପନ୍ଦନ ଅଚାନକ୍ ବଢିବାଦ୍ୱାରା ରକ୍ତଚାପ ମଧ୍ୟ ବଢିଥାଏ । ଫଳରେ ଶରୀରରେ ରକ୍ତ ପ୍ରବାହରେ ପରିବର୍ତ୍ତନ ଆସିଥାଏ । ଲଗାତାର ଏପରି ହେବାଦ୍ୱାରା ଉଚ୍ଚ ରକ୍ତଚାପ ଓ ହୃଦୟ ରୋଗ ଏବଂ ମେଟାବଲିଜିମ୍ ଜନିତ ସମସ୍ୟା ଉପୁଜିବାର ଆଶଙ୍କା ବଢିଥାଏ । ଆଲାର୍ମର ତୀବ୍ର ଶବ୍ଦ ସାରା ଦିନକୁପ୍ରଭାବିତ କରିଥାଏ । ଏପରିକି ଦିନର ଆରମ୍ଭ ମଧ୍ୟ ଚିଡଚିଡାପଣ ସହହୋଇଥାଏ । ଫଳରେ କୌଣସି କାମରେ ଧ୍ୟାନକେନ୍ଦ୍ରିତ କରିବା କଷ୍ଟ ହେବାସହ ଉତ୍ପାଦନ କ୍ଷମତା ହ୍ରାସ ପାଇଥାଏ । ଧୀରେ ଧୀରେ ଏହା ଆଙ୍ଗ୍ ଜାଇଟିଓ ଅବସାଦ ପରି ସମସ୍ୟାର କାରଣ ସାଜିଥାଏ । ମଣିଷଙ୍କ ନିଦ ୯୦ ମିନିଟ୍ ?ର ସାଇକେଲ୍ ?ଅନୁସାରେ ଚାଲିଥାଏ । ଯେଉଁଥିରେ ହାଲ୍କା, ଗଭୀର ଓ ରାପିଡ୍ ଆଇମୁଭ୍‌ମେଣ୍ଟ ସାଇକେଲ ସାମିଲ୍ ରହିଥାଏ । ଗଭୀର ନିଦ ବା ରାପିଡ୍ ଆଇମୁଭ୍‌ମେଣ୍ଟ୍ ସାଇକେଲ୍‌ରେ ଅଚାନକ୍ ଉଠିବା ଦ୍ୱାରା ନିଦ ଖୁବ୍ ପ୍ରଭାବିତହୋଇଥାଏ । ଫଳରେ ସାରାଦିନ ଥକ୍କାପଣ, ଅଳସୁଆ ଓ ଶକ୍ତିହୀନ ଅନୁଭବ ହୋଇଥାଏ । ଶ୍ରେଷ୍ଠ ବିକଳ୍ପ ଏପରି ସମସ୍ୟାକୁ ଦୂର କରିବାକୁ ସକାଳେ ଉଠିବା ପାଇଁ କଟୁ ଆଲାର୍ମରବ୍ୟବହାର ନ କରିବା ଭଲ । ଏହା ପରିବର୍ତ୍ତେ ହାଲ୍କା ଶବ୍ଦ ହେଉଥିବା ମୋବାଇଲ୍ ଆଲାର୍ମ ବ୍ୟବହାର କରିପାରିବେ । ଏହା ଶରୀରକୁ ଅଚାନକ୍ ଝଟକା ଦେଇ ନଥାଏ । ଏହା ବ୍ୟତୀତ ନିୟମିତ ଶୋଇବା ଓ ଉଠିବାର ସମୟକୁଫିକ୍ସ କରି ନିଅନ୍ତୁ । ଏକ ନିର୍ଦ୍ଦିଷ୍ଟ ସମୟରେ ନିଦ ଆପେ ଆପେ ଛାଡ଼ିଯିବ ।

# ରାତିରେ ସ୍ୱେଟର କିମ୍ବା ଜ୍ୟାକେଟ୍ ପିନ୍ଧି ଶୁଅନ୍ତୁ ନାହିଁ

ବର୍ତ୍ତମାନ୍ ଶୀତ ଦିନ ଚାଲିଛି। ସାରା ଦେଶରେ ଶୀତ ଲହରୀ ଜାରି ରହିଛି। ଯାହାକି ସାଧାରଣ ଜୀବନଯାତ୍ରାକୁ ବିଶେ ଭାବେ ପ୍ରଭାବିତ କରୁଛି। ଦିନ ୧୦ଟା ନ ବାଜିଲେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ସକାଳେ ଘନ କୁହୁଡିର ଆସ୍ତରଣ ମଧ୍ୟ ଦେଖିବାକୁ ମିଳୁଛି। ତେବେ ଏହି ଋତୁରେ ଲୋକମାନେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରନ୍ତି। କେହି କେହି କମ୍ବଳ ଘୋଡାଇ ହୋଇ ଶୋଇବାକୁ ଇଚ୍ଛା କରନ୍ତି ତ ଆଉ କେହି କେହି ସ୍ୱେଟର କିମ୍ବା ଜ୍ୟାକେଟ୍ ବ୍ୟବହାର କରନ୍ତି। ଆଉ କିଛି ଲୋକେ ଗରମ ପୋଷାକ ପିନ୍ଧି ରାତିରେ ମଧ୍ୟ ଶୋଇଯାନ୍ତି। କିନ୍ତୁ ଏହି ଅଭ୍ୟାସ ଆମ ଶରୀର ପାଇଁ ସଠିକ୍ । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ମତରେ ଗରମ ପୋଷାକ ପିନ୍ଧି ଶୋଇବା ସ୍ୱାସ୍ଥ୍ୟ ପ୍ରତି ବିପଦ। କାରଣ ଏହି ଅଭ୍ୟାସ ଅନେକ ସମସ୍ୟା ସୃଷ୍ଟି କରିପାରେ। ଶୀତଦିନେ ରାତିରେ ଶରୀର ସ୍ୱାଭାବିକ ଭାବରେ ୧୮ ରୁ ୨୧ ଡିଗ୍ରୀ ସେଲସିୟସ୍ ମଧ୍ୟରେ ତାପମାତ୍ରା ରହେ। ଯାହା ଫଳରେ ଭଲ ଏବଂ ଗଭୀର ନିଦ ହୁଏ। କିନ୍ତୁ, ଯେତେବେଳେ ଆପଣ ସ୍ୱେଟର ପିନ୍ଧି ଶୋଇଥାନ୍ତି। ସେତେବେଳେ ଆପଣଙ୍କ ଶରୀରର ତାପମାତ୍ରା ଆହୁରି ବୃଦ୍ଧି ପାଏ। ଏହା ଆପଣଙ୍କ ନିଦରେ ବାଧା ସୃଷ୍ଟି କରିବା ସହ ଶରୀରରେ ଅନେକ ସମସ୍ୟା ସୃଷ୍ଟି କରିଥାଏ। ଯଦି ଆପଣ ରାତିରେ ଗରମ ପୋଷାକ ପିନ୍ଧି ଶୋଉଛନ୍ତି। ତେବେ ଦେହ କୁଣ୍ଡାଇ ହେବା ସହ ଫୋଟକା ସୃଷ୍ଟି କରିପାରେ। କାରଣ ଅଧିକାଂଶ ଗରମ ପୋଷାକ ଖର୍ଫ ତନ୍ତୁରୁ ତିଆରି ହୋଇଥାଏ। ଯେତେବେଳେ ଆପଣ ଶୋଇବେ, ଆପଣଙ୍କ ଶରୀରରୁ ଝାଳ ବାହାରିଥାଏ। ଯେତେବେଳେ ତନ୍ତୁଗୁଡ଼ିକ ଆପଣଙ୍କ ଚର୍ମରେ ଲାଗେ ,କୁଣ୍ଡାଇ ହେବା ସହ ଫୋଟକା ହୋଇଥାଏ। ଅନେକ ସମୟରେ ଲାଲ ଦାଗ ମଧ୍ୟ ଦେଖାଦିଏ। ରାତିରେ ଗରମ ପୋଷାକ ପିନ୍ଧି ଶୋଇବା ଦ୍ୱାରା ଆପଣ ଅସହଜ ଏବଂ ଶ୍ୱାସରୁଦ୍ଧ ଅନୁଭବ କରିପାରନ୍ତି। ଉଚ୍ଚ ରକ୍ତଚାପ ଏବଂ ହୃଦରୋଗ ସମସ୍ୟାରେ ପୀଡିତ ଲୋକଙ୍କ ପାଇଁ ଗରମ ପୋଷାକ ପିନ୍ଧି ଶୋଇବା ଅତ୍ୟନ୍ତ ବିପଦପୂର୍ଣ୍ଣ। ଏହି ରୋଗୀମାନେ ଅଧିକ ସତର୍କ ରହିବା ଉଚିତ। କାରଣ ଗରମ ପୋଷାକ ଶରୀରକୁ ବାହାରକୁ ଯିବାରୁ ବାଧା ଦିଏ, ରକ୍ତ ସଞ୍ଚାଳନକୁ ପ୍ରଭାବିତ କରେ। କେତେକ ସମୟରେ, ଏହା ରକ୍ତଚାପରେ ମଧ୍ୟ ପରିବର୍ତ୍ତନ ଆଣିପାରେ।

# ତ୍ୱଚାକୁଞ୍ଚନକୁ ହଟାଇବ କମଳା ଚୋପା ଗୁଣ୍ଡ



ଶୀତଦିନରେ ତ୍ୱଚା ଅଧିକ ଟ୍ୟାନ୍ ହୋଇଯାଏ ମାନେ ଖରାରେ କଳା ପଡ଼ିଯାଏ। ତେଣୁ ଏଥିପ୍ରତି ଆମେ ଅଧିକ ଯତ୍ନବାନ୍ ହେବା ଜରୁରୀ। ଘରେ ମଧ୍ୟ ଆମେ ବିଭିନ୍ନ ଉପାୟମାନ କରି ଏହାକୁ ଦୂର କରିପାରିବା। ଚାଲନ୍ତୁ ଘରେ ତିଆରି କରିବା କମଳା ଫେସ୍ ପ୍ୟାକ୍।

ବେସନ ସହିତ କମଳା ମିଶାଇ ଫେସ୍ ପ୍ୟାକ୍ ତିଆରି କରି ମୁହଁରେ ଲଗାନ୍ତୁ। ଏହି ଫେସ୍ ପ୍ୟାକ୍ ତିଆରି କରିବା ନିମନ୍ତେ ୨ ଚାମଚ କମଳା ରସରେ ୧ ଚାମଚ ବେସନ ଓ ୧ ଚାମଚ ଗୋଲାପ ଜଳ ଭଲଭାବେ ମିଶାନ୍ତୁ। ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଏହାକୁ ମୁହଁରେ ଲଗାନ୍ତୁ। ଏହାପରେ ଧୀରେ ଧୀରେ ମସାଜ୍ କରି ଧୋଇଦିଅନ୍ତୁ। ଅଧିକ ସମୟ ଖରାରେ ରହି ସ୍କିନ୍ ଟାନିଂ ହୋଇଥିଲେ ଏହି ଫେସ୍ ପ୍ୟାକ୍ ବେଶ୍ ଫାଇଦା ଆଣିଥାଏ। ନଡ଼ିଆତେଲ ଓ କମଳା ଫେସ୍ ପ୍ୟାକ ମଧ୍ୟ ମୁହଁର ଉଜ୍ଜ୍ୱଳତା ବଢ଼ାଇଥାଏ। ତ୍ୱଚା ଅତ୍ୟଧିକ ଶୁଷ୍କ ହୋଇଥିଲେ ଏହି ପ୍ୟାକ୍ ଅତ୍ୟନ୍ତ ଭଲ। ଏଥିପାଇଁ ୧ ଚାମଚ ନଡ଼ିଆ ତେଲରେ ୧ ଚାମଚ କମଳା ରସ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୧ ଘଣ୍ଟାରୁ ଅଧିକ ସମୟ ରଖିପାରିବେ। ସପ୍ତାହକୁ ୨ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଶୁଷ୍କତା କମ୍ ହେବା ସହିତ ତ୍ୱଚା ସୁନ୍ଦର ଓ ମୁଲାୟମ ହେବ। ସେହିପରି ହଳଦୀ ଓ କମଳା ଫେସ୍ ପ୍ୟାକ୍ ମଧ୍ୟ ମୁହଁକୁ ସୁନ୍ଦର କରିଥାଏ। ଏହି ପ୍ୟାକ୍ ତିଆରି କରିବା ନିମନ୍ତେ କମଳା ଚୋପାକୁ ଶୁଖାଇ ଗୁଣ୍ଡକରି ରଖନ୍ତୁ। ୧ ଚାମଚ କମଳା ଚୋପାର ଗୁଣ୍ଡ ସହ ୧ ଚାମଚ ଗୋଲାପ ଜଳ ଓ ଅଳ୍ପ ହଳଦୀ ନେଇ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟ ଅଧିକ ଗାଢ଼ ହୋଇଥିଲେ ସେଥିରେ ପାଣି ମିଶାଇ ପାରିବେ। ଏବେ ଏହି ମିଶ୍ରଣକୁ ମୁହଁରେ ଲଗାଇ ୧୫ ରୁ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ। ସପ୍ତାହକୁ ଅତିକମ୍‌ରେ ୨ ଥର ଏହି ମିଶ୍ରଣକୁ ଲଗାଇଲେ ମୁହଁରେ ଥିବା ସମସ୍ତ ଦାଗ, ଟାନିଂ ଓ ବ୍ରଣ ସମସ୍ୟା ଦୂରହୋଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ। ଚୋପାକୁ ଶୁଖାଇ ଗୁଣ୍ଡକରି ସେଥିରେ ସମାନ ମାତ୍ରାରେ ମୁଲତାନୀ ମାଟି ଓ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ଫେସ୍ ପ୍ୟାକ୍‌କୁ ଅଧଘଣ୍ଟାରୁ ୪୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖିହେବ। ଧୋଇବା ସମୟରେ ଗୋଲାକାରଭାବେ ମସାଜ୍ କରି ଏହାକୁ ଧୋଇଦିଅନ୍ତୁ। ତେବେ ସପ୍ତାହକୁ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚା ସୁନ୍ଦର ଦେଖାଯିବ।

# ଅଚାନକ୍ ରକ୍ତଚାପ କମିଗଲେ କ'ଣ କରିବା ଉଚିତ

ଅଚାନକ୍ ରକ୍ତଚାପ କମିଗଲେ, ତାକୁ ନିୟନ୍ତ୍ରଣ କରିନେବା ଜରୁରି । ଏହି ସମୟରେ କିଛି ଭୁଲ୍ କରି ବସିଲେ ଜୀବନ ଉପରେ ଖୁବ୍ ପ୍ରଭାବ ପଡିଥାଏ । ବିଶେଷକରି ନିମ୍ନ ରକ୍ତଚାପରେ କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ୍। ଅଚାନକ୍ ନିମ୍ନ ରକ୍ତଚାପ ହେବା ଦ୍ୱାରା ଶରୀରରେ ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ। ନିମ୍ନ ରକ୍ତଚାପ ହେବା ଦ୍ୱାରା ମୁଣ୍ଡ ବୁଲାଇବା, ଦୁର୍ବଳ ଲାଗିବା,ଜାଲଜାଲୁଆ ଦେଖାଦେବା ଓ ଝାଳ ବାହାରିବା ପରି ଲକ୍ଷଣମାନ ଦେଖା ଦେଇଥାଏ । କିଛି ଲୋକ ହଡବଡେଇ ହେବା ସହ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ଭୁଲ୍ କରି ବସନ୍ତି । ଫଳରେ ଅବସ୍ଥା ବିଗିଡି ଯାଇଥାଏ । ନିମ୍ନ ରକ୍ତଚାପ ହେବା ଖୁବ୍ ସାଧାରଣ କଥା ।

ବିଶେଷକରି ଯେତେବେଳେ ଶରୀର ଦୁର୍ବଳ ହେବା ସହ କମ୍ ପାଣି ପିଇବା, ଅଧିକ ସମୟ ଯାଏ କିଛି ନ ଖାଇବା କିମ୍ବା କୌଣସି ଔଷଧ ଖାଇବା ଯୋଗୁ ରକ୍ତଚାପ କମିଯାଇଥାଏ । ଏହି ସ୍ଥିତିରେ କୌଣସି କାମ କରିବା ଅନୁଚିତ୍ । କାରଣ ଏହି ସମୟରେ କିଛି କାମ କରିବା ଦ୍ୱାରା ହୃଦୟ, ମସ୍ତିଷ୍କ ଓ କିଡ୍ନୀ ଉପରେ ଚାପ ପଡିଥାଏ। ସଞ୍ଜୟଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସେଜ୍ ହସ୍ପିଟାଲରେ ମ୍ୟାନେଜମେଣ୍ଟ ଏଚ୍‌ଓଡି ଡାକ୍ତର ରାଜେଶ ହର୍ଷବର୍ଦ୍ଧନଙ୍କ ଅନୁସାରେ ରକ୍ତଚାପ କମ୍ ଥିବା ବେଳେ ବିଶେଷକରି ୫ଟି କାମ ନ କରିବା ଉଚିତ୍ । ଯେପରିକି ରକ୍ତଚାପ ନିମ୍ନ ହେବା ଦ୍ୱାରା ରକ୍ତର ପ୍ରବାହର ସନ୍ତୁଳନ ବିଗିଡି ଯାଇଥାଏ। ଡାକ୍ତର ରାଜେଶ ହର୍ଷବର୍ଦ୍ଧନଙ୍କ ଅନୁସାରେ ଅଚାନକ୍ ଠିଆ ହେବା ଦ୍ୱାରା ରକ୍ତ ପ୍ରବାହ ପାଦ ଆଡକୁ ତୀବ୍ର ବେଗରେ ହୋଇଥାଏ । ତେଣୁ ମସ୍ତିଷ୍କରେ ରକ୍ତ ପ୍ରବାହ କମି ଚାଲେ । ଫଳରେ ଅଚାନକ୍ ବେହୋସ୍ ହେବା ସହ ମୁଣ୍ଡରେ ଆଘାତ ଲାଗିବାର ଆଶଙ୍କା ମଧ୍ୟ ଉପୁଜିପାରେ । ତେଣୁ ଅଚାନକ୍ ରକ୍ତଚାପ କମିବା ପରେ ଆରାମ କରିବା ଜରୁରି । ନିମ୍ନ ରକ୍ତଚାପ ରହିଥିଲେ ଶରୀରକୁ ଭାରୀ କରୁଥିବା ବା ହଜମ ପାଇଁ ଅଧିକ ସମୟ ଲାଗୁଥିବା ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। କାରଣ ଖାଦ୍ୟକୁ ହଜମ ପାଇଁ ଅଧିକ ସମୟ ଲାଗିବା ଦ୍ୱାରା ରକ୍ତ ପ୍ରବାହ ପାଚନତନ୍ତ୍ର ଆଡକୁ ବଢିବା ସହ ମସ୍ତିଷ୍କକୁ ରକ୍ତ ପ୍ରବାହ କମିଥାଏ । ଫଳରେ ଶରୀର ଅଧିକ ଦୁର୍ବଳ ଲାଗିବା ସହ ଅଳସୁଆ ଅନୁଭବ ହୋଇଥାଏ । ତେଣୁ ନିମ୍ନ ରକ୍ତଚାପ ଥିବା ବେଳେ ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବା ଆବଶ୍ୟକ । ଦୀର୍ଘ ସମୟ ଯାଏ ଗୋଟିଏ ଜାଗାରେ ଠିଆ ହୋଇ ରହିବା ଦ୍ୱାରା ପାଦରେ ରକ୍ତ ଜମା ହେବାର ଆଶଙ୍କା ରହିଥାଏ । ବିଶେଷକରି ନିମ୍ନ ରକ୍ତଚାପ ଥିବା ଆନେମିଆ ରୋଗୀ, ବୟସ୍କ ଲୋକ ବା ଗର୍ଭବତୀ ମହିଳାମାନଙ୍କ ପାଇଁ ଏହା ଖୁବ୍ କ୍ଷତିକାରକ । ଯଦି ଅଧିକ ସମୟ ଯାଏ ଠିଆ ହେବାକୁ ପଡେ, ତେବେ ହାଲ୍କା ହାଲ୍କା ପାଦକୁ ହଲାଇବା ଜରୁରି । ମଝିରେ ମଝିରେ ବସିପଡିବା ଉଚିତ୍ । ଫଳରେ ରକ୍ତ ସଞ୍ଚାଳନ ବଜାୟ ରହିବ । ନିମ୍ନ ରକ୍ତଚାପ ଥିବା ବେଳେ ବ୍ୟକ୍ତି ଖୁବ୍ ଦୁର୍ବଳ ରହିଥାଏ । ତେଣୁ ଏହି ସମୟରେ ବ୍ୟାୟାମ କରିବା ଦ୍ୱାରା ଶରୀର ଉପରେ ଅତିରିକ୍ତ ଚାପ ପଡିଥାଏ, ଯାହା ଶରୀର ପାଇଁ ଆଦୌ ଭଲ ନୁହେଁ । ତେଣୁ ଏହି ସମୟରେ ବ୍ୟାୟାମ ନ କରିବା ଭଲ ।

ନିମ୍ନ ରକ୍ତଚାପ ସମୟରେ ଶରୀରକୁ ସୋଡିୟମ୍ର ଆବଶ୍ୟକତା ରହିଥାଏ । କିଛି ଲୋକ ଲୁଣ-ମୁକ୍ତ ଡାଏଟ୍ରେ ରହିଥାନ୍ତି, ଯାହା ନିମ୍ନ ରକ୍ତଚାପକୁ ଆହୁରି ବଢାଇଥାଏ । ବରଂ ଏହି ସମୟରେ ରୋଗୀକୁ ଲେମ୍ବୁ, ଲୁଣ ଓ ଚିନି ମିଶାଇ ପାଣି କିମ୍ବା ଲୁଣି ବିସ୍କୁଟ୍ ଖାଇବାକୁ ଦେବା ଉଚିତ୍ । ଫଳରେ ରକ୍ତଚାପ ନିୟନ୍ତ୍ରଣକୁ ଆଣିବା ସହଜ ହୋଇପାରିବ ।

# ୬ ବଲ୍‌ରେ ମାରିଥିଲେ ୬ ଛକା, ଏବେ ୧୦ ଗୁଣା ଅଧିକ ଟଙ୍କା ଦେଇ କିଣିଲା କେକେଆର

**ଅବୁଧାବୀ**



ଆଇପିଏଲ୍ ୨୦୨୬ର ମିନି ନୀଲାମୀରେ ଭାରତୀୟ ଯୁବ ଖେଳାଳିମାନଙ୍କ ଉପରେ ଟଙ୍କା ବର୍ଷା ହୋଇଛି। ଏଥର ଅନେକ ଯୁବ ଖେଳାଳି ଉପରେ ଫ୍ରାଞ୍ଚାଇଜିଗୁଡ଼ିକ ବଡ଼ ବାଜି ଲଗାଇଛନ୍ତି। ପ୍ରଶାନ୍ତ ବୀର ଏବଂ କାର୍ତ୍ତିକ ଶର୍ମାଙ୍କୁ ୧୪.୨ କୋଟି ଟଙ୍କା ଲେଖାଏଁ ମିଳଥିବା ବେଳେ ଜମ୍ମୁ-କଶ୍ମୀରର ଦ୍ରୁତ ବୋଲର ଆକିବ ନବୀ ଡାର ମଧ୍ୟ ବଡ଼ ଧନରାଶି ପାଇଛନ୍ତି। ଏହି ଯୁବ ଖେଳାଳିମାନଙ୍କ ମଧ୍ୟରେ ଆଉ ଜଣେ ନାମ ହେଉଛି ତେଜସ୍ୱୀ ଦହିୟା, ଯାହାଙ୍କୁ କୋଲକାତା ନାଇଟ ରାଇଡର୍ସ (କେକେଆର) ନିଜ ଦଳରେ ସାମିଲ କରିଛି। ତେଜସ୍ୱୀ ଦହିୟାଙ୍କ ବେସ୍ ପ୍ରାଇସ୍ ମାତ୍ର ୩୦ ଲକ୍ଷ ଟଙ୍କା ଥିଲା, କିନ୍ତୁ ନୀଲାମୀରେ ତାଙ୍କୁ ୧୦ ଗୁଣ ଅଧିକ ମୂଲ୍ୟ ମିଳିଛି।

କୋଲକାତା ନାଇଟ ରାଇଡର୍ସ ତେଜସ୍ୱୀ ସିଂହ ଦହିୟାଙ୍କୁ ୩ କୋଟି ଟଙ୍କାର ବଡ଼ ମୂଲ୍ୟରେ କିଣିଛି। ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ଏହି ଖେଳାଳି ଉପରେ ବାଜି ଲଗାଇଥିଲା। ପରେ କେକେଆର ଏହି ଦୌଡ଼ରେ ପ୍ରବେଶ କରିଥିଲା। ୮୫ ଲକ୍ଷ ଟଙ୍କାର ବୋଲି ପାର ହେବା ପରେ ରାଜସ୍ଥାନ ରୟାଲ୍ସ ମଧ୍ୟ ତାଙ୍କ ଉପରେ ବାଜି ଲଗାଇଥିଲା। ତଥାପି କେକେଆର ଶେଷରେ ୩ କୋଟି ଟଙ୍କାର ବାଜି ଲଗାଇ ଏହି ଖେଳାଳିଙ୍କୁ ନିଜର କରିନେଇଛି।

ତେଜସ୍ୱୀ ଦହିୟା ଦିଲ୍ଲୀର ଆକ୍ରମଣାତ୍ମକ ଉଇକେଟକିପର ବ୍ୟାଟ୍ସମ୍ୟାନ। ଏହି ଖେଳାଳିଙ୍କ ଟି-୨୦ରେ ଔସତ ୫୬.୫ ରହିଛି। ସେ ଦିଲ୍ଲୀ ପାଇଁ ୪ଟି ଟି-୨୦ ଇନିଂସରେ ୧୧୩ ରନ କରିଛନ୍ତି ଏବଂ ତାଙ୍କ ଷ୍ଟ୍ରାଇକ୍ ରେଟ ପାଖାପାଖି ୧୭୦ ରହିଥିଲା। ତେଜସ୍ୱୀ ଦିଲ୍ଲୀ ପ୍ରିମିଅର ଲିଗ୍‌ରେ ମାତ୍ର ୧୨ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଏହା ସହ ଦିଲ୍ଲୀର ଏକ ଟୁର୍ଣ୍ଣାମେଣ୍ଟରେ ସେ ୬ ବଲ୍‌ରେ ୬ ଛକା ମାରି ରେକର୍ଡ ଗଢ଼ିଥିଲେ। ଦିଲ୍ଲୀ ପ୍ରିମିଅର ଲିଗ୍‌ରେ ତେଜସ୍ୱୀ ଦହିୟା ୧୯୦ର ଷ୍ଟ୍ରାଇକ ରେଟ୍‌ରେ ୩୩୯ ରନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ଚୌକାଠାରୁ ଅଧିକ ଛକ୍କା ମାରିଥିଲେ। ଗତ ସିଜନ୍‌ରେ ସେ ୨୯ଟି ଛକା ଏବଂ ୨୦ଟି ଚୌକା ମାରିଥିଲେ।

କୋଲକାତା ନାଇଟ ରାଇଡର୍ସ ତେଜସ୍ୱୀ ଦହିୟା ବ୍ୟତୀତ ସ୍ପିନର ପ୍ରଶାନ୍ତ ସୋଲଙ୍କିଙ୍କୁ ୩୦ ଲକ୍ଷ ଟଙ୍କାରେ କିଣିଛି। କାର୍ତ୍ତିକ ତ୍ୟାଗୀଙ୍କୁ ମଧ୍ୟ କେକେଆର ୩୦ ଲକ୍ଷ ଟଙ୍କାରେ ନିଜ ଦଳରେ ସାମିଲ କରିଛି। ଅନ୍ତର୍ଜାତୀୟ ଖେଳାଳିମାନଙ୍କ ମଧ୍ୟରେ ମଥୀଶା ପଥିରାନା, ଫିନ ଆଲେନ ଏବଂ କ୍ୟାମେରନ ଗ୍ରୀନ ଉପରେ କେକେଆର ବଡ଼ ଦାଆଁ ଲଗାଇଛି। ଏହି ମିନି ନୀଲାମୀରେ ଯୁବ ପ୍ରତିଭାମାନଙ୍କର ଏକ ସ୍ୱପ୍ନ ପୂରଣ ହୋଇଛି ଏବଂ ଆଗାମୀ ଆଇପିଏଲ ସିଜନ୍‌କୁ ଆହୁରି ରୋଚକ କରିଛି।

# ଆଇପିଏଲ ୨୦୨୬ : ଗ୍ରୀନ୍ ହେଲେ ସବୁଠୁ ଦାମୀ ବିଦେଶୀ ଖେଳାଳି

**ଅବୁଧାବୀ**

ମଙ୍ଗଳବାର ଅର୍ଥାତ ୧୬ ଡିସେମ୍ବରରେ ଆବୁଧାବିର ଏତିହାଦ ଏରିନାରେ ଆଇପିଏଲ ୨୦୨୬ ପାଇଁ ଚାଲିଥିଲା ମିନି ନିଲାମୀ। ଅଷ୍ଟ୍ରେଲିୟ ଅଲରାଉଣ୍ଡର କ୍ୟାମେରନ ଗ୍ରୀନଙ୍କ ଉପରେ ହୋଇଛି ଟଙ୍କାର ବର୍ଷା। ତାଙ୍କୁ କୋଲକାତା ନାଇଟ୍ ରାଇଡର୍ସ ୨୫.୨ କୋଟି ଟଙ୍କାରେ କିଣିଛି। ସେଭଳି ଶ୍ରୀଲଙ୍କା କ୍ରିକେଟର ମଥିଶା ପଥିରାନାଙ୍କୁ କେକେଆର ୧୮ କୋଟି ଟଙ୍କାରେ କିଣିଛି। ଅନ୍ୟପକ୍ଷେ ଭାରତୀୟ ଖେଳାଳି ଭେଙ୍କଟେଶ ଆୟରଙ୍କୁ ୭ କୋଟିରେ କିଣିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର। ରବି ବିଷ୍ଣୋଇଙ୍କୁ ୭.୨୦ କୋଟିରେ କିଣିଛି ରାଜସ୍ଥାନ ଟିମ୍। ଆଇପିଏଲ ଇତିହାସରେ ଏପର୍ଯ୍ୟନ୍ତ ସବୁଠାରୁ ଦାମୀ ଖେଳାଳି ରହିଛନ୍ତି ରିଷଭ ପନ୍ତ। ତାଙ୍କୁ ଲକ୍ଷ୍ନୌ ଟିମ୍ ୨୭ କୋଟିରେ କିଣିଥିଲା।

ଏହା ସହ ଗ୍ରୀନ୍ ତାଙ୍କ ଦେଶର ମିଚେଲ୍ ଷ୍ଟାର୍କଙ୍କ ରେକର୍ଡ ଭାଙ୍ଗିଛନ୍ତି। ତାଙ୍କୁ ୨୦୨୪ ମସିହାରେ କେକେଆର ୨୪.୭୫ କୋଟିରେ କିଣିଥିଲା। ଏଠାରେ ଉଲ୍ଲେଖନୀୟ ଯେ ଯଦିଓ କୋଲକାତା ନାଇଟ୍ ରାଇଡର୍ସ କ୍ୟାମେରନଙ୍କୁ ୨୫.୨ କୋଟିରେ କିଣିଛି କିନ୍ତୁ ଗ୍ରୀନ୍‌ଙ୍କୁ କେବଳ ୧୮ କୋଟି ମିଳିବ। ୭.୨ କୋଟି ବିସିସିଆଇର କଲ୍ୟାଣ ପାଣ୍ଠିରେ ଜମା କରାଯିବ। ଗତ ବର୍ଷ, ବିସିସିଆଇ ମିନି-ନିଲାମରେ ବିଦେଶୀ ଖେଳାଳିଙ୍କ ପାଇଁ ୧୮ କୋଟିର ଅପର ଲିମିଟ ସୀମା ସ୍ଥିର କରିଥିଲା, ଯାହା ଫଳରେ ବିଦେଶୀ ଖେଳାଳିମାନେ ଅଧିକ ଚାହିଦାର ଅଯଥା ଲାଭ ଉଠାଇ ପାରିବେ ନାହିଁ।

ଏହି ସମୟରେ କିଛି ବଡ଼ ଓ ନାମୀ ଖେଳାଳି ଅକ୍ସନରେ ବିକ୍ରି ହୋଇପାରି ନାହାନ୍ତି। ତାଙ୍କ ଭିତରେ ଅଛନ୍ତି କ୍ୱିଣ୍ଟନ୍ ଡି କକ୍, ସରଫରାଜ ଖାନ ଏବଂ ପୃଥ୍ୱୀ ଶ। ଚଳିତ ବର୍ଷ ନିଲାମରେ ୩୬୯ ଖେଳାଳିଙ୍କ ପାଇଁ ନିଲାମୀ ଡକାଯିବ, କାରଣ ଦଳଗୁଡ଼ିକ ଆଗାମୀ ସିଜନ ପୂର୍ବରୁ ସେମାନଙ୍କର ଆବଶ୍ୟକତା ପୂରଣ କରିବାକୁ ଚେଷ୍ଟା କରୁଛନ୍ତି।



ଆଇପିଏଲ ୨୦୨୬ ନିଲାମରେ ୩୬୯ ଖେଳାଳିଙ୍କ ମଧ୍ୟରୁ ୪୦ ଜଣଙ୍କର ବେସ୍ ପ୍ରାଇସ୍ ୨ କୋଟି। ଏଥର ୧୦ଟି ଦଳରେ ସର୍ବାଧିକ ୭୭ ଜଣ ଖେଳାଳି ବିକ୍ରି ହେବେ, ଯାହାଙ୍କ ମଧ୍ୟରୁ ୩୧ ଜଣରୁ ଅଧିକ ବିଦେଶୀ ଖେଳାଳି ହେବେ ନାହିଁ। ଏଥର ଅକ୍ସନରେ ୨୪୦ ଭାରତୀୟ କ୍ରିକେଟର ଓ ୧୧୦ ବିଦେଶୀ ଖେଳାଳି ରହିଛନ୍ତି।

# ଧୋନୀଙ୍କ ସ୍ଥାନ ନେବେ କାର୍ତ୍ତିକ
# ୧୪.୨୦ କୋଟିରେ କିଣିଲା ଚେନ୍ନାଇ



**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗସ୍ (ସିଏସକେ) ୨୦୨୬ ଆଇପିଏଲ ନିଲାମରେ ଭବିଷ୍ୟତ ଉପରେ ନଜର ରଖି ଲଗାତାର ଦୁଇ ଜଣ ଅନ୍‌କ୍ୟାପ୍ଡ ଖେଳାଳିଙ୍କ ଉପରେ ବଡ଼ ବାଜି ଲଗାଇଛି। ଯୁବ କ୍ରିକେଟର କାର୍ତ୍ତିକ ଶର୍ମାଙ୍କୁ ସିଏସକେ ବିଶାଳ ଅର୍ଥ ୧୪.୨୦ କୋଟି ଟଙ୍କାରେ କିଣିବାରେ ସଫଳ ହୋଇଛି, ଯାହାକି ପୂର୍ବରୁ କିଣା ଯାଇଥିବା ଅନ୍ୟ ଅନ୍‌କ୍ୟାପ୍ଡ ଖେଳାଳି ପ୍ରଶାନ୍ତ ବୀରଙ୍କ ମୂଲ୍ୟ ସହ ସମାନ। କାର୍ତ୍ତିକ ଶର୍ମାଙ୍କ ପାଇଁ ନିଲାମୀ ଆରମ୍ଭରୁ ହିଁ ହାଇ ଡିମାଣ୍ଡ ରହିଥିଲା। ସିଏସକେ ଏବଂ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେତୁ ମୂଲ୍ୟ ଶୀଘ୍ର ୧୨ କୋଟି ଟଙ୍କା ଟପି ଯାଇଥିଲା। ଏହା ପରେ ମନେ ହେଉଥିଲା ଯେ କାର୍ତ୍ତିକ ୧୩ କୋଟିରେ ସିଏସକେକୁ ଯିବେ, କିନ୍ତୁ ହଠାତ୍ ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ) ନିଲାମ ପ୍ରକ୍ରିୟାରେ ପ୍ରବେଶ କରିଥିଲା। ଶେଷରେ, ସିଏସକେ ଏସଆରଏଚକୁ ଅଟକାଇ କାର୍ତ୍ତିକ ଶର୍ମାଙ୍କୁ ୧୪.୨୦ କୋଟି ଟଙ୍କାରେ ନିଜ ଦଳରେ ସାମିଲ କରିବାରେ ସଫଳ ହେଲା। ଏସଆରଏଚର ମାଲିକ କାବ୍ୟା ମାରାନ୍ ମୁଣ୍ଡ ହଲାଇ ନିଲାମରୁ ଓହରି ଯାଇଥିଲେ।

## ଯୁ-୧୯ ଏସିଆ କପ୍ : ମାଲେସିଆକୁ ୩୧୫ ରନ୍‌ରେ ହରାଇଲା ଭାରତ

# ପ୍ରଥମ ଭାରତୀୟ ଭାବେ ଦ୍ୱିଶତକ ମାରିଲେ ଅଭିଜ୍ଞାନ କୁଣ୍ଡୁ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି ୧୭ ବର୍ଷୀୟ ବାମହାତୀ ବ୍ୟାଟ୍ସମ୍ୟାନ୍ ଅଭିଜ୍ଞାନ କୁଣ୍ଡୁ। ସେ ଏସିଆ କପ୍ ୨୦୨୫ରେ ମାଲେସିଆ ବିପକ୍ଷ ମ୍ୟାଚ୍‌ରେ ଏକ ଦମଦାର୍ ଦ୍ୱିଶତକ (୨୦୯ ରନ୍, ଅପରାଜିତ) ହାସଲ କରି ଯୁବ ଦିନିକିଆ ରେ ଏହି କୀର୍ତ୍ତିମାନ ସ୍ଥାପନ କରିବାରେ ପ୍ରଥମ ଭାରତୀୟ ଖେଳାଳି ପାଲଟିଛନ୍ତି।



ଅଭିଜ୍ଞାନ କୁଣ୍ଡୁ ତାଙ୍କରି ସାଥୀ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କ ୧୭୧ ରନର ରେକର୍ଡକୁ ଅତିକ୍ରମ କରି ଭାରତ ପାଇଁ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର କରିଛନ୍ତି। ବୈଭବ ସୂର୍ଯ୍ୟବଂଶୀ ଆଉଟ୍ ହେବା ପରେ କ୍ରିଜକୁ ଆସିଥିବା କୁଣ୍ଡୁ ମାତ୍ର ୪୪ ବଲରେ ଅର୍ଦ୍ଧଶତକ ଏବଂ କେବଳ ୮୦ ବଲରେ ଶତକ ପୂରଣ କରିଥିଲେ। ସେ ୧୨୧ ବଲ୍‌ରେ ଦ୍ୱିଶତକ ହାସଲ କରିଥିଲେ।

କୁଣ୍ଡୁ ପ୍ରଥମେ ବେଦାନ୍ତ ତ୍ରିବେଦୀ (୯୦ ରନ୍)ଙ୍କ ସହ ମିଶି ୨୦୯ ରନ୍‌ର ପାର୍ଟନରସିପ୍ କରିଥିଲେ ଏବଂ ପରେ କନିଷ୍କ ଚୌହାନଙ୍କ ସହ ୩୬ ବଲ୍‌ରୁ ୮୭ ରନ୍‌ର ବିସ୍ଫୋରକ ଯୋଡ଼ି ଗଢ଼ି ଭାରତର ସ୍କୋରକୁ ୫୦ ଓଭରରେ ୭ ୱିକେଟ୍ ବିନିମୟରେ ୪୦୮ ରନ୍‌ରେ ପହଞ୍ଚାଇଥିଲେ। ବୈଭବ ସୂର୍ଯ୍ୟବଂଶୀ ୫୦ ରନ୍ କରିଥିଲେ।

ଯୁବ ଦିନିକିଆ କ୍ରିକେଟ୍‌ରେ ଏହା ହେଉଛି ଦକ୍ଷିଣ ଆଫ୍ରିକାର ଜୋରିଚ୍ ଭାନ୍ ଶାଲ୍କୱାଇକ୍‌ଙ୍କ ୨୧୫ ରନ୍ ପରେ ଦ୍ୱିତୀୟ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର। ଏହା ସହିତ, ଏହା ଯୁ-୧୯ ଏସିଆ କପ୍‌ରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ଅଟେ।

୪୦୯ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ମାଲେସିଆ ଦଳ ମାତ୍ର ୯୩ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା। ଭାରତୀୟ ବୋଲର ଦୀପେଶ ଦେବେନ୍ଦ୍ରନ୍ ୫ଟି ୱିକେଟ୍ ନେଇଥିବା ବେଳେ ମାଲେସିଆକୁ ୩୧୫ ରନ୍‌ର ବଡ଼ ବ୍ୟବଧାନରେ ପରାସ୍ତ କରିଛି ଭାରତୀୟ ଦଳ। ତେବେ ମାଲେସିଆ ପକ୍ଷରୁ ମହମ୍ମଦ ଆକ୍ରମ ୫ଟି ୱିକେଟ୍ ନେବାରେ ସଫଳ ହୋଇଥିଲେ।

## ବିଜୟ ହଜାରେ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷଣା

# ୧୬ ଜଣିଆ ଦଳର ନେତୃତ୍ୱ ନେବେ ବିପ୍ଳବ ସାମନ୍ତରାୟ

**କଟକ**

ବିଜୟ ହଜାରେ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷଣା ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ)ର ବରିଷ୍ଠ ଦଳ ଚୟନ କମିଟିର ଅଧ୍ୟକ୍ଷ ସୌରଜିତ ମହାପାତ୍ର ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଥମ ୩ଟି ମ୍ୟାଚ୍ ପାଇଁ ଦଳ ଘୋଷଣା କରିଥିଲେ। ୧୬ ଜଣିଆ ଦଳର ନେତୃତ୍ୱ ନେବେ ବରିଷ୍ଠ ଅଲ୍‌ରାଉଣ୍ଡର ବିପ୍ଳବ ସାମନ୍ତରାୟ।

ଘୋଷିତ ଦଳରେ ୭ଜଣ ନୂଆ ମୁହଁ ସାମିଲ୍ ହୋଇଛନ୍ତି। ସେମାନେ ହେଲେ ଓମ୍, ଦିନେଶ, ସମ୍ବିତ, ସୌମ୍ୟ, ଅନିଲ, ବାଦଲ ଓ ତୌଫିଲ୍। ଶୁଭମ ଶତ୍ରୁଜିତ, ରାଜେଶ ଧୂପର, ପ୍ରଦୀପ ପ୍ରଧାନ, ସମ୍ବିତ ବେଜା, କାର୍ତ୍ତିକ ବିଶ୍ୱାଳ, ପ୍ରଶାନ୍ତ ରଣା, ତାରିଣୀ ସ' ଓ ସୁମିତ ଶର୍ମା ଷ୍ଟାଣ୍ଡ୍ ବାଏରେ ରହିଛନ୍ତି। ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ତାର ପ୍ରଥମ ମ୍ୟାଚ୍ ୨୪ ତାରିଖରେ ବେଙ୍ଗାଲୁରୁର ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସୌରାଷ୍ଟ୍ର ବିପକ୍ଷରେ ଖେଳିବ। ସେମିତି ୨୬ରେ ସର୍ଭିସେସ୍, ୨୯ରେ ଆନ୍ଧ୍ରପ୍ରଦେଶ, ୩୧ରେ ଦିଲ୍ଲୀ, ଜାନୁୟାରୀ ୩ରେ ହରିଆନା, ୬ରେ ଗୁଜରାଟ ଓ ୮ରେ ରେଲୱେ ବିପକ୍ଷରେ ଖେଳିବାର ସୂଚୀ ରହିଛି।

ଓଡ଼ିଶା ଦଳ : ବିପ୍ଳବ ସାମନ୍ତରାୟ (ଅଧିନାୟକ), ଶାନ୍ତନୁ ମିଶ୍ର, ସ୍ୱସ୍ତିକ ସାମଲ, ଓମ୍.ଟି.ମୁଣ୍ଡେ, ଦିନେଶ କୁମାର ମାଝୀ, ଆଶୀର୍ବାଦ ସ୍ୱାଇଁ, ପ୍ରୟାସ କୁମାର ସିଂ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୌମ୍ୟରଞ୍ଜନ ଲେଙ୍କା, ଅନିଲ ପରଡ଼ା, ସନ୍ଦୀପ ପଟ୍ଟନାୟକ, ବାଦଲ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର ଓ ସୟଦ ତୌଫିଲ୍ ଅହମ୍ମଦ।

# ଦୁଇଦିନିଆ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ପଡ଼ିଆରେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇ ଯାଇଛି। ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ




ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଏହି ଖେଳକୁଦ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ କ୍ରୀଡ଼ା ଶାରିରିକ ତଥା ମାନସିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା, ବକ୍ସିଂ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ଆଥଲେଟିକ୍ ସମ୍ପାଦକ ଅମ୍ବିକା ରାଉତ, ଫୁଟବଲ ସମ୍ପାଦକ ଅମର କୁମାର ସେଠୀ, କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ତଥା ବରିଷ୍ଠ କ୍ରୀଡ଼ାବିତ୍ ମଣ୍ଟୁ ଦା, ଭାନୁପ୍ରତାପ ଭଞ୍ଜଦେଓ ଓ ମନୋରଞ୍ଜନ ଜୀଉ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ଶହ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ୩୦ ଜଣ କ୍ରୀଡ଼ା ପ୍ରଶିକ୍ଷକ ଖେଳ ପରିଚାଳନା କରିଥିଲେ। ୧୪, ୧୬, ୧୮, ୨୦, ୨୩ ବର୍ଷରୁ କମ୍ ବାଳକ ବାଳିକା ତଥା ପୁରୁଷ ଓ ମହିଳା ବିଭାଗରେ ଦୌଡ଼, ଲମ୍ଫଡ଼ିଆଁ, ଡିସ୍କସ, ସଟ୍‌ପୁଟ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଇରଙ୍ଗପୁର ଓ କରଞ୍ଜିଆ ସବ୍ ଡିଭିଜନରୁ ପୂର୍ବତନ ଜାତୀୟ କ୍ରୀଡ଼ାବିତ ଦିଗେଶ୍ୱର ମହାନ୍ତ ଓ ତ୍ରିଲୋଚନ ମହାନ୍ତ ଖେଳାଳିମାନଙ୍କ ସହ ଯୋଗଦେଇଥିଲେ।

# ଏକ ନୂତନ ବୈଶ୍ୱିକ ସ୍ଥିତିରେ ଭାରତର ବୟନ ଶିଳ୍ପ



ଗିରିରାଜ ସିଂହ
କେନ୍ଦ୍ର ବୟନ ମନ୍ତ୍ରୀ

ଯେତେବେଳେ ଆମେ ଭାରତର ବୟନ କ୍ଷେତ୍ର ବିଷୟରେ କଥା ହେଉ, ଆମେ କେବଳ କାରଖାନା, ମେସିନ୍ ଏବଂ ଫ୍ୟାଶନ୍ ବିଷୟରେ ଚର୍ଚ୍ଚା କରୁନାହିଁ, ବରଂ ଏହା ସହିତ ଜଡ଼ିତ ଲକ୍ଷ ଲକ୍ଷ ଭାରତୀୟମାନଙ୍କ ବିଷୟରେ ଆଲୋଚନା କରିଥାଉ, ଯାହାଙ୍କ ଜୀବନ କପା କ୍ଷେତ ଠାରୁ ଆରମ୍ଭ କରି ହସ୍ତତନ୍ତ, କଳତନ୍ତ ଏବଂ ସିଲେଇ ମେସିନ ପର୍ଯ୍ୟନ୍ତ ସଂଶ୍ଳିଷ୍ଟ।

ବିଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି କ୍ଷେତ୍ର ଯେଉଁ ଯୁଗାନ୍ତକାରୀ ଏବଂ ବ୍ୟାପକ ଦୃଷ୍ଟିକୋଣ, ଦୃଢ଼ ସଂକଳ୍ପ ଏବଂ ନିର୍ଣ୍ଣାୟକ ନୀତିଗତ ସଂସ୍କାରକୁ ଅନୁଭବ କରିଆସିଛି, ତାହା ଦେଶର ବୟନ ଶିଳ୍ପକୁ ଏକ ନୂତନ ଆତ୍ମବିଶ୍ୱାସର ସହିତ ଦଣ୍ଡାୟମାନ ହେବାକୁ ସୁଯୋଗ ପ୍ରଦାନ କରିଛି। ଆମେ ଯେତେବେଳେ ବୟନ ଶିଳ୍ପ କ୍ଷେତ୍ରରେ ସମ୍ପ୍ରତି ଘଟିଥିବା ସଂସ୍କାର ପ୍ରଭାବ ବିଷୟରେ ଚିନ୍ତା କରୁ, ଏହା କେବଳ ସେଥିରେ ଘଟିଥିବା ପରିବର୍ତ୍ତନର କାହାଣୀ ଆମକୁ ଶୁଣାଏନାହିଁ, ବରଂ କପାଚାଷୀ, ଉଦ୍ୟୋଗୀ, ମହିଳା, ବୁଣାକାର, ଟେକନିସିଆନ୍ ଏବଂ ଯୁବପିଢ଼ି ନିମନ୍ତେ ନୂତନ ସମ୍ଭାବନାର କାହାଣୀ ମଧ୍ୟ କହିଥାଏ, ଯାହା ଭାରତକୁ ବୟନଶିଳ୍ପ କ୍ଷେତ୍ରରେ ଏକ ବୈଶ୍ୱିକ ଶକ୍ତି ଭାବରେ ଉପସ୍ଥାପନ କରିବାର ଲକ୍ଷ୍ୟ ରଖିଛି। ତେଣୁ ଏହି ଆଲେଖ୍ୟ କେବଳ ସେହିସବୁ ଯୋଜନାର ଏକ ତାଲିକା ମାତ୍ର ନୁହେଁ, ବରଂ ଆମ ସମସ୍ତଙ୍କ ପ୍ରୟାସରେ ଘଟାଯାଇଥିବା ପରିବର୍ତ୍ତନର ଏକ ଝଲକ ବୋଲି କୁହାଯାଇପାରେ।

**ଚାଷୀ-କୈନ୍ଦ୍ରିକ ପରିବର୍ତ୍ତନ : ରେକର୍ଡ କପା କ୍ରୟ ଏବଂ ଏମଏସପିରେ ଐତିହାସିକ ବୃଦ୍ଧି** – ଭାରତର ବୟନ ଶିଳ୍ପ କ୍ଷେତ୍ରର ଏଭଳି ପରିବର୍ତ୍ତନ ମୂଳରେ ରହିଛି କୃଷି କ୍ଷେତ୍ର ଏବଂ କପାଚାଷୀ, ଯେଉଁମାନେ କି ଏହି ଯାତ୍ରାର ପ୍ରଥମ କାରକ ବୋଲି କୁହାଯାଇପାରେ। ତେଣୁ ଆମର ଗୁରୁତ୍ୱ ସର୍ବଦା କପାଚାଷୀମାନଙ୍କୁ ବଜାରର ଉତ୍ଥାନ ଓ ପତନ, ମୂଲ୍ୟ ଅନିଶ୍ଚିତତା ଏବଂ ମଧ୍ୟସ୍ଥି ଦଲାଲଙ୍କ ଚାପରୁ ମୁକ୍ତ କରିବା ଉପରେ କେନ୍ଦ୍ରିତ ରହିଛି। ଏହିସବୁ କାରଣରୁ, ସରକାରୀ ସଂସ୍ଥାଗୁଡ଼ିକ ୨୦୦୪ ମସିହା ଠାରୁ ୨୦୧୪ ମସିହା ମଧ୍ୟରେ ମୋଟ ୧୭.୩ ନିୟୁତ ଗାଣ୍ଠିଲି କପା କ୍ରୟ କରିଥିଲେ। କିନ୍ତୁ ୨୦୧୪ ମସିହା ଠାରୁ ୨୦୨୪ ମସିହା ମଧ୍ୟରେ ଏହି ପରିମାଣ ୪୭.୩ ନିୟୁତ ଗାଣ୍ଠିଲିକୁ ବୃଦ୍ଧି ପାଇଛି। ତୁଳନାତ୍ମକ ଦୃଷ୍ଟିରୁ ଏହି ବୃଦ୍ଧିକୁ ୧୭୩ ପ୍ରତିଶତ ବୋଲି ହିସାବ କହେ ଏବଂ ଏହା ମଧ୍ୟ ଦର୍ଶାଏ ଯେ, ସରକାର କେବଳ ଋତୁକାଳୀନ ଭାବରେ ଚାଷୀମାନଙ୍କୁ ପ୍ରାଥମିକତା ପ୍ରଦାନ କରନ୍ତିନାହିଁ, ଅପରନ୍ତୁ ସେମାନଙ୍କ ସ୍ଥାୟୀ ସୁରକ୍ଷା ପ୍ରଦାନ କରିବା ମଧ୍ୟ ସରକାରଙ୍କ ମୂଳ ଉଦ୍ଦେଶ୍ୟ।

ଅନୁରୂପ ଭାବରେ, ଚାଷୀମାନଙ୍କୁ ସ୍ଥିରତା ପ୍ରଦାନ କରିବାରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସ୍‌ପି)ରେ ଉନ୍ନତି ଏକ ପ୍ରମୁଖ ପଦକ୍ଷେପ ଭାବରେ ଉଭା ହୋଇଛି। ୨୦୧୩-୧୪ ମସିହାରେ, କପା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩,୭୦୦ ଟଙ୍କା ଥିଲା, ଯଦ୍ୟପି ୨୦୨୫-୨୬ରେ ତାହା ୭,୭୧୦ ଟଙ୍କା ପ୍ରତି କ୍ୱିଣ୍ଟାଲକୁ ବୃଦ୍ଧି କରାଯାଇଛି। ଏହା ଉଭୟ ମୂଲ୍ୟରେ ପ୍ରାୟ ୧୦୮ ପ୍ରତିଶତ ଅଭିବୃଦ୍ଧି, ଯାହା ଚାଷୀଙ୍କ ଉପାର୍ଜନ, ସୁରକ୍ଷା ଏବଂ ଆତ୍ମବିଶ୍ୱାସକୁ ମଜଭୁତ କରିଛି। ଆମେ ଯେତେବେଳେ କହୁଛୁ ଯେ ଚାଷୀମାନେ ସର୍ବଦା ସୁରକ୍ଷିତ, ଏହା କେବଳ କଥାର କଥା ନୁହେଁ, ବରଂ ବାସ୍ତବ ତଥ୍ୟ ଉପରେ ଆଧାରିତ ଏକ ସତ୍ୟ। ସରକାର ପୂର୍ବାପେକ୍ଷା ଚାଷୀ ମାନଙ୍କ ଠାରୁ ଅଧିକ କପା କ୍ରୟ କରୁଛନ୍ତି ଏବଂ ସେମାନଙ୍କ ପାଇଁ ଲାଭ ମୂଲ୍ୟ ସୁନିଶ୍ଚିତ କରୁଛନ୍ତି।

**କପା ଉତ୍ପାଦନ ମିଶନ : ଗୁଣବତ୍ତା, ଉତ୍ପାଦକତା ଏବଂ ନୂତନ-ଯୁଗର ତନ୍ତୁ** – କେବଳ ବର୍ଦ୍ଧିତ କପା ଉତ୍ପାଦନ ଯଥେଷ୍ଟ ନୁହେଁ; ଉନ୍ନତ ଗୁଣବତ୍ତା ମଧ୍ୟ ଏଥିପାଇଁ ସମାନ ଭାବରେ ମହତ୍ତ୍ୱ ରଖେ। ଏହି ଦୃଷ୍ଟିରୁ ବିଚାର କରି ୨,୫୦୦ କୋଟି ଟଙ୍କାର କପା ଉତ୍ପାଦନ ମିଶନ ଆରମ୍ଭ କରାଯାଇଥିଲା, ଯାହା କେବଳ କପା ଉତ୍ପାଦନ ବୃଦ୍ଧି କରିବା ନୁହେଁ ବରଂ କପାର ଗୁଣାତ୍ମକ ମାନକୁ ବିଶ୍ୱସ୍ତରୀୟ ମାନଦଣ୍ଡ ପର୍ଯ୍ୟାୟକୁ ଉନ୍ନୀତ କରିବା ଲକ୍ଷ୍ୟ ରଖିଛି। ଏହି ମିଶନ ଅଧୀନରେ, ଉନ୍ନତ ବିହନ, ବୈଜ୍ଞାନିକ ପଦ୍ଧତିରେ ଚାଷ, କୃଷି ପରିଚାଳନା ଏବଂ ଗୁଣବତ୍ତା ନିୟନ୍ତ୍ରଣ ପ୍ରକ୍ରିୟାକୁ ମଜଭୁତ କରାଯାଉଛି। ନୂତନ-ଯୁଗର ତନ୍ତୁ ଚାଷକୁ ଗ୍ରହଣ କରିବା ସକାଶେ ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ ମଧ୍ୟ ପ୍ରୟାସ ଚାରି ରହିଛି, ଯାହା ଫଳରେ ଭାରତ ବିଶ୍ୱ ମୂଲ୍ୟ ଶୃଙ୍ଖଳରେ ଉଚ୍ଚ-ଗୁଣବତ୍ତାଯୁକ୍ତ କପା ଏବଂ ମିଶ୍ରିତ ତନ୍ତୁର ଏକ ପ୍ରମୁଖ ଯୋଗାଣକାରୀ ଉତ୍ସ ଭାବରେ ଉଭା ହେବ।

ଆମେ ଯେତେବେଳେ ଭବିଷ୍ୟତ ଆଡ଼କୁ ଦୃଷ୍ଟି ନିକ୍ଷେପ କରୁ, ଏହା ପୁନରାବୃତ୍ତି କରିବା ଗୁରୁତ୍ୱପୂର୍ଣ୍ଣ ଯେ, ବୟନ ଶିଳ୍ପରେ ପରବର୍ତ୍ତୀ ଅଭିବୃଦ୍ଧି କେବଳ ପାରମ୍ପରିକ ତନ୍ତୁ ଉପରେ ଆଧାରିତ ହେବ ନାହିଁ। ଏହି ଉଦ୍ଦେଶ୍ୟରେ, ସରକାର ଅଳସୀ, ରାମି, ସିସିଲ ଏବଂ ମିଲ୍କୱିଡ୍ ଭଳି ନୂତନ-ଯୁଗର ତନ୍ତୁକୁ ପ୍ରାଥମିକତା ପ୍ରଦାନ କରେ। ଏହି ତନ୍ତୁଗୁଡ଼ିକ ଚାଷୀଙ୍କ ନିମନ୍ତେ କମ୍ ମୂଲ୍ୟର, ଉଚ୍ଚ ଆୟଯୁକ୍ତ ବିକଳ୍ପର ସୁଯୋଗ ପ୍ରଦାନ କରେ ଏବଂ ମୂଲ୍ୟ ଶୃଙ୍ଖଳରେ ନୂତନ ପ୍ରକ୍ରିୟାକରଣ ସୁଯୋଗ, ନୂତନ ଶିଳ୍ପ ଏବଂ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ମିଲ୍କୱିଡ୍ ଭଳି ଉଦ୍ଭିଦ ନୂତନ ଯୁଗର କପଡ଼ା ତନ୍ତୁ ଭାବରେ ଉଭା ହେଉଛି ଏବଂ ନିଃସନ୍ଦେହରେ ନିକଟ ଭବିଷ୍ୟତରେ ଚାଷୀମାନଙ୍କ ପାଇଁ ଅତିରିକ୍ତ ଉପାର୍ଜନର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସରେ ପରିଣତ ହେବ।

**କପା ଉପରେ ଆମଦାନୀ ଶୁଳ୍କରେ ରିହାତି ଶିଳ୍ପକୁ ସ୍ଥିରତା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପ୍ରଦାନ କରେ :** କପା ଉପରେ ଆମଦାନୀ ଶୁଳ୍କକୁ ଛାଡ଼ କରିବା ନିଷ୍ପତ୍ତି ଶିଳ୍ପ ପାଇଁ ଏକ ବିଶ୍ୱସନୀୟ ଆଶ୍ୱସ୍ତି ଭାବରେ ପ୍ରମାଣିତ ହୋଇଛି। ପ୍ରଥମରୁ, ଏହି ରିହାତି କେବଳ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିଲା। କିନ୍ତୁ ଏହାର ସକାରାତ୍ମକ ଫଳାଫଳକୁ ଦୃଷ୍ଟିରେ ରଖି ଏହାକୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହିସବୁ ପଦକ୍ଷେପ ମିଲ୍ସଗୁଡ଼ିକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତାମୂଳକ ମୂଲ୍ୟରେ କପା ଉପଲବ୍ଧ କରାଇବାକୁ ସକ୍ଷମ କରି ସୂତା ଏବଂ କପଡ଼ାର ଉତ୍ପାଦନ ମୂଲ୍ୟ ହ୍ରାସ କରିଛି, ଯାହା ବିଶ୍ୱ ପ୍ରତିଯୋଗିତାରେ ଆମର କପଡ଼ା ରପ୍ତାନିକୁ ସିଧାସଳଖ ମଜବୁତ କରିବ।

ଏହିସବୁ ପଦକ୍ଷେପ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ବିଶେଷ ମହତ୍ତ୍ୱ ରଖେ। କାରଣ, ଆମଦାନୀ ଶୁଳ୍କ ରିହାତି ସେମାନଙ୍କୁ ସ୍ଥିରତା, ଉତ୍ତମ ଯୋଜନା ଏବଂ ମୂଲ୍ୟ ପରିଚାଳନା ପ୍ରଦାନ କରିବ। ଏହା ସହିତ, ତୋଳା କପା ଘରୋଇ ବଜାରକୁ ଯୋଗାଣ କରାଯିବ, ଯାହା ହସ୍ତତନ୍ତ, ପାୱାରଲୁମ୍, ଡିଜାଇନର ସେଗମେଣ୍ଟ ଏବଂ କପଡ଼ା-ଆଧାରିତ ଷ୍ଟାର୍ଟ ଅପମାନଙ୍କୁ, ସମସ୍ତଙ୍କୁ ସୁଲଭ ମୂଲ୍ୟରେ ଉଚ୍ଚମାନର ଫାଇବର ଉପଲବ୍ଧ କରାଇ ପାରିବ। ଏହି ନିଷ୍ପତ୍ତି ଭାରତକୁ ଏକ ସ୍ଥିର ଏବଂ ପ୍ରତିଯୋଗିତା ମୂଳକ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

**ପିଏଲଆଇ ଯୋଜନା ମାଧ୍ୟମରେ ବୟନ ଶିଳ୍ପର ଔଦ୍ୟୋଗିକ ପ୍ରଗତି :** ପିଏଲଆଇ ଯୋଜନା ବୟନ କ୍ଷେତ୍ରକୁ ପୁନର୍ଜୀବନ ପ୍ରଦାନ କରିଛି, ଏଥି ନିମନ୍ତେ ଅବିଶ୍ୱସନୀୟ ଉତ୍ସାହ ଏବଂ ଏକ ଅନୁକୂଳ ନିବେଶର ବାତାବରଣ ସୃଷ୍ଟି କରିଛି। ଶିଳ୍ପ ଚାହିଦା ଅନୁଯାୟୀ, ଆବେଦନ ପୋର୍ଟାଲ୍ ଡିସେମ୍ବର ୩୧, ୨୦୨୫ ପର୍ଯ୍ୟନ୍ତ ପୁଣି ଥରେ ଖୋଲାଯାଇଛି। ଏପର୍ଯ୍ୟନ୍ତ ୨୭ଗୋଟି ନୂତନ ଆବେଦନ ମିଳିଛି। ଯାହା ନୂତନ କାରଖାନା, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ହଜାର ହଜାର ନୂତନ ନିଯୁକ୍ତି ସୃଷ୍ଟି କରିବ। ୨୦୩୦ ମସିହା ସୁଦ୍ଧା ବୟନ କ୍ଷେତ୍ରର ୧୨ ବିଲିୟନ ଡଲାର ରପ୍ତାନି ଲକ୍ଷ୍ୟ ହାସଲ ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ହେବ।

ଏବେସୁଦ୍ଧା ୭୪ ଗୋଟି ସ୍ୱୀକୃତ କମ୍ପାନୀଙ୍କ ମଧ୍ୟରୁ ୪୨ ଗୋଟି ବୈଷୟିକ ବୟନ ଶିଳ୍ପ ଭାବରେ ରହିଛି, ଯାହା ଏହି ନବସୃଜନ-ସମୃଦ୍ଧ କ୍ଷେତ୍ରରେ ଭାରତର ଗୁରୁତ୍ୱପୂର୍ଣ୍ଣ ନିବେଶକୁ ସୂଚିତ କରେ। ପରିଣାମତଃ, ଗତ ବର୍ଷ ତୁଳନାରେ ବୈଷୟିକ ବୟନ ରପ୍ତାନିରେ ୧୨.୪ ପ୍ରତିଶତ ବୃଦ୍ଧି ପାଇ ତାହା ୩.୨-୩.୪ ବିଲିୟନ ଡଲାରରେ ଛୁଇଁଛି। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଘଟଣାଟି ହେଲା, ଶ୍ରେଷ୍ଠ ୧୦ଗୋଟି କମ୍ପାନୀ ପକ୍ଷରୁ କରାଯାଇଥିବା ବାସ୍ତବ ନିବେଶ ୪,୫୮୪ କୋଟି ଟଙ୍କା ଥିଲା, ଯାହା ସେମାନଙ୍କ ପ୍ରତିବଦ୍ଧ ପରିମାଣ ତୁଳନାରେ ୫୦୦ କୋଟି ଟଙ୍କାରୁ ଠାରୁ ସୁଦ୍ଧା ଅଧିକ ବୋଲି ଜଣାପଡ଼ିଛି।

ଶିଶୁ ଡାଏପର ଏବଂ ସାନିଟାରୀ ନାପକିନକୁ ସବୁଠାରୁ ଉତ୍ସାହଜନକ ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ। ଏପରି ଏକ ସମୟ ଥିଲା ଯେତେବେଳେ ଭାରତ ଏହିସବୁ ଉତ୍ପାଦଗୁଡ଼ିକ ପାଇଁ ବିଦେଶୀ ଉତ୍ପାଦ ଉପରେ ମାତ୍ରାଧିକ ଭାବରେ ନିର୍ଭରଶୀଳ ଥିଲା। କିନ୍ତୁ ଆଜି, ପିଏଲଆଇ ବ୍ୟବସ୍ଥା ଗ୍ରହଣ ପରେ, ଆମେ ଏହି କ୍ଷେତ୍ରରେ ଆମଦାନୀ ନିର୍ଭରଶୀଳତାରୁ ନିଜକୁ ମୁକ୍ତ କରି ଏକ ନିଟ୍ ରପ୍ତାନିକାରୀ ହେବା ଦିଗରେ ଆଗକୁ ଅଗ୍ରସର ହୋଇଚାଲିଛୁ।

**ଏମଇଜି ଏବଂ ଭିସକୋସ ଉପରେ କ୍ୟୁସିଓ ହଟାଇବା ସହ ଏମଏମଏଫ ମୂଲ୍ୟ-ଶୃଙ୍ଖଳାକୁ ମିଳିଛି ଆଶ୍ୱସ୍ତି :** ସମ୍ପ୍ରତି ଏମଇଜିଏବଂ ଭିସକୋସ ଉପରେ କ୍ୟୁସିଓ ହଟାଇବା ପାଇଁ ସାମ୍ପ୍ରତିକ ନିଷ୍ପତ୍ତି ଶିଳ୍ପର ବାସ୍ତବ ଆବଶ୍ୟକତା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳ ପରିସ୍ଥିତିକୁ ବିଚାରକୁ ନେଇ ନିଆଯାଇଥିଲା। କ୍ୟୁସିଓ ହଟାଇବା ସହିତ, ଏମଏମଏଫ ମୂଲ୍ୟ-ଶୃଙ୍ଖଳ ବର୍ତ୍ତମାନ ପ୍ରତିଯୋଗିତାମୂଳକ ହାରରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କଞ୍ଚାମାଲର ପ୍ରବେଶର ସୁଯୋଗ ପାଇପାରିବ, ଯାହା ଉତ୍ପାଦନ ଯୋଜନା ଏବଂ ଖର୍ଚ୍ଚ ଉଭୟକୁ ଉନ୍ନତ କରିବାରେ ସହାୟକ ହେବ।

ଡାଉନଷ୍ଟ୍ରିମ୍ କ୍ଷେତ୍ର, ବିଶେଷକରି ପୋଷାକ କ୍ଷେତ୍ରଗୁଡ଼ିକ ତୁରନ୍ତ ଆଶ୍ୱସ୍ତି ପାଇବେ। ଆଜି ଏହି କ୍ଷେତ୍ରରେ ପ୍ରାୟ ୧୪ ନିୟୁତ ନିଯୁକ୍ତି ଅଛି। ଏହା ସହିତ ଆମର ଲକ୍ଷ୍ୟ ୨୦୩୦ ମସିହା ସୁଦ୍ଧା ୧୦ ନିୟୁତ ନୂତନ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବା।

**ପରବର୍ତ୍ତୀ ପିଢ଼ିର ଜିଏସଟି.: ପାଲଟା ଶୁଳ୍କର ସମସ୍ୟାରୁ ମୁକ୍ତି** – ବୟନ ଶିଳ୍ପର ଓଲଟା ଶୁଳ୍କ ଗଠନର ସଂସ୍କାର ପାଇଁ ଦୀର୍ଘ ଦିନ ଧରି ଦାବି ଥିଲା, ଯାହା ଚଳନ୍ତି ପୁଞ୍ଜିକୁ ଅବରୋଧ କରିଥିଲା। ତଥାପି, ପରବର୍ତ୍ତୀ ପିଢ଼ିର ଜିଏସଟି ଅଥବା ବସ୍ତୁ ଓ ସେବା କର ସଂସ୍କାର ବର୍ତ୍ତମାନ ଏହି ସମସ୍ୟାକୁ ସମାଧାନ କରିଛି।

ଏହା ବ୍ୟତୀତ, ପ୍ରସ୍ତୁତ ପୋଷାକ ସକାଶେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ୨,୫୦୦ ଟଙ୍କା ପର୍ଯ୍ୟନ୍ତ ପୋଷାକ ଉପରେ ଜିଏସଟି ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହା ମଧ୍ୟବିତ୍ତ ବର୍ଗ, ଯୁବପିଢ଼ି ଏବଂ ଛାତ୍ରମାନଙ୍କ ନିମନ୍ତେ ପୋଷାକକୁ ଅଧିକ ସୁଲଭ କରିବ। ଏହା ୨-୩ ଟିୟର ସହରମାନଙ୍କରେ ତଥା ଗ୍ରାମ ଗୁଡ଼ିକରେ ସେସବୁର ଚାହିଦା ମଧ୍ୟ ବୃଦ୍ଧି କରିବ।

**ଶ୍ରମ ସଂସ୍କାର ବୟନ ଶିଳ୍ପ ଶ୍ରମିକ ମାନଙ୍କୁ ପ୍ରଦାନ କରୁଛି ସୁରକ୍ଷା ଏବଂ ସମ୍ମାନ :** ଦେଶର ବୟନ ଶିଳ୍ପ କ୍ଷେତ୍ରରେ ବିପୁଳ ସଂଖ୍ୟକ ପ୍ରବାସୀ, ମହିଳା ଏବଂ ଠିକା ଶ୍ରମିକ କାର୍ଯ୍ୟରତ ଅଛନ୍ତି। ସେମାନଙ୍କୁ ବାସ୍ତବ ଅଧିକାର, ସୁରକ୍ଷା ଏବଂ ସ୍ଥିରତା ପ୍ରଦାନ କରିବା ନିମନ୍ତେ ସମ୍ପ୍ରତି ଶ୍ରମ ସଂସ୍କାର ପ୍ରଣୟନ କରାଯାଇଛି। ବର୍ତ୍ତମାନ ସେମାନେ ସମସ୍ତେ ସମାନ ବେତନ, ସମାନ କଲ୍ୟାଣ ଯୋଜନା ଏବଂ ସୁବିଧା ପାଇବାକୁ ହକଦାର ହେବେ। ଏହି ସଂସ୍କାର ବୟନ ଶିଳ୍ପ କର୍ମଚାରୀଙ୍କୁ ଏକ ସମ୍ମାନଜନକ ଏବଂ ସୁରକ୍ଷିତ ପରିବେଶ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

**ପ୍ରଧାନମନ୍ତ୍ରୀ ମିତ୍ର ପାର୍କ : ସମନ୍ୱିତ ମୂଲ୍ୟ-ଶୃଙ୍ଖଳା ଏବଂ ୨୧ ଲକ୍ଷ ରୋଜଗାର** – ପ୍ରଧାନମନ୍ତ୍ରୀ ମିତ୍ର ଯୋଜନା ଭାରତର ବୟନ ଶିଳ୍ପ କ୍ଷେତ୍ର ନିମନ୍ତେ ଏକ ପଟ୍ଟ ପରିବର୍ତ୍ତକ ଭାବରେ ପ୍ରମାଣିତ ହୋଇଛି। ଏହି ପାର୍କଗୁଡ଼ିକ କେବଳ ଶିଳ୍ପ କ୍ଲଷ୍ଟର ନୁହେଁ; ମୁଁ ସେମାନଙ୍କୁ ଆମର ବୟନ ଶିଳ୍ପ କ୍ଷେତ୍ରର ସାତଗୋଟି ଶକ୍ତିଶାଳୀ ଶକ୍ତି କେନ୍ଦ୍ର ବୋଲି ବିବେଚନା କରେ। ସେମାନେ କାର୍ଯ୍ୟ ସୁଗମ ଭାବରେ ଆଗକୁ ଅଗ୍ରସର ହେଉଛନ୍ତି ଏବଂ ସମସ୍ତ ସାତଟି ରାଜ୍ୟରେ ଜମି ଆବଣ୍ଟନ ସହିତ ପ୍ରଗତି କରିଚାଲିଛନ୍ତି। ଏବେ ସୁଦ୍ଧା ସାରା ଦେଶରୁ ପ୍ରାୟ ୩୩,୦୦୦ କୋଟି ଟଙ୍କାର ନିବେଶ ଆହରଣ କରାଯାଇଛି। ଏହି ପାର୍କଗୁଡ଼ିକ ପ୍ରାୟ ୨୧ ଲକ୍ଷ କର୍ମ ନିଯୁକ୍ତି ମଧ୍ୟ ସୃଷ୍ଟି କରିବେ।

**ଏଫଟିଏ ଏବଂ ନୂତନ ବିଶ୍ୱ ବଜାର :** ଯେତେବେଳେ ମୁଁ ଜୁନ୍ ୨୦୨୪ ମସିହାରେ ବୟନଶିଳ୍ପ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କଲି, ଏହା ସ୍ପଷ୍ଟ ଥିଲା ଯେ ଭାରତ କିଛି ଚୟନିତ ପାରମ୍ପରିକ ବଜାର ଉପରେ ନିର୍ଭରଶୀଳ। ତେଣୁ ମୁଁ ମୋର ଟିମ୍‌କୁ ବିଶ୍ୱର ନୂତନ ଭାବେ ମୁଣ୍ଡ ଟେକୁଥିବା ବଜାର ଚିହ୍ନଟ କରିବାକୁ, ସେମାନଙ୍କର ଚାହିଦା ଧାରା ଏବଂ ମୁଣ୍ଡପିଛା ଆୟ ସମ୍ପର୍କରେ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଥିଲି। ଏହା ପରେ ୪୦ ଗୋଟି ନୂତନ ବଜାର ଚିହ୍ନଟ କରାଯାଇଥିଲା, ଯେଉଁଠାରେ ଭାରତର ଉପସ୍ଥିତି କ୍ଷୁଦ୍ର କିନ୍ତୁ ଅପାର ସମ୍ଭାବନା ଥିଲା।

ଏହି ଦୃଷ୍ଟିକୋଣ ସହିତ ଭାରତ ଆଜି ୨୭ ଗୋଟି ଦେଶ ସହିତ ଏଫଟିଏ ମାଧ୍ୟମରେ ଦୃଢ଼ ଭାବରେ ନୂତନ ବଜାରରେ ପ୍ରବେଶ କରିଛି। ବ୍ରିଟେନ ସହିତ ସମ୍ପ୍ରତି ସିଇଟିଏ ଚୁକ୍ତିନାମା ଏକ ପ୍ରମୁଖ ଉଦାହରଣ। ଏହାର ପ୍ରଭାବ ତତ୍କାଳ ଦୃଶ୍ୟମାନ ହୋଇଥିଲା, ଏପ୍ରିଲ ୨୦୨୪ରୁ ୨୦୨୫ ମସିହା ମଧ୍ୟରେ ବ୍ରିଟେନକୁ ଆମର ରପ୍ତାନି ୧୫ ନିୟୁତ ଡଲାର ବୃଦ୍ଧି ପାଇଛି। ସେହିପରି, ଭାରତ-ଇଏଫଟିଏ ଚୁକ୍ତିନାମା ପ୍ରାୟ ୧୪ ବିଲିୟନ ଡଲାର ମୂଲ୍ୟର ଏକ ପ୍ରିମିୟମ୍ ବଜାର ନିମନ୍ତେ ଦ୍ୱାର ଉନ୍ମୋଚନ କରିଛି।

ମାତ୍ର ଗୋଟିଏ ବର୍ଷ ମଧ୍ୟରେ, ଭାରତର ବୟନ ରପ୍ତାନି ୧୧୧ ଗୋଟି ଦେଶକୁ ବୃଦ୍ଧି ପାଇଛି। ୩୮ଟି ଦେଶରେ ଅଭିବୃଦ୍ଧି ୫୦ ପ୍ରତିଶତ ଏବଂ ୧୬ଟି ଦେଶରେ ୨୫-୫୦ ପ୍ରତିଶତ ଅତିକ୍ରମ କରିଛି। ସବୁଠାରୁ ଉତ୍ସାହଜନକ କଥାଟି ହେଉଛି ଆର୍ଜେଣ୍ଟିନା, ଯାହା ଏକଦା ଭାରତ ପାଇଁ ଏକ ଆହ୍ୱାନପୂର୍ଣ୍ଣ ବଜାର ଥିଲା, ସେଠାରେ ଆମର ରପ୍ତାନି ବର୍ତ୍ତମାନ ରେକର୍ଡ ୭୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି।

ଏହି ପ୍ରୟାସଗୁଡ଼ିକ ଏକତ୍ର ଭାବରେ ଦର୍ଶାଉଛି ଯେ, ଭାରତର ବୟନ ଶିଳ୍ପ ଆଉ କେବଳ ଶିଳ୍ପ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଦେଶର ଶକ୍ତି ଏବଂ ପ୍ରଗତି ପାଇଁ ସମ୍ଭାବନାର ଏକ ପ୍ରମୁଖ ସ୍ତମ୍ଭ ପାଲଟିଛି। ଆଜି, ଆମର ବୟନ ଶିଳ୍ପ ନୂତନ ଆତ୍ମବିଶ୍ୱାସ ସହିତ ଆଗକୁ ବଢ଼ୁଛି, ଏବଂ ଆଗାମୀ ବର୍ଷ ଗୁଡ଼ିକରେ, ଭାରତ ବିଶ୍ୱ ପ୍ରତିଯୋଗିତାର ଆଗରେ ଠିଆ ହେବାର ସମ୍ଭାବନା ରଖିଛି। ଆମର ଲକ୍ଷ୍ୟ ସ୍ପଷ୍ଟ: ଭାରତକୁ ଏକ ନିର୍ଭରଯୋଗ୍ୟ, ଆଧୁନିକ ଏବଂ ସ୍ଥାୟୀ ବୟନ ଶିଳ୍ପ କେନ୍ଦ୍ରରେ ପରିଣତ କରିବା, ଯାହା ଭବିଷ୍ୟତର ଆବଶ୍ୟକତା ପୂରଣ କରିବ।

ଭୁବନେଶ୍ୱର
୧୭ ଡିସେମ୍ବର,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଆଗେଇଲା 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା' : ୪ ବର୍ଷରେ ବୁଲିବେ ୧.୨ ଲକ୍ଷ ତୀର୍ଥଯାତ୍ରୀ

**ଭୁବନେଶ୍ୱର,୧୬/୧୨ ନ୍ୟୁଜ ବ୍ୟୁରୋ**

ବହୁ ପ୍ରତୀକ୍ଷିତ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା (ଏସ୍‌ଜେଡିୱାଇ) ଆଗେଇଛି। ଖୁବ୍ ଶୀଘ୍ର ଓଡ଼ିଶାର କୋଣ ଅନୁକୋଣରୁ ଗରିବ ଭକ୍ତମାନେ ଶ୍ରୀକ୍ଷେତ୍ର ଭ୍ରମଣରେ ବାହାରିବେ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି) ପକ୍ଷରୁ ଯୋଜନାକୁ ବାସ୍ତବ ରୂପରେଖ ଦେବା ପାଇଁ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଖୋଜାଚାଲିଛି। ଏମିତି ଅନେକ ଗରିବ ଶ୍ରେଣୀୟ ଲୋକ ଅଛନ୍ତି, ଯେଉଁମାନେ କି ଜୀବନକାଳରେ ଥରଟିଏ ବି ଶ୍ରୀକ୍ଷେତ୍ର ବୁଲିନାହାନ୍ତି। ସେମାନଙ୍କ ଭାଗ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଜୁଟିନାହିଁ। ଗତ ବଜେଟ୍ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଘୋଷଣା କରିଥିଲେ। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ



ନିଗମ (ଓଟିଡିସି) ଏହାର ଦାୟିତ୍ୱ ମୁଣ୍ଡାଇଛି । ଓଟିଡିସି ଦ୍ୱାରା ଅନୁବନ୍ଧିତ ହୋଇଥିବା ୧୫ଟି ଏଜେନ୍ସି ହିଁ ଏହି ଯୋଜନାର ଇଭେଣ୍ଟ ମ୍ୟାନେଜମେଣ୍ଟ ଏଜେନ୍ସି ପାଇଁ ଆବେଦନ କରିପାରିବେ। ଆସନ୍ତା ୨୦ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଚଳିତ ବର୍ଷଠାରୁ ୨୦୨୮-୨୯ ଯାଏଁ ଯୋଜନା ଚାଲିବ। ୪ ବର୍ଷରେ ୧.୨୦ ଲକ୍ଷ ରାଜ୍ୟବାସୀଙ୍କୁ ଜଗନ୍ନାଥଧାମ ଦର୍ଶନ କରାଇବାକୁ ଟାର୍ଗେଟ ରଖାଯାଇଛି । ଜିଲ୍ଲା ଓ ବ୍ଲକସ୍ତରରେ ଏକ ଡେସ୍କ ସ୍ଥାପନ ହେବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଗରିବ ଶ୍ରେଣୀୟ, ୫୦ ବର୍ଷରୁ ଅଧିକ ବୟସ୍କ ଓ ବିଧବାମାନଙ୍କୁ ହିଁ ତୀର୍ଥଯାତ୍ରୀ ଭାବେ ଚୟନ କରାଯିବ। ପୁରୀ ଅଭିମୁଖେ ବାହାରିବା ପୂର୍ବରୁ ତୀର୍ଥଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଯାତ୍ରା ପୂର୍ବରୁ ସେମାନଙ୍କୁ ଟାୱେଲ, କ୍ୟାପ୍, ହାପ୍ ଜ୍ୟାକେଟ୍, ଟଏଲେଟ୍ ପାଉଚ୍, ପାଣି ବୋତଲ, ଆଇଡି କାର୍ଡ ଓ ଉତ୍ତରୀୟ ଦିଆଯିବ । ଯାତ୍ରା ବେଳେ ଜଳଖିଆ, ମଧାହ୍ନ ଭୋଜନ, ସ୍ନାକ୍ସ, ରାତ୍ରଭୋଜନ ଦିଆଯିବ । ମଝିରେ ସେମାନଙ୍କୁ ଚାହା ମଧ ବଣ୍ଟାଯିବ । ଯାତ୍ରା ମଝିରେ ଆବଶ୍ୟକ ପଡ଼ିଲେ ଅସ୍ଥାୟୀ ଟ୍ରାନଜିଟ୍ କ୍ୟାମ୍ପ କରାଯିବ। ସେଠାରେ ଚେୟାର ଟେବୁଲ, କାରପେଟ୍/ ମ୍ୟାଟ୍, ସାଉଣ୍ଡ ସିଷ୍ଟମ, ଲାଇଟ ସିଷ୍ଟମ, ପ୍ୟାନ, ଆଶ୍ରୟସ୍ଥଳୀ (ପୁରୁଷ ଓ ମହିଳା)ର ବ୍ୟବସ୍ଥା ରହିବ । ତୀର୍ଥଯାତ୍ରୀଙ୍କ ସମସ୍ତ ସୁବିଧାର ଧ୍ୟାନ ରଖିବା ପାଇଁ ପ୍ରତି ବସ୍‌ରେ ଜଣେ ଲେଖାଏଁ ସହଯୋଗୀ କର୍ମଚାରୀ ଓ ସ୍ୱେଚ୍ଛାସେବୀ ରହିବେ । ପୁରୀରେ ମଧ ଏକ ସହାୟତା ଡେସ୍କ ସ୍ଥାପନ ହେବ । ପାର୍କିଂସ୍ଥଳରେ ଓଏସ୍‌ଆରଟିସି ବସ୍ ରହିବ। ସେଠାରୁ ଇ-ରିକ୍ସା, ଇ-ବସ୍ କିମ୍ବା ଅଟୋରିକ୍ସା ଯୋଗେ ତୀର୍ଥଯାତ୍ରୀଙ୍କୁ ମନ୍ଦିର ଯାଏ ନିଆଯିବ। ସେଠାରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ଅଭଡ଼ା ସେବନ କରିବେ। ଏହାବାଦ୍ ଗେଷ୍ଟ ହାଉସ୍/ଧର୍ମଶାଳା/ ହୋଟେଲରେ ୬-୧୨ ଘଣ୍ଟା ରହଣି ପାଇଁ ମଧ ବ୍ୟବସ୍ଥା ରହିଛି।

# ଶ୍ରୀମନ୍ଦିରରେ ଧନୁ ସଂକ୍ରାନ୍ତି ଓ ପହିଲିଭୋଗ ନୀତି ସମ୍ପନ୍ନ

**ପୁରୀ,୧୬/୧୨ ନ୍ୟୁଜ ବ୍ୟୁରୋ**

ଓଡ଼ିଆର ଅନ୍ୟ ଏକ ମୁଖ୍ୟ ପର୍ବ ହେଉଛି ଧନୁ ସଂକ୍ରାନ୍ତି । କାହିଁ କେଉଁ ଅନାଦି କାଳରୁ ଏହା ପାଳିତ ହୋଇ ଆସୁଛି। ସୂର୍ଯ୍ୟଙ୍କ ଧନୁ ରାଶିକୁ ଚଳନକୁ ଧନୁ ସଂକ୍ରାନ୍ତି କୁହାଯାଇଥାଏ। ଏହି ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ସମୟ ହେଉଛି ପ୍ରଖର ଶୀତର ସମୟ। ଏହି ସମୟରେ ମଣିଷମାନେ ଅଳସୁଆ ହୋଇ ଡେରିରେ ଶଯ୍ୟା ତ୍ୟାଗ କରିବା ସ୍ୱାଭାବିକ କଥା। କିନ୍ତୁ ଆମ ଦେଉଳ ପରମ୍ପରାରେ ଏହା ବିପରୀତ ହୋଇଥାଏ। ଏହି ମାସଯାକ ମହାପ୍ରଭୁଙ୍କ ନୀତିକାନ୍ତି ସୂର୍ଯ୍ୟୋଦୟ ବହୁ ପୂର୍ବରୁ ପାଳିତ ହୁଏ। ଯେଉଁ ସମୟରେ ଲୋକେ ଶଯ୍ୟାରୁ ଉଠିବାକୁ ଇଛା ହେଉନଥାଏ ସେହି ସମୟରେ ମହାପ୍ରଭୁଙ୍କ ସ୍ନାନ ଅବକାଶ ଆଦି ନୀତି ଅନୁଷ୍ଠିତ ହୋଇ ବାଳ ଭୋଗ ଲାଗି ହୋଇ ସାରିଥାଏ। ଏହି ପହିଲି ଭୋଗ ନୀତି ଆମକୁ ଶିଖାଇ ଥାଏ ଶୀତଦିନରେ ଅଳସ ନ ହୋଇ କର୍ମଠ ହେବାକୁ। ଏମିତିରେ ବି ଏହି ସମୟ ଶସ୍ୟ ଅମଳର ସମୟ। କର୍ମ ପରାୟଣ ହୋଇ ଏହି ମାସରେ ଶସ୍ୟ ଅମଳ କାର୍ଯ୍ୟରେ ଲାଗିବାକୁ ଏହି ନୀତିକାନ୍ତି ଆମକୁ ଶିଖେଇ ଥାଏ। ଗୋଟିଏ ମାସର ଶସ୍ୟ ଅମଳ ବର୍ଷକ ପର୍ଯ୍ୟନ୍ତ ଆହାର ଯୋଗାଇଥାଏ। ଶ୍ରୀମନ୍ଦିରରେ ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ସକାଳର ଗୋପଳବଲ୍ଲଭ ଭୋଗ ନୀତି ସହିତ 'ପହିଲିଭୋଗ' ନୀତି ଅନୁଷ୍ଠିତ ହୋଇଛି। ଏହି ଦିନମାନଙ୍କରେ ରାତ୍ର ଦୁଇ ଘଡି ଥାଇ ଦ୍ୱାର ଫିଟା ନୀତି, ମଙ୍ଗଳ ଆଳତି, ଅବକାଶ ହୁଏ । ତାହା ପରେ ଘୋଡ ଓ ଅଳଙ୍କାର ଲାଗି ହୋଇ ବେଶ ହୋଇଥାଏ । ତପୂରେ, ଭିତର ବାହାର ଶୋଧ ହୋଇ ଅଣସରପିଣ୍ଡି ଠାରେ ଗୋପାଳବଲ୍ଲଭ ଭୋଗ ବଢାଯାଇଥାଏ । ଏହାପରେ ଅହ୍ଲୁଣିଆ ପାଣି ପଡିବା ଉତ୍ତାରୁ ପହିଲି ଭୋଗ ଛେକ ଆସିବା ପାଇଁ ଭୋଗ ଡାକିଯାଏ। ଏହି ଭୋଗରେ ବିରି ଓ ଗହମରେ ଘୃତପାକ ହୋଇଥିବା ପିଠାମାନ ଅଣାଯାଇ ପଞ୍ଚୋପଚାରରେ ପୂଜା କରାଯାଇଥାଏ । ଏହି ସବୁ ଦ୍ରବ୍ୟ ପାକ କରିବାକୁ ସୁବିଧା ହେବା ପାଇଁ ଏହି ଦିନମାନଙ୍କରେ ମଂଗଳ ଆଳତି ପରେ ହିଁ ରୋଷ ହୋମ ଅନୁଷ୍ଠିତ ହୋଇଥାଏ। ଲୋକବିଶ୍ୱାସରେ ମା' ଲକ୍ଷ୍ମୀ ଏହି ମାସଟି ନିଜର ବାପଘରେ କାଟନ୍ତି। ପୌଷ ମାସରେ ବୋହୂ ନିଜର ବାପ ଘରକୁ ଯିବାର ଚଳଣୀ ଓଡ଼ିଆ ଘର ମାନଙ୍କରେ ରହିଛି । ତେଣୁ ମା' ବ୍ୟଗ୍ର ହୋଇ ନିଜ ପୁଅ ଝିଅଙ୍କୁ ଶୀତରେ ସକାଳଟାରୁ ଗରମ ଗରମ ଖାଦ୍ୟ ଖୁଆଇ ଦିଅନ୍ତି। ଏହି ପହିଲି ଭୋଗ ବଢା ଭାତର ସ୍ମୃତିକୁ ମନେ ପକାଇଦିଏ ।

# ଏଠି ସେଠି ଅଳିଆ ପକାଉଥିବା ବ୍ୟକ୍ତିଙ୍କ ଠାରୁ ଫାଇନ୍ କାଟିଲେ ମେୟର



**ଭୁବନେଶ୍ୱର ୧୬/୧୨ ନ୍ୟୁଜ ବ୍ୟୁରୋ**

ମହଙ୍ଗା ପଡିଲା ଅଳିଆ । ରେଡ୍ ହ୍ୟାଣ୍ଡ ଧରିଲେ ମେୟର । କାଟିଲେ ବଡ଼ ଫାଇନ । ଭୁବନେଶ୍ୱର ୟୁନିଟ-୪ ମାଛ ମାର୍କେଟରେ ଦେଖିବାକୁ ମିଳିଥିଲା ଏପରି ଦୃଶ୍ୟ । ଫାଇନ ମୁତାବକ ସେହି ଅଞ୍ଚଳରେ ଥିବା ସ୍ୱାଦ ସଦନ ପ୍ରିମିୟମ, ଭାଇନା ହୋଟେଲକୁ ଲକ୍ଷେ ଟଙ୍କା ଲେଖାଏଁ ଜରିମାନା ପଡ଼ିଛି। ସେହିଭଳି ୟୁନିଟେକ୍ ଅଟୋ ୱର୍କସପ୍ ଓ ରିଲାଏନ୍ସକୁ ପଛପଟେ ଅଳିଆ ଗଦାଇବା ପାଇଁ ମଧ ୧ ଲକ୍ଷ ଟଙ୍କା ଫାଇନ ପଡ଼ିଛି।

ଏହାଛଡା ଗୋଲ ଏଜୁକେଶନାଲ ଇନଷ୍ଟିଚ୍ୟୁଟକୁ ଓ ଚାଇନା ଗାର୍ଡେନ ମଧ ୧ ଲକ୍ଷ ଟଙ୍କାର ଜରିମାନା ଦେବାକୁ ବିଏମସି କହିଛି। ୟୁନିଟ-୪ ମସଜିଦ ପାଖରେ ଥିବା ଅବ୍ୟବହୃତ କାର୍ ଓ ବାଇକକୁ ଉଠାଇ ନେଇଛି। ସକାଳୁ ସକାଳୁ ଲକ୍ଷ ଲକ୍ଷ ଟଙ୍କାର ଫାଇନ କାଟିଲେ ବିଏମସି ମେୟର ସୁଲୋଚନା ଦାସ। ୟୁନିଟ ୪ ମାଛ ମାର୍କେଟ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ହୋଇଥିବା ସଫେଇ କାର୍ଯ୍ୟକ୍ରମ ବେଳେ ଏହି ଫାଇନ କଟାଯାଇଛି ।

## 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ - ୨୦୨୫' ଉପସ୍ଥାପନ

# ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାୟତତା ପ୍ରଦାନ କରିବା ସହ ସଶକ୍ତ କରିବ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬/ ୧୨ ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକସଭାରେ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ - ୨୦୨୫' ଉପସ୍ଥାପନ କରିବା ପରେ ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ସେ ଏହି ବିଲ୍ ଉପରେ କହିଛନ୍ତି, ଦେଶରେ ଶିକ୍ଷା କ୍ଷେତ୍ରରେ ଅନେକ ସଂସ୍କାର ଅଣାଯାଉଥିବା ବେଳେ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ - ୨୦୨୫' ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାୟତ୍ତତା ପ୍ରଦାନ କରିବା ସହ ସଶକ୍ତ କରିବ । ଏହି ବିଲ୍ ର ଉଦ୍ଦେଶ୍ୟ ହେଉଛି ପ୍ରଭାବଶାଳୀ ସମନ୍ୱୟ ଏବଂ ମାନଦଣ୍ଡର ନିର୍ଦ୍ଧାରଣ ମାଧ୍ୟମରେ ଭାରତର ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡ଼ିକୁ ଉତ୍କର୍ଷତା ହାସଲ କରିବା ପାଇଁ ସଶକ୍ତ କରିବା । ଜାତୀୟ ଶିକ୍ଷା ନୀତି - ୨୦୨୦ ଆଧାରରେ ଏହି ବିଲ୍ ପ୍ରସ୍ତୁତ କରାଯାଇଛି । ଏହି ବିଧେୟକର ମୁଖ୍ୟ ଲକ୍ଷ୍ୟ ହେଉଛି ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଶିକ୍ଷାଦାନ, ଶିକ୍ଷଣ, ଗବେଷଣା ତଥା ଉଦ୍ଭାବନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଶକ୍ତିଶାଳୀ କରିବା ଏବଂ ଏକ ସୁଦୃଢ଼ ଓ ସ୍ୱଚ୍ଛ ମାନ୍ୟତା ତଥା ସ୍ୱୟଂଶାସନ ବ୍ୟବସ୍ଥା ମାଧ୍ୟମରେ ଉତ୍କର୍ଷକୁ ପ୍ରୋତ୍ସାହିତ କରିବା । ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ମାନଦଣ୍ଡ ସ୍ଥିର କରିବା, ନିୟମାବଳୀରେ ସମନ୍ୱୟ ରକ୍ଷା କରିବା ଏବଂ ଉତ୍କର୍ଷତା, ସ୍ୱୟଂଶାସନ ଓ ସ୍ୱଚ୍ଛ ମାନ୍ୟତାକୁ ପ୍ରୋତ୍ସାହିତ କରିବା ପାଇଁ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ' ପ୍ରତିଷ୍ଠା କରିବା । ସେ କହିଛନ୍ତି ଯେ ଏହି ଆଇନ 'ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାଧୀନ ସ୍ୱ-ପରିଚାଳିତ ଅନୁଷ୍ଠାନ ହେବା ପାଇଁ ସୁବିଧା ଯୋଗାଇବାକୁ' ଚେଷ୍ଟା କରିବ । ଡିସେମ୍ବର ୧୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ସଂସଦରେ ଉପସ୍ଥାପନ ପାଇଁ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, ୨୦୨୫ କୁ ଅନୁମୋଦନ କରିଥିଲେ। ଏହି ବିଲ୍ ତିନୋଟି ପରିଷଦ ସହିତ ଏକ ଶୀର୍ଷ ସଂସ୍ଥା ଭାବରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରେ ଯଥା – ବିକଶିତ ଭାରତ ଶିକ୍ଷା ବିନିୟମନ ପରିଷଦ (ରେଗୁଲେଟରୀ କାଉନସିଲ), ବିକଶିତ ଭାରତ ଶିକ୍ଷା ଗୁଣବତ୍ତା ପରିଷଦ (ଆକ୍ରିଡେସନ କାଉନସିଲ), ଏବଂ ବିକଶିତ ଭାରତ ଶିକ୍ଷା ମାନକ ପରିଷଦ (ଷ୍ଟାଣ୍ଡାର୍ଡ କାଉନସିଲ) । ଏହି ବିଲ୍ ମ୍ୟୁଚୁଆଲ ରେକଗନାଇଜେସନ, ମଲଟି ଡିସିପ୍ଲିନାରୀ, ଇଣ୍ଟର ଡିସିପ୍ଲିନାରୀ, ସହ ଦକ୍ଷତା ଓ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବ। ଶିକ୍ଷା ମନ୍ତ୍ରଣାଳୟ, ୟୁଜିସି, ଏଆଇସିଟିଇ ଏବଂ ଏନସିଟିଇ ଅଧୀନରେ ଥିବା ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ମାନଦଣ୍ଡ ନିର୍ଦ୍ଧାରଣ ପାଇଁ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନର ଅଧୀନରେ ରହିବେ । ଜାତୀୟ ଶିକ୍ଷା ନୀତି, ୨୦୨୦ ରେ ପରିକଳ୍ପିତ ହୋଇଥିବା କାଉନସିଲ୍ ଅଫ୍ ଆର୍କିଟେକ୍ଚର (ସିଓଏ) ଏକ ବୃତିଗତ ମାନକ ସେଟିଂ ସଂସ୍ଥା (ପିଏସଏସବି) ଭାବରେ କାର୍ଯ୍ୟ କରିବ । ଏହି ବିଲ୍ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରାଯାଇଥିବା ସ୍ୱୟଂଶାସନର ବର୍ତ୍ତମାନର ସ୍ତରକୁ ବଜାୟ ରଖିବା ସୁନିଶ୍ଚିତ କରୁଛି ।

# ସାହିତ୍ୟ ପତ୍ରିକା 'ଶତଦ୍ରୁ'ର ୪୧ତମ ପୂର୍ତ୍ତି ଉତ୍ସବ ଓ ସଂବର୍ଦ୍ଧନା : ୧୬ ଜଣଙ୍କୁ 'ଶତଦ୍ରୁ' ସମ୍ମାନ

**ଭୁବନେଶ୍ୱର, ୧୬/୧୨ ନ୍ୟୁଜ ବ୍ୟୁରୋ**

ଶତଦ୍ରୁ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ଅନ୍ୟତମ ସଂଭ୍ରାନ୍ତ ସାହିତ୍ୟ ପତ୍ରିକା 'ଶତଦ୍ରୁ'ର ୪୧ ତମ ପୂର୍ତ୍ତି ଉତ୍ସବ-୨୦୨୫ ଶତଦ୍ରୁର ମୁଖ୍ୟ ସଂପାଦକ ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଗୀତ ଗୋବିନ୍ଦ ଭବନ ପ୍ରେକ୍ଷାଳୟରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପ୍ରଖ୍ୟାତ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟ ଉତ୍ସବକୁ ଉଦ୍‌ଘାଟନ କରି କହିଲେ ଯେ- 'ଶତଦ୍ରୁ'ର ୪୧ ବର୍ଷର ଦୀର୍ଘ ଯାତ୍ରାରେ ଓଡ଼ିଶାର ବହୁ କବି ଓ ଲେଖକଙ୍କ ସାରସ୍ୱତ ସୃଷ୍ଟି ଓ କର୍ମ ବିକଶିତ ହେଉଅଛି। ଶତଦ୍ରୁକୁ ନିରବଛିନ୍ନ ଭାବେ ପ୍ରକାଶ କରିବାରେ ପ୍ରଫେସର ଉପେନ୍ଦ୍ର ନାୟକଙ୍କ ନିଷ୍ଠା ଓ ସାଧନା ଯେ ଅନୁପେକ୍ଷଣୀୟ ଏଥିରେ ସଂଦେହ ନାହିଁ ବୋଲି ମୁଖ୍ୟ ଅତିଥି, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ବ୍ୟକ୍ତ କରିଥିଲେ। 'ଶତଦ୍ରୁ'ର ବିଶେଷ ସଂଖ୍ୟା ଅତିଥିମାନେ ଉନ୍ମୋଚନ କରିବା ପରେ ପ୍ରଫେସର ଉପେନ୍ଦ୍ର ନାୟକଙ୍କ ଗଳ୍ପ ସମଗ୍ର (ପ୍ରଥମ ଭାଗ)କୁ ଉଦ୍‌ଘାଟକ ଶାନ୍ତନୁ କୁମାର ଆଚାର୍ଯ୍ୟ ଲୋକାର୍ପଣ କରିଥିବା ବେଳେ ସମସ୍ତ ଅତିଥିମାନେ ଡ.




ଉପେନ୍ଦ୍ର ନାୟକଙ୍କ ରଚିତ "ପ୍ରବନ୍ଧ ଲହରୀ" ଉନ୍ମୋଚନ କରିଥିଲେ। ବଙ୍ଗୀୟ କବି ତଥା 'ଚିନ୍ତକ'ର ସଂପାଦକ ଫାଲଗୁନୀ ଘୋଷ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ବଙ୍ଗଳା ପତ୍ର ପତ୍ରିକାର ଅବଦାନ ଓ ଜନ୍ମମୃତ୍ୟୁର ବର୍ଣ୍ଣନା ସହିତ 'ଶତଦ୍ରୁ'ର ଦୀର୍ଘ ବର୍ଷର ପ୍ରକାଶନକୁ ପ୍ରଶଂସା ବାଢିଥିଲେ। ସମ୍ମାନିତ ଅତିଥି କବି ଫନୀ ମହାନ୍ତି 'ଶତଦ୍ରୁ'ର ଜନ୍ମ ଜାତକ କିପରି ଗଢା ହୋଇଥିଲା, ସେ ସ୍ମୃତିର ଅବତାରଣା କରିବା ସଙ୍ଗେ ସଙ୍ଗେ ପତ୍ର ପତ୍ରିକାର ଉପାଦେୟତା ଓ ଦାୟବଦ୍ଧତା ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି, ପୂର୍ବତନ ମନ୍ତ୍ରୀ ତଥା କଥାକାର ପଞ୍ଚାନନ କାନୁନ୍‌ଗୋ 'ଶତଦ୍ରୁ'ର ଜନ୍ମ, ଜୀବନ ଓ ଉତ୍ତରଣରେ ସଂପାଦକ ଉପେନ୍ଦ୍ର ନାୟକଙ୍କ ଏକାଗ୍ରତା ଓ ଏକନିଷ୍ଠତାକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ 'ଶତଦ୍ରୁ'ର ଶତାୟୁ କାମନା କରିଥିଲେ। ମୁଖ୍ୟବକ୍ତା କଥାକାର ଡକ୍ଟର ଦିବାକର ମାନସିଂହ 'ଶତଦ୍ରୁ'ର ନିରବଛିନ୍ନତା ଓ ପରିଛନ୍ନତା ସହିତ ଓଡ଼ିଆ ସାହିତ୍ୟ ପତ୍ରିକା ପରଂପରାରେ ଶତଦ୍ରୁର ଏକ ସମୃଦ୍ଧ ସ୍ଥାନ ନିରୂପଣ କରିଥିବା ବେଳେ ସମ୍ମାନିତ ବକ୍ତା ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ "ଶତଦ୍ରୁ"ର ବୈଶିଷ୍ଟ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଭାପତି, ଡକ୍ଟର ଉପେନ୍ଦ୍ର ନାୟକ ସାହିତ୍ୟ ଓ ସାହିତ୍ୟିକର ସମୃଦ୍ଧି ଓ ବିକାଶ ନିମନ୍ତେ ପତ୍ରପତ୍ରିକାର ସେବା ଓ ଅବଦାନର ପଟାନ୍ତର ନାହିଁ ବୋଲି ଉଲ୍ଲେଖ କରିଥିଲେ। ଏହାପରେ 'ଶତଦ୍ରୁ'ରେ କ୍ରମାଗତ ଲେଖି ଆସୁଥିବା କବି, ଲେଖକ ଲେଖିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶତଦ୍ରୁ ସୃଜନ ସମ୍ମାନ-୨୦୨୫ରେ ଅନୁବାଦିକା ସୁପ୍ରଭା ରାୟଙ୍କୁ ସମ୍ମାନିତା କରାଯାଇଥିବା ବେଳେ ପ୍ରଖ୍ୟାତ ପୁରାଣ ବିଶାରଦା ଶାସ୍ତ୍ରଦର୍ଶୀ ଚିତ୍ରକଳା ନାୟକଙ୍କ ସ୍ମୃତିରେ ବିଶିଷ୍ଟ ପୌରାଣିକ ଉପନ୍ୟାସର ସ୍ରଷ୍ଟା ଡ. ଅର୍ଚ୍ଚନା ନାୟକଙ୍କୁ ଚିତ୍ରକଳା ନାୟକ ସ୍ମୃତି ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଶତଦ୍ରୁ' କବିତା ସମ୍ମାନ-୨୦୨୩ ପାଇଁ କବି ଅମରେଶ ପଟ୍ଟନାୟକ, ଶତଦ୍ରୁ ଗଳ୍ପ ସମ୍ମାନ-୨୦୨୩ ପାଇଁ ଡ. ସୁଲୋଚନା ଦାସ ଓ ଶତଦ୍ରୁ ପ୍ରବନ୍ଧ ସମ୍ମାନ-୨୦୨୩ ପାଇଁ ଡ. ଉଦ୍ଧବ ଚରଣ ନାୟକଙ୍କୁ ସମ୍ମାନିତ କରାଯାଇଥିବା ବେଳେ 'ଶତଦ୍ରୁ' କବିତା ସମ୍ମାନ-୨୦୨୪ ପାଇଁ ଡ. ରବିନାରାୟଣ ସେନାପତି, 'ଶତଦ୍ରୁ' କବିତା ସମ୍ମାନ-୨୦୨୪ ପାଇଁ ଇନ୍ଦିରା ଦାସ ଓ 'ଶତଦ୍ରୁ' ପ୍ରବନ୍ଧ ସମ୍ମାନ-୨୦୨୪ ପାଇଁ ଡ. ବିଜୟାନନ୍ଦ ସିଂହଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି 'ଶତଦ୍ରୁ' କବିତା ସମ୍ମାନ-୨୦୨୫ରେ ଡ. ରଂଜିତା ନାୟକ, 'ଶତଦ୍ରୁ' ଗଳ୍ପ ସମ୍ମାନ-୨୦୨୫ରେ ଶ୍ରୀମତୀ ରୁମ୍‌ଝୁମ୍ ନାୟକ ଓ 'ଶତଦ୍ରୁ' ପ୍ରବନ୍ଧ ସମ୍ମାନ-୨୦୨୫ରେ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ଆଶୁତୋଷ ପରିଡାଙ୍କୁ ଇଂ ନରେନ୍ଦ୍ର ପ୍ରସାଦ ନାୟକ ସ୍ମୃତି ସମ୍ମାନ-୨୦୨୫, ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ କବି ଅଚ୍ୟୁତାନନ୍ଦ ନାୟକ ସ୍ମୃତି ସମ୍ମାନ-୨୦୨୫, ବିଷ୍ଣୁ ମୋହନ ମହାନ୍ତିଙ୍କୁ ଶତଦ୍ରୁ ଶିକ୍ଷା ପ୍ରସାର ଓ ସାରସ୍ୱତ ସମ୍ମାନ ୨୦୨୫, ଅମର ନାରାୟଣ ଦାସଙ୍କୁ ଶତଦ୍ରୁ ସାରସ୍ୱତ ସମ୍ମାନ-୨୦୨୫ ଓ ଡାକ୍ତର ପ୍ରମିଳା ପାଢୀଙ୍କୁ ଶତଦ୍ରୁ ଗୀତ ସୃଜନ -୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମଧୁମିତା ମିଶ୍ର ଓ ଚମକଚନ୍ଦିନୀ ଦାସ ସଂଯୋଜନା କରିଥିଲେ। 'ଶତଦ୍ରୁ'ର ସଂଯୋଜକ ଡକ୍ଟର ଛତ୍ରପତି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ଓ ସାହିତ୍ୟିକ ଡ. ରାମଚନ୍ଦ୍ର ମହାନ୍ତି, ଦେବେନ୍ଦ୍ର ନାଥ ଦାସ, ମହିମା ପୃଷ୍ଟି, ଡା. ସସ୍ମିତା ନାୟକ, ମଧୁସ୍ମିତା ନାୟକ, ଦୀପା ନାୟକ, ଶିପ୍ରା ନାୟକ, ଅଧ୍ୟାପକ ଭକ୍ତବନ୍ଧୁ ଜେନା ଓ ଅନିରୁଦ୍ଧ ପ୍ରମୁଖ ସଭା ପରିଚାଳନା କରିଥିଲେ। ଶ୍ରୀମତୀ ପ୍ରତିମା ପତି ପ୍ରାରମ୍ଭରେ ବେଦପାଠ କରିଥିଲେ।

# ଦୁଲାଲ ମିଶ୍ରଙ୍କ ସମର୍ପିତ ସାମ୍ବାଦିକତା ଯୁବ ସାମ୍ବାଦିକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ



**ଭୁବନେଶ୍ୱର, ୧୬/୧୨ ନ୍ୟୁଜ ବ୍ୟୁରୋ**

ନିଷ୍ଠା ଓ ସମର୍ପିତ ସାମ୍ବାଦିକତା କ୍ଷେତ୍ରରେ ଦୁଲାଲ ମିଶ୍ର ଅନ୍ୟତମ ବିନ୍ଧାଣୀ ଥିଲେ। ସତୁରୀ ଦଶକ ପୂର୍ବରୁ ସେ ନିଷ୍ଠାର ସହ ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ ଏବଂ ଶେଷ ସମୟ ପର୍ଯ୍ୟନ୍ତ ସାମ୍ବାଦିକତାରେ ବ୍ରତୀ ରହିଥିଲେ। ତାଙ୍କର ସମଗ୍ର ଜୀବନ କାଳ ସମର୍ପିତ ସାମ୍ବାଦିକତାରେ ହିଁ ଅତିବାହିତ ହୋଇଥିଲା। ବର୍ତ୍ତମାନର ଯୁବପିଢି ସାମ୍ବାଦିକମାନେ ତାଙ୍କର ସମର୍ପିତ ସାମ୍ବାଦିକତାରେ ଅନୁପ୍ରାଣିତ ହେଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ବହୁ ବିଶିଷ୍ଟ ସାମ୍ବାଦିକ ମତବ୍ୟକ୍ତ କରିଛନ୍ତି।

ବର୍ଷୀୟାନ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ବିୟୋଗରେ ମଙ୍ଗଳବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜରେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସାମ୍ବାଦିକ ସ୍ୱର୍ଗତ ମିଶ୍ର ୧୯୭୧ ବାଲାଂଦେଶ ଯୁଦ୍ଧ ସମୟରେ କଟକରେ ରହି 'ମାତୃଭୂମି' ଖବରକାଗଜରେ ଯୁଦ୍ଧ ବିଷୟରେ ରିପୋର୍ଟିଂ କରିଥିଲେ ଯାହା ସେ ସମୟରେ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା ବୋଲି ମତପ୍ରକାଶ ପାଇଥିଲା। ସେହିପରି 'କଳିଙ୍ଗ ମେଲ୍', 'ଦିନଲିପି', 'ଜନଭାଷା' ଏବଂ 'ଆଜିକାଲି' ଭଳି ଅନେକ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସହ ସେ ଜଡ଼ିତ ରହିଥିଲେ ଏବଂ ଏହାର ସମ୍ପାଦନା ଦାୟିତ୍ୱ ମଧ ନିଷ୍ଠା ଓ ଦକ୍ଷତାର ସହ ତୁଲାଇଥିଲେ। ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ବଳିଷ୍ଠ ଅବଦାନ ରହିଛି ଯାହା ଯୁବପିଢିର ସାମ୍ବାଦିକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତପ୍ରକାଶ ପାଇଥିଲା। ଏହି ଶୋକସଭାରେ ବରିଷ୍ଠ ସାମ୍ବାଦିକ ସର୍ବଶ୍ରୀ ରମେଶ ଚନ୍ଦ୍ର ମହାନ୍ତି, ବିଜୟ ପଣ୍ଡା, ସଞ୍ଜୟ ପ୍ରଧାନ, ବିପିନ ସିଂ, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସର୍ବେଶ୍ୱର ବର୍ଦ୍ଧନ, ମହେଶ୍ୱର ରଥ, ମାଧବାନନ୍ଦ ବେହୁରା, ଅବିନାଶ ମିଶ୍ର, ହରପ୍ରସାଦ ଦାସ, ବଳରାମ ପ୍ରସାଦ ନନ୍ଦ, କିଶୋର ମଙ୍ଗରାଜ, ରାଜକିଶୋର ଦାସ, ସନାତନ ଦଳବେହେରା, ସୁବାସ ସ୍ୱାଇଁ, ବିବେକାନନ୍ଦ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସାମ୍ବାଦିକତା କ୍ଷେତ୍ରରେ ବହୁମୁଖୀ ପ୍ରତିଭା ଓ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଶୋକସଭାରେ ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

# ଏଣିକି ମନଇଚ୍ଛା ବାତିଲ ହୋଇପାରିବନି ଡିଏଲ୍ ଓ ଆରସି

**କଟକ,୧୬/୧୨ ନ୍ୟୁଜ ବ୍ୟୁରୋ**

ରାଜ୍ୟର ଅନେକ ଆରଟିଓ (ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ) ପକ୍ଷରୁ ମୋଟର ଭେଇକିଲ୍ ଆଇନ ଉଲ୍ଲଂଘନ ହୋଇଥିବା ଦର୍ଶାଯାଇ ଗାଡ଼ି ମାଲିକଙ୍କ ଡିଏଲ୍ ବା ଗାଡ଼ିର ଆରସିକୁ ବାତିଲ୍ କରି ଦିଆଯାଉଥିଲା। ଏହାର କୌଣସି ରେକର୍ଡ ରଖାଯାଉ ନ ଥିଲା କିମ୍ବା ଗାଡ଼ି ମାଲିକଙ୍କୁ କାର୍ଯ୍ୟାନୁଷ୍ଠାନର କାରଣ ସମ୍ପର୍କରେ ଅବଗତ କରାଯାଉ ନଥିଲା । ଏନେଇ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)କୁ ଅନେକ ଅଭିଯୋଗ ଆସିବା ପରେ କମିସନର ଏହା ଉପରେ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି । ଏହି ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ବିଭିନ୍ନ ଆରଟିଓ, ଏମ୍‌ଭିଆଇ, ଏଆରଟିଓଙ୍କୁ ଏହି ମର୍ମରେ ନିର୍ଦ୍ଦେଶ ଜାରି କରାଯାଇଛି । ଏସ୍‌ଟିଏ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ ଡ୍ରାଇଭିଂ ଲାଇସେନ୍ସ, ଫିଟ୍‌ନେସ୍ ସାର୍ଟିଫିକେଟ୍, ପଞ୍ଜୀକରଣ ସାର୍ଟିଫିକେଟ୍ ଆଦି ବାତିଲ୍ କରିବା ବେଳେ ଏଥିପାଇଁ ଥିବା ନିୟମର କିପରି ଠିକ୍ ଅନୁପାଳନ କରାଯିବ ସେ ସଂକ୍ରାନ୍ତରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି । ଡିଏଲ୍ ବାତିଲ୍ କରିବା ପୂର୍ବରୁ ଜଣେ ଅଧିକାରୀ କେଉଁ କାରଣ ପାଇଁ ଏହା ବାତିଲ୍ କରୁଛନ୍ତି ସେ ସଂକ୍ରାନ୍ତରେ ଉଲ୍ଲେଖ କରିବେ। ସରକାରୀ ଭାବେ ଏହାର ରେକର୍ଡ ରଖିବେ। ଉକ୍ତ ରେକର୍ଡରେ କେଉଁ କାରଣ ପାଇଁ ଜଣେ ବ୍ୟକ୍ତିଙ୍କ ଡିଏଲ୍ ବାତିଲ୍ ହେଲା ସେ ସଂକ୍ରାନ୍ତରେ ଜଣାଇବେ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲାଇସେନ୍ସିଂ ଅଥରିଟି ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବେ । ଏହି ଡିଏଲ୍ ବାତିଲ୍ ସଂକ୍ରାନ୍ତରେ ସାରଥି କିମ୍ବା ବାହନ ପୋର୍ଟାଲରେ ସବିଶେଷ ତଥ୍ୟ ରଖାଯିବ। ଯଦି ଗୋଟେ ଗାଡ଼ିର ଫିଟ୍‌ନେସ୍ ସାର୍ଟିଫିକେଟ୍ ନାହିଁ ତାହେଲେ ଉକ୍ତ ଗାଡ଼ିଟି ପଞ୍ଜୀକରଣ ପାଇଁ ମଧ ଯୋଗ୍ୟ ନୁହେଁ । ଯଦି କୌଣସି ଗାଡ଼ି ରାସ୍ତାରେ ଗଡ଼ିବା ପାଇଁ ଫିଟ୍ ନଥିବ ଏବଂ ଗାଡ଼ିଟି ଚାଲୁଥିବାର ଦେଖାଯିବ ତାହେଲେ ଏମ୍‌ଭିଆଇ ତୁରନ୍ତ ଉକ୍ତ ଗାଡ଼ିର ଫିଟ୍‌ନେସ୍ ସାର୍ଟିଫିକେଟ୍‌କୁ ବାତିଲ୍ କରିବା ପାଇଁ ପଦକ୍ଷେପ ନେବେ । ଯଦି କୌଣସି ଗାଡ଼ି ଦୁର୍ଘଟଣା ପରେ ତାହାର ବୈଧ ଫିଟ୍‌ନେସ୍ ସାର୍ଟିଫିକେଟ୍ ନଥିବାର ଜଣାପଡ଼ିବ ଉକ୍ତ ଗାଡ଼ିର ଫିଟନେସ୍ ସାର୍ଟିଫିକେଟ୍‌କୁ ତୁରନ୍ତ ବାତିଲ୍ କରାଯିବ। ଏ ସଂକ୍ରାନ୍ତରେ ବାହାନ ପୋର୍ଟାଲରେ ଦର୍ଶାଯିବ। ଗୋଟେ ଗାଡ଼ି ଯଦି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ତେବେ ତାହାର ଆରସିକୁ ବାତିଲ୍ କରାଯିବ । ଯଦି ଗାଡ଼ି ସମ୍ପୂର୍ଣ୍ଣ ଭାବେ ବ୍ୟବହାର ପାଇଁ ଅନୁପଯୋଗୀ ସେ କ୍ଷେତ୍ରରେ ମଧ ଆରସି ବାତିଲ୍ କରାଯିବ କିମ୍ବା ଗାଡ଼ିଟି ଯଦି ସର୍ବସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରୁଥାଏ ସେ କ୍ଷେତ୍ରରେ ମଧ ଆରସି ବାତିଲ୍ କରାଯାଇ ପାରିବ । ଏସବୁ କ୍ଷେତ୍ରରେ କେତେକ ନିୟମକୁ ସମସ୍ତ ଆରଟିଓ, ଏମ୍‌ଭିଆଇ, ଏଆରଟିଓମାନେ ପ୍ରାଧାନ୍ୟ ଦେବାକୁ କୁହାଯାଇଛି । ପ୍ରଥମେ ଗାଡ଼ିଟିକୁ ଯାଞ୍ଚ କରି ତାହାର କ'ଣ ସବୁ ତ୍ରୁଟି ରହିଛି ତାହାର ଏକ ରେକର୍ଡ ପ୍ରସ୍ତୁତ କରିବେ ।

## ଦୟା ପଠାରେ ଯୌନପିପାସୁଙ୍କ ନାରକୀୟ କାଣ୍ଡ

# ପ୍ରେମିକକୁ ପଥରରେ ଛେଚି ପ୍ରେମିକାକୁ ଉଠାଇନେଲେ : ରେକର୍ଡିଂ କଲେ ଦୁଷ୍କର୍ମ ବେଳର ଦୃଶ୍ୟ

**ଭୁବନେଶ୍ୱର/ଧଉଳି,୧୬/୧୨ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ବଳିଗଲା ଗୋପାଳପୁର ସି-ବିଚ୍ ଭଳି ଘଟଣାକୁ । ପ୍ରେମିକକୁ ପଥରରେ ଛେଚି ଲହୁଲୁହାଣ କରିବା ପରେ ପ୍ରେମିକା (ନାବାଳିକା ଛାତ୍ରୀ)କୁ ଗଣଦୁଷ୍କର୍ମ କରାଯାଇଛି । ୩ ଯୌନ ପିପାସୁଙ୍କ ଏଭଳି ନାରକୀୟକାଣ୍ଡ ଜଣାପଡ଼ିବା ପରେ ରାଜଧାନୀ ସମେତ ପୂରା ରାଜ୍ୟରେ ଘୋର ଆଲୋଡ଼ନ ସୃଷ୍ଟି ହୋଇଛି । ଅଭିଯୋଗ ପାଇ ଧଉଳି ଥାନା ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିବା ବେଳେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ତେବେ ଏହି ଗଣଦୁଷ୍କର୍ମ ମାମଲାର ମୁଖ୍ୟ ଅଭିଯୁକ୍ତ ଏବଂ ତା'ର ଦୁଇ ସହଯୋଗୀ ଜେଲ୍ ଫେରନ୍ତା ପେଷାଦାର ଅପରାଧୀ ବୋଲି ଜଣାପଡ଼ିଛି । ଶିଶୁପାଳଗଡ଼ ଅଞ୍ଚଳର ଉକ୍ତ ମୁଖ୍ୟ ଅଭିଯୁକ୍ତ ଜଣକ ଫେରାର୍ ହୋଇଯାଇଛି । ତାକୁ ଗିରଫ କରିବା ପାଇଁ କମିଶନରେଟ୍ ପୁଲିସର ଦୁଇଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ମିଳିଥିବା ଅଭିଯୋଗ ମୁତାବକ, ଗତ ୧୦ ତାରିଖରେ ନାବାଳିକା ଓ ତାଙ୍କ ପୁରୁଷ ବନ୍ଧୁ ଶାନ୍ତିସ୍ତୂପ ଧଉଳି ବୁଲିବାକୁ ଯାଇଥିଲେ । ବୁଲାବୁଲି ସାରି ସେଠାରୁ ସେମାନେ ସନ୍ଧ୍ୟା ପ୍ରାୟ ୭ଟା ବେଳେ ବାଇକ୍‌ରେ ଫେରୁଥିଲେ । ସେମାନେ ଲିଙ୍ଗିପୁର-ଟଙ୍କପାଣି ରାସ୍ତାରେ ଫେରୁଥିବା ବେଳେ ଅଧାବାଟରେ ଅନ୍ଧାରରେ ବାଇକ୍ ରଖି ନଦୀ ପଠାରେ ବସିଥିଲେ । ଏହି ସମୟରେ ୫ ଜଣ ଦୁର୍ବୃତ୍ତ ସେମାନଙ୍କ ପାଖରେ ପହଞ୍ଚି କେତେ ଟଙ୍କା ରଖିଛ ଦେଇଦିଅ ବୋଲି କହିଥିଲେ। ସେମାନେ ମନା କରିବାରୁ ଦୁର୍ବୃତ୍ତମାନେ ପୁରୁଷବନ୍ଧୁଙ୍କୁ ନିସ୍ତୁକ ମାଡ଼ ମାରିବା ସହ ପଥରରେ ଛେଚି ମୋବାଇଲ ଓ ଟଙ୍କା ଲୁଟିଥିଲେ । ପ୍ରେମିକା ନାବାଳିକା ଜଣଙ୍କ ପ୍ରତିବାଦ କରିବାରୁ ସେମାନଙ୍କ ମଧ୍ୟରୁ ୩ ଜଣ ତାଙ୍କୁ ଟଣାଓଟରା କରିବା ସହ ଡ୍ରେସ୍ ଚିରି ଦେଇଥିଲେ । ୨ ଜଣ ପ୍ରେମିକକୁ ଧରି ମାଡ଼ ମାରୁଥିବା ବେଳେ ୩ ଜଣ ଜେଲ୍ ଫେରନ୍ତା ନାବାଳିକାଙ୍କୁ ନଦୀ ପଠାକୁ ଟେକି ନେଇଥିଲେ । ନାବାଳିକା ଜଣଙ୍କ ଚିତ୍କାର କରି ନେହୁରା ହୋଇଥିଲେ ମଧ ଯୌନ ପିପାସୁମାନେ ଅତି ନୃଶଂସ ଭାବେ ଜଣ ଜଣ କରି ତାଙ୍କୁ ଦୁଷ୍କର୍ମ କରିଥିଲେ। ଏପରିକି ବଳାତ୍କାର ବେଳର ଦୃଶ୍ୟକୁ ମୋବାଇଲରେ ରେକର୍ଡିଂ କରିଥିଲେ। କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇ ୫ ଜଣଯାକ ସେଠାରୁ ପଳାଇଥିଲେ । ବହୁ କଷ୍ଟରେ ପୀଡ଼ିତା ଜଣଙ୍କ ପୁରୁଷବନ୍ଧୁଙ୍କ ସହ ଧଉଳି ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ତେବେ ଏଭଳି ସମ୍ବେଦନଶୀଳ ଘଟଣାକୁ ପୁଲିସ କମିଶନରେଟ୍ ଅତି ଖାମଖିଆଲ ଭାବେ ନେଇଥିଲା। ଏକ ଅସଦାଚରଣ ମାମଲା ରୁଜୁକରି ପୀଡ଼ିତା ଓ ପୁରୁଷବନ୍ଧୁଙ୍କୁ ବିଦା କରି ଦେଇଥିଲା। ବଳାତ୍କାରୀଙ୍କ ଆକ୍ରମଣରେ ଉକ୍ତ ଯୁବକଙ୍କ ଆଖି ନଷ୍ଟ ହୋଇଯାଇଛି । ତଥାପି ଏହି ଘଟଣାକୁ ପୁଲିସ ହାଲୁକା ଭାବେ ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ତେବେ ଏହି ଘଟଣା ପ୍ରଘଟ ହେବା ପରେ ଭୁବନେଶ୍ୱର ଡିସିପି ତୁରନ୍ତ ଧଉଳି ଥାନା ଅଧିକାରୀ ପ୍ରଦୀପ କିଶୋର ନାୟକଙ୍କୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ଆଇଆଇସି ସ୍ମୃତିରଞ୍ଜନ ମହାନ୍ତିଙ୍କୁ ଧଉଳି ଥାନାର ଦାୟିତ୍ୱ ଦେବା ସହ ମାମଲାର ଗୁରୁତ୍ୱ ଉପଲବ୍ଧି କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଧଉଳି ଥାନା ପୁଲିସ ଗଣଦୁଷ୍କର୍ମ ମାମଲା ରୁଜୁକରି ତନାଘନା ଆରମ୍ଭ କରିଛି । ପୁଲିସ ନାବାଳିକାର ଡାକ୍ତରୀ ପରୀକ୍ଷା କରାଇବା ସହ ବିଏନ୍‌ଏସ୍‌ଏସ୍-୧୮୩, ବିଏନ୍‌ଏସ୍‌ଏସ୍-୧୮୦ରେ ବୟାନ ରେକର୍ଡ କରିଛି । ୨ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଯାଇଛି । ତେବେ ମୁଖ୍ୟ ଅଭିଯୁକ୍ତ ଜେଲ୍ ଫେରନ୍ତା ସମେତ ଅନ୍ୟ ୨ ସହଯୋଗୀଙ୍କୁ ଗିରଫ କରିବା ପାଇଁ କମିଶନରେଟ୍ ପୁଲିସର ୨ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ସୂଚନା ଥାଉକି, ବ୍ରହ୍ମପୁର ଗୋପାଳପୁର ସି-ବିଚ୍ ସେପ୍ଟେମ୍ବର ୧୫ ସନ୍ଧ୍ୟାରେ ପୁରୁଷବନ୍ଧୁଙ୍କୁ ମାଡ଼ମାରି ଜଣେ ୨୦ ବର୍ଷର କଲେଜ ଛାତ୍ରୀଙ୍କୁ ୧୦ ଜଣ ଯୌନପିପାସୁ ଗଣ ଦୁଷ୍କର୍ମ କରିଥିଲେ । ପୁଲିସ ଏହି ମାମଲାରେ ୪ ନାବାଳକ ସମେତ ୧୦ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ସେହିପରି ଏହି ଘଟଣାର ୨ ଦିନ ପରେ ପୁରୀ ବାଲିହରଚଣ୍ଡୀ ପୀଠରୁ ଆଉ ଏକ ଗଣଦୁଷ୍କର୍ମ ଘଟଣା ସାମ୍ନାକୁ ଆସିଲା । ପ୍ରେମିକ ସହ ୧୯ ବର୍ଷର ଯୁବତୀ ମା'ଙ୍କ ପୀଠ ନିକଟ ବେଳାଭୂମିରେ ବୁଲୁଥିବା ବେଳେ ୨ଜଣ ଯୌନ ରାକ୍ଷାସଙ୍କ କବଳରେ ପଡ଼ିଲେ। ଦିନ ଦ୍ୱିପହରରେ ପ୍ରେମିକକୁ ଗଛରେ ବାନ୍ଧି ଯୁବତୀଙ୍କୁ ଦୁଷ୍କର୍ମ କଲେ। ଏହି ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ ଖୋଦ୍ ରାଜଧାନୀରେ ଏହି ଘଟଣା ସାରା ରାଜ୍ୟରେ ଘୋର ଆଲୋଡ଼ନ ସୃଷ୍ଟି କରିଛି।

## ଭୟଶୂନ୍ୟ ହେଉଛନ୍ତି ଅପରାଧୀ : ନବୀନ

**ଭୁବନେଶ୍ୱର, ୧୬।୧୨ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରର ଛାତି ଉପରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଏବଂ ବିଚଳିତ କରିଦେବା ପରି ବିଷୟ। ବର୍ବରତା ଓ ଅରାଜକତା ସୀମା ଟପୁଛି। ରାଜ୍ୟ ରାଜଧାନୀ ଅସୁରକ୍ଷିତ ହେଉଛି। ଭୟଶୂନ୍ୟ ହେଉଛନ୍ତି ଅପରାଧୀ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସରେ ଉଲ୍ଲେଖ କରିଛନ୍ତି।

ଆଇନଶୃଙ୍ଖଳା କେତେ ଆଉ ବିପର୍ଯ୍ୟସ୍ତ ହେଲେ ସରକାର ସଜାଗ ହେବେ? ମହିଳାଙ୍କ ସୁରକ୍ଷା ସହ ଅପରାଧ ପ୍ରବଣତାକୁ ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନିଅନ୍ତୁ। ଘଟଣା ଘଟିବା ପରେ ନୁହେଁ, ପୂର୍ବରୁ ଏହାକୁ ରୋକିବା ଦିଗରେ ସରକାର ତତ୍ପର ହୁଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି।

## ନିଜ ଆଡୁ ମାମଲା ରୁଜୁ କଲେ ଶିଶୁ କମିସନ

**ଭୁବନେଶ୍ୱର ୧୬।୧୨ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଧଉଳି ଗଣଦୁଷ୍କର୍ମ ମାମଲାରେ ନିଜ ଆଡୁ ମାମଲା ରୁଜୁ କଲେ ଶିଶୁ କମିସନ। ଧଉଳି ଥାନାରେ ଶିଶୁ କମିସନ ସଦସ୍ୟା ପହଞ୍ଚି ଥାନା ଅଧିକାରୀଙ୍କ ସହ ଆଲୋଚନ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଶିଶୁ କମିସନଙ୍କ ସଦସ୍ୟ କ୍ରାଇମ ସ୍ପଟ୍‌କୁ ଯାଇଥିଲେ। ଏହାପରେ ପୀଡ଼ିତାଙ୍କୁ ଭେଟି ତାଙ୍କୁ କାଉନସେଲିଂ କରିବା ସହ ତାଙ୍କୁ ସାହସ ଜୁଟାଇବା ଦିଗରେ ଆଲୋଚନା କରିଛନ୍ତି ଓ ସେହିପରି ମହିଳା କମିଶନ ମଧ ଧଉଳି ଥାନା ଓ କ୍ରାଇମ୍ ସ୍ପଟ୍‌କୁ ଯାଇ ମାମଲାର ଯାଞ୍ଚ କରିଛନ୍ତି । ସେପଟେ ସମ୍ବେଦନଶୀଳ ଘଟଣାକୁ ନେଇ କମିଶନରେଟ୍ ପୋଲିସ ଗଠନ କରିଛି ସ୍ୱତନ୍ତ୍ର ଟିମ୍ ଓ ମୁଖ୍ୟ ଅଭିଯୁକ୍ତ ସହ ଫେରାର ୩ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛନ୍ତି। ସେହିଭଳି କ୍ରାଇମ ସ୍ପଟ୍ ଯାଇ ତଦନ୍ତ କରିଛି ସାଇଣ୍ଟଫିକ୍ ଟିମ୍। କୋର୍ଟରେ ପୀଡିତାଙ୍କର ବୟାନ ରେକର୍ଡ କରାଯାଇଛି।